

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୬୯ ● ୨୮ ଅକ୍ଟୋବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-269 ● 28th October 2024, Monday ● Bhubaneswar | Licensed to post without pre-payment of postage No- BN-60/22-24

# ବାତ୍ୟାଞ୍ଚଳ ପରିଦର୍ଶନ ପରେ ଶୀଘ୍ର କ୍ଷୟକ୍ଷତି ଆକଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୭।୧୦**
**ନ୍ୟୁଜ୍ ବ୍ୟୁରୋ**

ସାମୁଦ୍ରିକ ବାତ୍ୟା 'ଦାନା'ର ପ୍ରଭାବରେ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ଅନ୍ୟ ସ୍ଥାନରେ କ୍ଷୟକ୍ଷତି ହୋଇଥିବା ଅଞ୍ଚଳକୁ ରବିବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗସ୍ତ କରିଥିଲେ। ସେ ହେଲିକପ୍ଟର ଯୋଗେ ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡିକ ପରିଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ପାରାଦୀପ, ମହାକାଳପଡା, ରାଜନଗର, ରାଜକନିକା ଓ ଚାନ୍ଦବାଲିର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଅନୁଧ୍ୟାନ କରିଥିଲେ। ଆକାଶ ମାର୍ଗରୁ ପରିଦର୍ଶନ କରିବା ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସମ୍ପୃକ୍ତ ବିଭାଗକୁ କ୍ଷୟକ୍ଷତିର ତୁରନ୍ତ ଆକଳନ କରିବାରୁ



ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ବାତ୍ୟା ଏବଂ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଖୁବଶୀଘ୍ର ସହାୟତା ପ୍ରଦାନ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ପରିଦର୍ଶନ ସମୟରେ ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ଉପସ୍ଥିତ ରହିଥିଲେ।

ପୂର୍ବରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ବାତ୍ୟା ଦାନା ଯୋଗୁଁ ୧୪ ଜିଲ୍ଲାର ୩୫ ଲକ୍ଷ ୯୫ ହଜାର ୧୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ୧୦୮ ବ୍ଲକ, ୧୬୭୧ ଗ୍ରାମ ପଞ୍ଚାୟତ, ୩୧ ସହରର ୪୨୬ ୱାର୍ଡର ଲୋକେ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛନ୍ତି । ରବିବାର ସକାଳ ୧୦ଟା ସୁଦ୍ଧା ୧୧୭୮ ରିଲିଫ ସେଣ୍ଟର କାର୍ଯ୍ୟକ୍ଷମ ଅଛି। ଲୋକେ ଫେରିବା ଆରମ୍ଭ କଲେଣି। ରନ୍ଧା ଖାଦ୍ୟ ମାଧ୍ୟମରେ ୮ ଲକ୍ଷ ୧୦ ହଜାର ୮୯୬ ଜଣ ଲୋକ ଉପକୃତ ହୋଇଛନ୍ତି। ରିଲିଫ ସେଣ୍ଟରରେ ରୋଷେଇ ସାତ ଦିନ ଯାଏଁ ଚାଲିବ। ଆଂଶିକ କ୍ଷତିଗ୍ରସ୍ତ ଘର ପାଇଁ ପଲିଥିନ ଦିଆଯାଇଛି । ଘର କାମ ନ ସରିବା ଯାଏଁ ସେମାନେ *(ପୃଷ୍ଠା ୭ରେ)*

# ଓଡ଼ିଶାରେ ଆରମ୍ଭ ହେବ ଆୟୁଷ୍ମାନ ଭାରତ: ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ମୋଦି

**ଭୁବନେଶ୍ୱର, ୨୭।୧୦**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୯ରେ ଓଡ଼ିଶାରେ ଆରମ୍ଭ ହେବ ଆୟୁଷ୍ମାନ ଭାରତ ଯୋଜନା। ଭିଡିଓ କନଫରେନସିଂ ମାଧ୍ୟମରେ ଯୋଡି ହୋଇ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏ ନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ନିକଟରେ ସରକାର ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ଆୟୁଷ୍ମାନ ଭାରତରେ ସାମିଲ କରିଛନ୍ତି।

ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ କି ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଖୁବଶୀଘ୍ର ଲାଗୁ ହେବାକୁ ଯାଉଛି। ଏବେ ଡାଟା କାମ ଚାଲିଛି। ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଲାଗୁ ହେବ । ନିର୍ଦ୍ଦିଷ୍ଟ ଭାବରେ ୧ କୋଟି ପରିବାରର ପ୍ରାୟ ୩ କୋଟି ୫୦ ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ମିଳିବ । ଏହା ସାରା ଭାରତ ବର୍ଷରେ ପାଖାପାଖି ୨୭ ହଜାର ହସ୍ପିଟାଲ ସହ ଅନୁବନ୍ଧିତ ହେବ। ଲୋକ




କ୍ୟାସଲେସ ଚିକିତ୍ସା ସୁବିଧା ପାଇବେ। ୭୦ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କୁ ମଧ୍ୟ ଏହି ସ୍ୱାସ୍ଥ୍ୟବୀମା ସୁବିଧା ମିଳିବ । ଏହା ଏକ କମନ କାର୍ଡ ହେବ।

ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ କି, ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୬୭ ଲକ୍ଷ ପରିବାର ସାମିଲ ହେବାକୁ ଥିବାବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ବଳକା ୩୩ ଲକ୍ଷ ପରିବାର ସ୍ୱାସ୍ଥ୍ୟ ବୀମାରେ ସାମିଲ ହେବେ । ପୁରୁଣା ସ୍ୱାସ୍ଥ୍ୟ କାର୍ଡରେ କେବଳ ୯୫୦ଟି ହସ୍ପିଟାଲ ସହ ଅନୁବନ୍ଧିତ ଥିଲା। ସାରା ଭାରତବର୍ଷରେ ଚାଲୁ ନଥିଲା । ନୂଆ ସ୍ୱାସ୍ଥ୍ୟକାର୍ଡରେ ୨୭ ହଜାରରୁ ଅଧିକ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ଉପଲବ୍ଧ ହେବ। ଦାଦନ ଶ୍ରମିକ, ଯେଉଁମାନେ ରାଜ୍ୟ ବାହାରେ ରହି କାମ କରୁଛନ୍ତି ସେମାନେ ମଧ୍ୟ ଏହି ଆୟୁଷ୍ମାନ ଭାରତ– ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଡରେ ଲାଭବାନ ହେବେ।

## ରବୀନ୍ଦ୍ର ସଙ୍ଗୀତ ବଦଳରେ ଆଜି ବୋମା ଶବ୍ଦ ଶୁଣିବାକୁ ମିଳୁଛି: ଶାହା



**କୋଲକାତା, ୨୭।୧୦**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ରବିବାର ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଭାରତ-ବାଂଲାଦେଶ ସୀମାରେ ନୂତନ ଭାବେ ନିର୍ମିତ ଯାତ୍ରୀ ଟର୍ମିନାଲ ବିଲ୍ଡିଂ ଏବଂ କାର୍ଗୋ ଗେଟ୍ ଉଦ୍‌ଘାଟନ କରିଛନ୍ତି । ପେଟ୍ରୋପୋଲ (ଭାରତ)-ବେନାପୋଲ (ବାଂଲାଦେଶ) ଉଭୟ ବାଣିଜ୍ୟ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# 'ମନ କି ବାତ୍'ରେ ଛୋଟା ଭୀମ, ମୋଟୁ-ପତଲୁ ଏବଂ ହନୁମାନଙ୍କ ସମ୍ପର୍କରେ ଉଲ୍ଲେଖ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ କି ବାତ କାର୍ଯ୍ୟକ୍ରମର ୧୧୫ତମ ସଂସ୍କରଣରେ ତାଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ସ୍ମରଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିର୍ସା ମୁଣ୍ଡାଙ୍କ ଜନ୍ମସ୍ଥାନ ପରିଦର୍ଶନ କରିବାର ସୁଯୋଗ ସେ ପାଇଛନ୍ତି। ସେ କହିଛନ୍ତି ଦୁଇ ମହାନ ବ୍ୟକ୍ତିଙ୍କ ୧୫୦ ତମ ଜନ୍ମ ବାର୍ଷିକୀ



ଆସୁଛି । ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ୩୧ ଅକ୍ଟୋବରରୁ ଆରମ୍ଭ ହେବ। ଏହା ପରେ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ୧୫ ନଭେମ୍ବରରୁ ଆରମ୍ଭ ହେବ।

ମେକ୍ ଇନ ଇଣ୍ଡିଆ ବିଷୟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଆନିମେସନ ଦୁନିଆରେ ଭାରତ ଏକ ନୂଆ ବିପ୍ଳବ ଆଣିଛି। ଆନିମେଟେଡ ସିରିଏଲ *(ପୃଷ୍ଠା ୭ରେ)*

# ପ୍ରାୟ ୩୬ ଲକ୍ଷ ଲୋକ 'ଦାନା' ପ୍ରଭାବିତ : ନଭେମ୍ବର ୨ ସୁଦ୍ଧା ଆସିବ ସମ୍ପୂର୍ଣ୍ଣ କ୍ଷୟକ୍ଷତି ରିପୋର୍ଟ

**ଭୁବନେଶ୍ୱର, ୨୭।୧୦**
**ନ୍ୟୁଜ୍ ବ୍ୟୁରୋ**


ବାତ୍ୟା ଦାନାରେ ପ୍ରଭାବିତ ହୋଇଛି ୧୪ ଜିଲ୍ଲାର ୧୦୮ ବ୍ଲକ, ୧୬୭୧ ଗ୍ରାମ ପଞ୍ଚାୟତ। ସେହିପରି ୩୧ ସହରର ୪୨୬ ୱାର୍ଡକୁ ପ୍ରଭାବିତ କରିଛି ଦାନା। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ଏହି ବାତ୍ୟାରେ ସମୁଦାୟ ୩୫ ଲକ୍ଷ ୯୫ ହଜାରରୁ ଅଧିକ



ଲୋକ ପ୍ରଭାବିତ ହୋଇଥିବା ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ତେବେ ନଭେମ୍ବର ୨ ସୁଦ୍ଧା ସମ୍ପୂର୍ଣ୍ଣ କ୍ଷୟକ୍ଷତି ରିପୋର୍ଟ ଆସିବ ବୋଲି କହିଛନ୍ତି ମନ୍ତ୍ରୀ।

ମନ୍ତ୍ରୀ ଆହୁରି କହିଛନ୍ତି, ବାତ୍ୟା ପୂର୍ବରୁ ୮ ଲକ୍ଷ ୧୦ ହଜାର ୮୯୬ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ୧ ଲକ୍ଷ ୨୫ ହଜାର ୯୧ଟି ଘର ସଂପୂର୍ଣ୍ଣ ବା ଆଂଶିକ ଭାବରେ କ୍ଷତିଗ୍ରସ୍ତ *(ପୃଷ୍ଠା ୭ରେ)*

# ଚୁକ୍ତିର ଅର୍ଥ ନୁହେଁ ଯେ ସବୁ ସମାଧାନ ହୋଇଛି: ଏସ ଜୟଶଙ୍କର



**ନୂଆଦିଲ୍ଲୀ, ୨୭।୧୦**

ଚୀନ ଓ ଭାରତ ମଧ୍ୟରେ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍ଏସିରେ ଲାଗି ରହିଥିବା ଅଶାନ୍ତକୁ ଦୂର କରିବା ପାଇଁ ବୁଝାମଣା ହୋଇଛି। ଉଭୟ ଦେଶର ସେନା ପଛକୁ ହଟିବା ଆରମ୍ଭ କରିଛନ୍ତି । ତେବେ ଏହାରି ଭିତରେ ଚୀନ ସହିତ ଭାରତର ସମ୍ପର୍କକୁ ନେଇ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏକ ବଡ଼ ବୟାନ ଦେଇଛନ୍ତି।

ଶନିବାର ଦିନ ସେ କହିଛନ୍ତି ଯେ ଲାଇନ ଅଫ ଆକ୍‌ଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ରେ ପାଟ୍ରୋଲିଂ ନେଇ ଚୀନ ସହ ଏକ ଚୁକ୍ତି ହୋଇଛି। ତେବେ ଏହାର ଅର୍ଥ ନୁହେଁ ଯେ ଦୁଇ ଦେଶ ମଧ୍ୟରେ ଥିବା ସମସ୍ୟାର ସମାଧାନ ହୋଇଛି । ସେ କହିଛନ୍ତି ଯେ ସୈନ୍ୟ ପ୍ରତ୍ୟାହାର ପରବର୍ତ୍ତୀ ପଦକ୍ଷେପ ଉପରେ ବିଚାର କରିବାକୁ ଏକ ସୁଯୋଗ ମିଳିଛି, କିନ୍ତୁ ସମସ୍ୟାର *(ପୃଷ୍ଠା ୭ରେ)*

DSPL-163

ଓଡ଼ିଶା ସରକାର



## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଭଳି ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା ପାଇଁ ଏବଂ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଆହ୍ୱାନ କରୁଛି ।

ମୋ ସରକାର "**ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି**" (Zero Tolerance to Corruption) ଅବଲମ୍ବନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଦୁର୍ନୀତିକୁ ନେଇ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ସ୍ୱଚ୍ଛ ଶାସନ, ତୁରନ୍ତ ନିଷ୍ପତ୍ତି ଓ କାର୍ଯ୍ୟାନୁଷ୍ଠାନ, ଉତ୍ତରଦାୟିତ୍ୱ ସହିତ ସାମାଜିକ ନ୍ୟାୟ, ସମାବେଶୀ ଶାସନ ଉପରେ ଆମ ସରକାର ଗୁରୁତ୍ୱ ଦେଉଛନ୍ତି । ଦୁର୍ନୀତି ନିବାରଣ ପାଇଁ ଉଭୟ ଟପ୍ ଡାଉନ୍ ଓ ବଟମ୍ ଅପ୍ ମଡେଲ୍ କାର୍ଯ୍ୟକାରୀ କରାଯାଉଛି ।

ଏହି ଅବସରରେ ମୁଁ ଆମ ରାଜ୍ୟର ଦୁର୍ନୀତି ନିବାରଣ ବିଭାଗକୁ ଦୁର୍ନୀତି ବିରୋଧରେ ସେମାନଙ୍କ ଦୃଷ୍ଟାନ୍ତମୂଳକ ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଉଛି ।

ଦୁର୍ନୀତିକୁ ଦୂର କରିବା ପାଇଁ ବ୍ୟାପକ ଓ ସମନ୍ୱିତ ଉଦ୍ୟମ ଲୋଡା । ଏହି ଅଭିଯାନରେ ସମାଜର ସମସ୍ତ ବର୍ଗର ଅକୁଣ୍ଠ ସମର୍ଥନ ଓ ସହଯୋଗ ଅତ୍ୟନ୍ତ ଜରୁରୀ ।

ଆସନ୍ତୁ, ଏକ ବିକଶିତ ତଥା ଦୁର୍ନୀତିମୁକ୍ତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସତ୍ୟନିଷ୍ଠ ସଂସ୍କୃତିକୁ ଜୀବନର ଅଂଶବିଶେଷ ଭାବେ ଗ୍ରହଣ କରି କାମ କରି ଚାଲିବା ।

**ବନ୍ଦେ ଉତ୍କଳ ଜନନୀ ।**

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା

OIPR : 12177/13/0001/2425

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ଭାବ୍ୟ ବାତ୍ୟା 'ଦାନା' ଓ ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି, ସୋମବାର ଇଂରାଜୀ ତା୨୮।୧୦।୨୦୨୪ରିଖ ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ସ୍ଥଗିତ ରଖାଗଲା** । ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନ୍‌ଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ସେମାନଙ୍କ ପାଇଁ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-15001/11/0249/2425

# କଳା ବ୍ୟାଗରେ ଅଛି ବୋମା
## ୧୦ ହୋଟେଲକୁ ଧମକ

**ଲକ୍ଷ୍ନୌ, ୨୭।୧୦**

ଭାରତୀୟ ବିମାନ ପରେ ଗୁଜରାଟର ହୋଟେଲ, ଆଉ ଏବେ ପୁଣି ଲକ୍ଷ୍ନୌର କିଛି ହୋଟେଲକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ମିଳିଛି । ଲକ୍ଷ୍ନୌର ପ୍ରତିଷ୍ଠିତ ୧୦ଟି ହୋଟେଲକୁ ବୋମା ଧମକ ମିଳିଥିବା ସୂଚନା ମିଳିଛି । ଇମେଲ ଜରିଆରେ ହୋଟେଲଗୁଡ଼ିକୁ ବୋମା ଧମକ ମିଳିଛି।

ସୂଚନା ଅନୁସାରେ, ରବିବାର ସକାଳ ପ୍ରାୟ ୮ଟା ୩୦ରେ ଏହି ମେଲ ଆସିଥିଲା । Sandyhookchildkilling@outlook.com ମେଲ ଆଇଡିରେ ମେସେଜ ଆସିଥିଲା । ମେଲର ସବ୍‌ଜେକ୍ଟରେ 'ହୋଟେଲରେ ବୋମା' ଲେଖା ଯାଇଥିଲା।

ଏହି ମେଲରେ ଲେଖାଥିଲା, ହୋଟେଲ ଭିତରେ ଏକ କଳା ବ୍ୟାଗରେ ବୋମା ରହିଛି । ମୁଁ ୫୫,୦୦୦ ଡଲାର ଚାହୁଁଛି, ନଚେତ ବୋମା ବିସ୍ଫୋରଣ କରିଦେବି, ଚାରିଆଡେ ରକ୍ତ ରଞ୍ଜିତ ହୋଇଯିବ। ବୋମାକୁ ପ୍ରତିରୋଧ କରିବାକୁ ଚେଷ୍ଟା କରିବ ତ, ବିସ୍ଫୋରଣ ହେବ। ବଞ୍ଚିବାକୁ ଚାହୁଁଥିଲେ ଏହି shaikha.nasser20077@gmail.com ଆଇଡିରେ .୨୦୦୭୭. ଯୋଗାଯୋଗ କରନ୍ତୁ। ହୋଟେଲ କର୍ମଚାରୀ ମେଲ ଦେଖିବା ପରେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ହୋଟେଲଗୁଡିକରେ ପହଞ୍ଚି ସର୍ଚ୍ଚ ଅପରେସନ କରିଛି। ମାତ୍ର ସେପରି କୌଣସି ଆପତ୍ତି ଜନକ ସାମଗ୍ରୀ ପାଇ ନାହିଁ।

ନିକଟରେ ଭାରତୀୟ ବିମାନକୁ ଏପରି ବୋମା ଧମକ ମିଳିବା ପରେ ଏବେ ହୋଟେଲରେ ଆରମ୍ଭ ହୋଇଯାଇଛି । ଶନିବାର ଗୁଜରାଟର ୧୦ଟି ହୋଟେଲକୁ ବୋମା ଧମକ ମିଳିଥିଲା । ସମାନ ଭାବେ ଇମେଲ ଆଇଡି ଜରିଆରେ ଧମକ ଆସିଥିଲା।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୨୮ ଅକ୍ଟୋବର,ସୋମବାର, ୨୦୨୪





# ଦାରିଙ୍ଗବାଡ଼ି କଫି ବଗିଚା ଉନ୍ନତି କରଣରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ଅଭିଯୋଗ : ତଦନ୍ତ ଦାବି

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ଯେପରି ଅଧିକରୁ ଅଧିକ ପର୍ଯ୍ୟଟକ ଆସିବେ ସେଥିପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କଫି ବଗିଚାର ଆଧୁନିକିକରଣ କରାଯଇଥିଲା। ଏଥିରେ କାଫେ ନିର୍ମାଣ ଓ ଶିଶୁ ଉଦ୍ୟାନ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ କରାଯାଇଥିଲା। ତେବେ ଏଥିରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଗତ ୧ /୧୧/୨୩ ରେ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତେବେ କାର୍ଯ୍ୟ ସରିଥିଲେ ବି କେଉଁ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଅର୍ଥ



ଅନୁଦାନ କେଉଁ ବିଭାଗ ପ୍ରଦାନ କରିଛି, କାର୍ଯ୍ୟରମ୍ଭ ଓ ଶେଷ ତାରିଖ, କାର୍ଯ୍ୟ ନିର୍ବାହୀ ସଂସ୍ଥାର ନାମ ରହି ଫଳକ ମରାଯିବାର ସରକାରୀ ନିୟମ ରହିଥିଲେ ବି ଜାଣିଶୁଣି ମରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ପଚାରିଲେ ବି ଦାରିଙ୍ଗବାଡି ପିଆଇଏ ହୃଷିକେଶ ପ୍ରଧାନ ମୁହଁ ଖୋଲୁନଥିବା ବେଳେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପଚାରିବାରେ ସେ ନୂଆ ଆସିଛନ୍ତି। ଏ ସମ୍ପର୍କରେ କିଛି ଜାଣିନଥିବା କଥା କହୁଥିବା ବେଳେ ଏହା ପୁରୁଣା ପିଡିଙ୍କ କାର୍ଯ୍ୟ ବୋଲି କହି ଏଡ଼ାଇ ଯାଉଛନ୍ତି। ଦାରିଙ୍ଗବାଡ଼ିର କଫି ଓ ଗୋଲ ମରିଚ ବଗିଚା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିବା ବେଳେ ଏହାର ଉନ୍ନତି କରଣ ନାମରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ହେଉଥିବା ଦୃଢ଼ ଅଭିଯୋଗ ହେଉଛି। ଅଫିସର ଓ କର୍ମଚାରୀ ମାଲାମାଲ ହେଉଛନ୍ତି। ସେହିପରି ଗୋଟିଏ କାମରେ ଦୁଇଥର ଲେଖାଏଁ ବିଲ୍ କରଯାଉଥିବା ଶୁଣିବାକୁ ମିଳୁଛି। କନ୍ଧମାଳ ଜିଲାର ଥଣ୍ଡା ଜଳବାୟୁ କଫି ଚାଷ ପାଇଁ ଉତ୍କୃଷ୍ଟ ହୋଇଥିବାରୁ ସରକାର ଚଳିତ ବର୍ଷ ଦାରିଙ୍ଗବାଡି ଓ ଜି. ଉଦୟଗିରି ସମେତ କ. ନୂଆଗାଁ, ଟିକାବାଲି, ଫିରିଙ୍ଗିଆ ଓ ରାଇକିଆରେ ୨ ହଜାର ହିତାଧିକାରୀଙ୍କୁ ସାମିଲ କରି ପ୍ରାୟ ୧ ହଜାର ୨୩ ହେକ୍ଟର ଜମିରେ କଫି ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛ। କଫି ଗଛକୁ ଛାଇ ପ୍ରଦାନ ପାଇଁ ହେକ୍ଟର ପିଛା ଦୁଇହଜାର ହିସାବରେ କୋଡ଼ିଏ ଲକ୍ଷ ସିଲଭର ଓକ ଗଛ ଲଗାଯାଇଛ। ଆଗାମୀ ଦିନରେ ୨ ଶହ ଟନ୍ ବିକ୍ରୀ ଯୋଗ୍ୟ କଫି ଉତ୍ପାଦନ ହେବ ବୋଲି ବିଭାଗ କହିଛି। ତେବେ ପ୍ରକୃତରେ ସରକାରଙ୍କ ଏହି କଫି ମିଶନ କାର୍ଯ୍ୟକ୍ରମ କେତେଦୂର ସଫଳ ହେବ ତାହା ସମୟ ହିଁ କହିବ। ଏଣୁ ବର୍ତ୍ତମାନ ସରକାର ଭିଜିଲାନ୍ସ ବିଭାଗ ଦ୍ୱାରା ଏହି ବିଭାଗ ରେ ଚାଲିଥିବା ଦୁର୍ନୀତି ଓ ଅନିୟମିତତାର ନିରପେକ୍ଷ ତଦନ୍ତ କରି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଫିସର ଓ କର୍ମଚାରୀଙ୍କ ବିରୁଧରେ ଆବଶ୍ୟକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାରିଙ୍ଗବାଡିର ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ନୀଳାଚଳ ଇସ୍ପାତ ଓ ଟିଏସ୍‌ଏଫର ପଦକ୍ଷେପ



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଅଞ୍ଚଳର ଶିକ୍ଷା ଭିତ୍ତିଭୂମିରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ ) ଓ ଟାଟା ସ୍କିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ଦାନଗଦୀ ବ୍ଲକ ଅନ୍ତର୍ଗତ ନଡ଼ିଆଭଙ୍ଗା ସ୍ଥିତ ନୀଳାଚଳ ହାଇସ୍କୁଲର ୨୧୦୦ ବର୍ଗ ଫୁଟ ଅଞ୍ଚଳରେ ନବନିର୍ମିତ ଦୁଇଟି ଅତିରିକ୍ତ ପ୍ରକୋଷ୍ଠ ଲୋକାର୍ପଣ କରାଯାଇଛି। ନବନିର୍ମିତ ଏହି ଦୁଇ ପ୍ରକୋଷ୍ଠକୁ ଏନଆଇଏନଏଲର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସୁଧୀର କୁମାର ମେହେଟ୍ଟା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନଡ଼ିଆଭଙ୍ଗା ସରପଞ୍ଚ ରଶ୍ମିତା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସ୍ଥାନୀୟ ଗ୍ରାମବାସୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ନବନିର୍ମିତ ଦୁଇଟି ପ୍ରକୋଷ୍ଠ ମଧ୍ୟରୁ ଗୋଟିଏ ଶ୍ରେଣୀଗୃହ ଏବଂ ଅନ୍ୟଟି ପ୍ରଶାସନିକ କାର୍ଯ୍ୟାଳୟ ପାଇଁ ବ୍ୟବହାର ହେବ, ଯାହା ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ଅବଶ୍ୟକତାକୁ ପୂରଣ କରିବ। ଏଥି ସହିତ ଟିଏସଏଫ ଓ ଏନଆଇଏନଏଲ ସ୍କୁଲର ଅର୍ଦ୍ଧନିର୍ମିତ ପାଚେରୀର ନିର୍ମାଣ କାର୍ଯ୍ୟ ଶେଷ କରିବେ, ଯାହା ବିଦ୍ୟାଳୟର ପରିବେଶର ସୁରକ୍ଷା ଏବଂ ନିରାପତ୍ତା ବୃଦ୍ଧି କରିବ। ଛାତ୍ରଛାତ୍ରୀମାନେ ଯେପରି ଏକ ସୁରକ୍ଷିତ ସ୍ଥାନରେ ଶିକ୍ଷା ଗ୍ରହଣ କରିପାରିବେ ଏବଂ ଖେଳକୁଦ କରିପାରିବେ ତାହା ସୁନିଶ୍ଚିତ କରିବ। ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ସାମଗ୍ରିକ ଶିକ୍ଷା ପ୍ରଦାନ କରୁଥିବା ନୀଳାଚଳ ହାଇସ୍କୁଲ ନଡ଼ିଆଭଙ୍ଗା ଗ୍ରାମ ପଞ୍ଚାୟତର ଏକମାତ୍ର ହାଇସ୍କୁଲ ଅଟେ। ବର୍ତ୍ତମାନ ଏଠାରେ ୨୨୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ଯାହାକି ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ଶିକ୍ଷଣ ବାତାବରଣ ସୃଷ୍ଟି କରିବାର ଗୁରୁତ୍ୱ ବହନ କରିବ। ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଅନୁକୂଳ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ଟିଏସଏଫ ଏବଂ ଏନଆଇଏନଏଲର ମିଳିତ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ପୁଞ୍ଜିନିବେଶ କରି ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ କରି ସଶକ୍ତ କରାଇବ।

# ସ୍ୱାମୀ ଦେଇନଥିଲେ ୨୫ହଜାର ଜରିମାନା, ସ୍ତ୍ରୀ ମୃତଦେହକୁ ସତ୍କାର ପାଇଁ ଅନୁମତି ଦେଲେନି ଗ୍ରାମବାସୀ

**ବାଙ୍ଗିରିପୋଷି, ନ୍ୟୁଜ୍‌ବ୍ୟୁରୋ**



ସ୍ୱାମୀ ୨୫ହଜାର ଟଙ୍କା ଜରିମାନା ଦେଇନଥିବାରୁ ସ୍ତ୍ରୀଙ୍କ ସତ୍କାର ପାଇଁ ଗ୍ରାମାବାସୀ ଅନୁମତି ଦେଇନାହାନ୍ତି। ଟଙ୍କା ଜରିମାନା ଦେବାପରେ ସ୍ତ୍ରୀଙ୍କ ମୃତଦେହ ସତ୍କାର କରିପାରିବେ ବୋଲି ରୋକଠୋକ ଶୁଣାଇଥିଲେ ଗ୍ରାମବାସୀ। ଫଳରେ ମୃତଦେହଟି ସତ୍କାର ହୋଇନପାରି ରାସ୍ତାରେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା।

ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ଗ୍ରାମ ପଞ୍ଚାୟତ ଦୋରକଣ୍ଟିଆ ଗ୍ରାମରେ ସୃଷ୍ଟି ହେଇଛି ଅଭାବନୀୟ ପରିସ୍ଥିତି। ପୂର୍ବରୁ ଗ୍ରାମରେ କରାଯାଇଥିବା ୨୫ ହଜାର ଟଙ୍କା ଜରିମାନା ଦେଇ ନଥିବାରୁ ମୃତଦେହ ସଂସ୍କାର ଲାଗି ଗ୍ରାମବାସୀ ବାରଣ କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀମାନେ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ମୃତଦେହ ଅଟକ ରଖିଥିଲେ। ଖବର ପାଇ ବାଙ୍ଗିରିପୋଷି ଥାନା ଅଧିକାରୀ ରୋଜାଲିନ ବେହେରା ଏବଂ ଅତିରିକ୍ତ ତହସିଲଦାର ଦାମୋଦର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ ଗ୍ରାମବାସୀମାନେ ନିଜ ଜିଦରେ ଅଟଳ ରହି ମୃତଦେହ ସତ୍କାର ପାଇଁ ଅନୁମତି ଦେଇନଥିଲେ। ଫଳରେ ରାସ୍ତା ଉପରେ ମୃତଦେହ ପଡ଼ି ରହିଥିଲା।

ମିଳିଥିବା ସୂଚନା ମୁତାବକ, ଗ୍ରାମର ସୁନ୍ଦର ମୋହନ ମାର୍ଣ୍ଡିଙ୍କର ସ୍ତ୍ରୀ ସାକ୍ରମଣି ମାର୍ଣ୍ଡି ଗତ ୨୩ ତାରିଖ ସଂଧ୍ୟା ୬ (ଛଅ)ଟା ସମୟରେ ମୃତ୍ୟୁବରଣ କରିଥିଲେ । ତେବେ ପୂର୍ବରୁ ଶ୍ରୀ ମାର୍ଣ୍ଡିଙ୍କୁ ଆଦିବାସୀ ସମାଜ ନିୟମ ଅନୁସାରେ ଜରିମାନା କରିଥିବା ୨୫ ହଜାର ଟଙ୍କା ଦେଇ ନଥିବା ଦର୍ଶାଇ ଗ୍ରାମବାସୀମାନେ ଠେଙ୍ଗା, ବାଡି ଧରି ମୃତଦେହକୁ ସତ୍କାର ପାଇଁ ଛାଡି ନ ଥିଲେ। ଅନ୍ୟପକ୍ଷେ ମୃତକଙ୍କ ପରିବାର ଲୋକଙ୍କୁ ଜାଣିଶୁଣି ଜୋରିମାନା କରିବା ସହ ସାମାଜିକ ବାସନ୍ଦର ଭୟ ଦେଖାଇ ହଇରାଣ କରାଯାଉଛି ବୋଲି ବାଙ୍ଗିରିପୋଷି ସେଙ୍ଗେଲ୍ ଅଭିଯାନ ତରଫରୁ ଅଭିଯୋଗ ହୋଇଛି।

# ବାତ୍ୟା 'ଦାନା' ପ୍ରଭାବ ସମୟରେ ଭଦ୍ରକରେ ଜନ୍ମ ନେଲେ ୭୮ଶିଶୁ



**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ବାତ୍ୟା 'ଦାନା'ର ପ୍ରଭାବ ଅନୁଭୂତ ହେଉଥିବା ସମୟରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଭଦ୍ରକରେ ୭୮ଜଣ ନବଜାତକ ଶିଶୁ ଜନ୍ମ ନେଇଥିଲେ। ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ମୋଟ ୩୦୩ଜଣ ଆସନ୍ନ ପ୍ରସବାଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୬୭ଜଣଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର/ପ୍ରସବ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ସନ୍ଧ୍ୟା ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଥିବା ଆସନ୍ନ ପ୍ରସବା ସନ୍ଧ୍ୟା ସୁଦ୍ଧା ୭୮ ଜଣ ନବଜାତକ ଶିଶୁଙ୍କୁ ଜନ୍ମ ନେଇଛନ୍ତି ଓ ସମସ୍ତ ମା' ଓ ଶିଶୁ ସୁସ୍ଥ ଅଛନ୍ତି ବୋଲି ସୂଚନା ଦିଆଯାଇଛି।

# ଯୁବ ରେଡ୍‌କ୍ରସ୍ ସେବାକେନ୍ଦ୍ର ଉଦ୍‌ଯାପିତ




**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର କଲେଜ ଯୁବ ରେଡ୍‌କ୍ରସ୍ ପକ୍ଷରୁ ଚୌଦ୍ୱାର ରୁପଯାତ୍ରା ପଡ଼ିଆରେ ଚାଲିଥିବା ୩ ଦିନିଆ ସେବା କେନ୍ଦ୍ର ଉଦ୍‌ଯାପିତ ହୋଇଯାଇଛି । ଏହି କେନ୍ଦ୍ରକୁ କଟକ ସହର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ଓ ଚୌଦ୍ୱାର ମହାବିଦ୍ୟାଳୟ ଅଧକ୍ଷା ରଶ୍ମୀ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ପୌରପାଳିକା ୧୭ନଂ ୱାର୍ଡ କାଉନସିଲର ଆଶୁତୋଷ ଦାସ, ଚୌଦ୍ୱାର ବିଜୁ ଜନତା ଦଳ ନଗର କାର୍ଯ୍ୟକାରୀ ସଭାପତି ବିମଲ କୁମାର ବେଉରା ଓ ଯୁବ ସମାଜସେବୀ ରାଜ କିଶୋର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରିଥିଲେ। ସ୍ଥାନୀୟ ଅଞ୍ଚଳର ୫ଟି ମହାବିଦ୍ୟାଳୟର ୨୫ ଜଣ ସ୍ୱେଚ୍ଛାସେବୀଙ୍କ ସମେତ କାଉନ୍‌ସିଲର ଅଧ୍ୟାପକ ଓ ଅଧ୍ୟାପିକା ଚୌଦ୍ୱାର ମହାବିଦ୍ୟାଳୟର ବସନ୍ତ କୁମାର ବିଶ୍ୱାଳ ଓ ଡ. ମମତା ସାହୁ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଅବିନାଶ ନାୟକ, ବିଲକେଶ ପର୍ବୀନ, ଆଲୋକ ମହାରଣା, ମମତା ସାହୁ, ଦୀଲ୍ଲିପ କୁମାର ନାୟକ ପ୍ରମୁଖ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କେନ୍ଦ୍ରରେ ଲୋକମାନଙ୍କୁ ମାଗଣାରେ ଔଷଧ ବିତରଣ ସହିତ ପ୍ଲାଷ୍ଟିକ ବ୍ୟବହାରକୁ କିପରି ପ୍ରତିରୋଧ କରି ପରିବେଶ ସୁରକ୍ଷା କରାଯାଇ ପାରିବ ସେ ଦିଗରେ ସଚେତନତା କରାଇଥିଲେ। ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# କର୍ମ କ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ନିଷେଧ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ବ୍ଲକ ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯ୍ୟାତନା ନିଷେଧ ଜନିତ ଆଇନ୍ ସଚେତନତା ନେଇ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ତଥା ପ୍ରଶିକ୍ଷକ ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଫେଲୋସିପ୍‌ର ନିର୍ଦ୍ଦେଶକ ତଥା ୱାନଷ୍ଟପ ସେଣ୍ଟର ଆଇନ୍ ପରାମର୍ଶଦାତା ଲଲାଟେନ୍ଦୁ ମହାନ୍ତି, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ରିସୋର୍ସ ପର୍ସନ କଲ୍ୟାଣ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ଷେତ୍ରରେ ନାରୀମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ପ୍ରଦାନ କରିବା ଦିଗରେ ପ୍ରଣୀତ ଆଇନ୍ ୨୦୧୩ ର ବିଭିନ୍ନ ଦିଗ ସମ୍ବନ୍ଧରେ ଏହି କର୍ମଶାଳାରେ ଟିକିନିଖି ଆଲୋଚନା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନେ ଯୌନ ନିର୍ଯ୍ୟାତନାର ଶିକାର ହେଲେ କିଏ ଅଭିଯୋଗ କରିପାରିବେ, ପ୍ରଣୀତ ଅଧିନିୟମ-୨୦୧୩ କାହାକୁ ସୁରକ୍ଷା ଦିଏ, କେଉଁଠାରେ ଅଭିଯୋଗ କାରିହେବ ଏଥିପାଇଁ କ'ଣ ସବୁ ଦଣ୍ଡବିଧାନ ବ୍ୟବସ୍ଥା ଅଛି ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ କାର୍ଯ୍ୟାଳୟର ଇଣ୍ଟରନାଲ କମ୍ପ୍ଲେନ୍ କମିଟିର ସଦସ୍ୟ/ସଦସ୍ୟା, ମହିଳା ଶିଶୁ ସୁରକ୍ଷା ବିଭାଗର ସି.ଡ଼ି.ପି.ଓ, ସୁପରଭାଇଜର ସମ୍ପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀବୃନ୍ଦ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ପୋଷଣର ଜିଲ୍ଲା ସଂଯୋଜକ ସେକ୍ ସିରାଜ୍ ଅଖତର ଏବଂ ବାଲ୍ୟ ବିବାହ ନିଷେଦ୍ଧର ଜିଲ୍ଲା ସଂଯୋଗ ପ୍ରଦ୍ୟୁତ୍ ରଂଜନ ରାଉତ ପ୍ରମୁଖ ଏହି ଶିବିର ଆୟୋଜନ ଓ ପରିଚାଳନାରେ ଆନୁସଂଗିକ ସହଯୋଗ କରିଥିଲେ।

# ହୋମଗାର୍ଡଙ୍କୁ ମାଡ଼ ମାରି ଟଙ୍କା ଓ ମୋବାଇଲ ଲୁଟ୍ ମାମଲା : ୩ ଗିରଫ

**ଗୋପାଳପୁର, ନ୍ୟୁଜ୍‌ବ୍ୟୁରୋ**

ଗୋପାଳପୁର ବେଳାଭୂମିରେ କାର୍ଯ୍ୟରତ ହୋମଗାର୍ଡଙ୍କୁ ମାଡ଼ମାରି ଟଙ୍କା ଓ ମୋବାଇଲ ଲୁଟ୍ କରିବା ଅଭିଯୋଗରେ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ଭେଙ୍କେଟ ରାୟପୁର ଗାଁର ରାଜୁ ନାୟକ, ନୂଆଁ ଗୋଲାବନ୍ଧ ଗାଁର ବି. ଜଗମାୟା ଓ ଗୁରୁଣ୍ଡି ବଡ଼ ସାହିର ଏସ ସୁଶାନ୍ତ ବୋଲି ଜଣାପଡ଼ିଛି। ବୁଧବାର ଗୋପାଳପୁର ଥାନାର ହୋମଗାର୍ଡ ଜି .ଜଗନ୍ନାଥ ବାତ୍ୟା ଦାନା ଉଦ୍ଦେଶ୍ୟରେ ବେଳାଭୂମିରେ ଡ୍ୟୁଟିରେ ଥିଲେ। ରାତି ପ୍ରାୟ ସାଢେ ୯ଟା ସମୟରେ ପର୍ଯ୍ୟଟକଙ୍କୁ ବାରଣ କରିବା ନିମନ୍ତେ ବେଳାଭୂମିରେ ବୁଲୁଥିବା ବେଳେ ମେ ଫେୟାର ବେଳାଭୂମି ଠାରେ ଅନ୍ଧାର ସ୍ଥାନରେ ୩ଜଣ ବସିରହିଥିବା ସେ ଦେଖି ସେମାନଙ୍କୁ ବାରଣ କରିଥିଲେ। ଏଥିରେ ରାଗିଯାଇ ସେମାନେ ଜଗନ୍ନାଥଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ୍ କରି ତାଙ୍କ ମୋବାଇଲ ଏବଂ ନଗଦ କିଛି ଟଙ୍କା ଛଡ଼ାଇ ନେଇ ଚାଲିଯାଇଥିଲେ। ଏହି ସମୟରେ ବେଳାଭୂମିରେ ନିୟୋଜିତ ଥିବା ଅନ୍ୟ ପୁଲିସ ସେହି ୩ ଜଣଙ୍କୁ କାବୁ କରି ଥାନାକୁ ଆଣି ତାଙ୍କ ଠାରୁ ମୋବାଇଲ ଓ ଟଙ୍କା ଉଦ୍ଧାର କରି ହୋମଗାର୍ଡ ଜଗନ୍ନାଥଙ୍କୁ ହସ୍ତାନ୍ତର କରିଥିଲେ । ଜଗନ୍ନାଥଙ୍କ ଅଭିଯୋଗ ମୁତାବକ ପୁଲିସ ଏକ ମାମଲା ରୁଜୁ କରି ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

# ଯୁବତୀ-ଯୁବକଙ୍କ ତଣ୍ଟି କାଟି ଜଙ୍ଗଲରେ ଫିଙ୍ଗିଦେଲେ, ପହଞ୍ଚିଲେ ଏସ୍‌ପି

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପୁଇଁତଲା ଥାନା ଅନ୍ତର୍ଗତ ତଣ୍ଡାମୁଣ୍ଡା ଗାଁ ନିକଟ ପତ୍ରା ଜଙ୍ଗଲରେ ଯୁବତୀ-ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଯୁବତୀଙ୍କ ଗଳାରେ କଟା ଚିହ୍ନ ରହିଛି। ସେହିଭଳି ଯୁବକଙ୍କ ମୁହଁ ତଳକୁ ରହିଥିବା ବେଳେ ତାଙ୍କ ପ୍ୟାଣ୍ଟ ଖୋଲା ଅବସ୍ଥାରେ ରହିଛି । ପାରିପାର୍ଶ୍ୱିକ ସ୍ଥିତିରୁ ଉଭୟଙ୍କୁ କେହି ହତ୍ୟା କରି ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରିଙ୍କ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି।



# ଶିଶୁକନ୍ୟାଙ୍କ ସୁରକ୍ଷା ଓ ବିକାଶ ଉପରେ ଗୁରୁତ୍ୱାରୋପ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥି କେକ୍ କାଟି ବାଳିକାମାନଙ୍କୁ ଖୁଆଇଥିଲେ। ବାଳିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ମଙ୍ଗଳ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ନ୍ୟାୟାଳୟ ଆଇନ ସହାୟତା କେନ୍ଦ୍ର ସମ୍ପାଦିକା କୁମୁଦିନୀ ମୁଦୁଲି , ଡି.ଏସ୍.ପି ଏଚ୍‌ଆରପିସି ପ୍ରତାପ ରଣା, ଭି.ଭି.ଡି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା



ଭୋଇ, କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ ପ୍ରମୁଖ ଯୋଗଦେଇ ଶିଶୁକନ୍ୟାମାନଙ୍କର ସୁରକ୍ଷା, ଆତ୍ମରକ୍ଷା, ଶିକ୍ଷା ଓ ପାରଦର୍ଶିତା ଉପରେ ମତାମତ ରଖିଥିଲେ। ବାଲ୍ୟବିବାହ ପରାମର୍ଶ ଦାତା ଅକ୍ଷୟ କୁମାର ସିଂ ଜୀବନ କୌଶଳ ଏବଂ ଆଶିଷ ଅଗ୍ରୱାଲ ସାଇବର କ୍ରାଇମ୍ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଏନସିସି ବିଭାଗ, ବାଳିକା ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ପଦ୍ମିନୀ କଲେଜ୍, ଅମ୍ବିକା ବାଳିକା ସୋନପୁର ଆଦିର ୨୩୦ ବାଳିକା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଶେଷ ପାରଦର୍ଶିତା ଲାଭ କରିଥିବା ଯଥା ଅସୁରମୁଣ୍ଡାର ତିଳୋତ୍ତମା ସାହୁ ଆର୍ଟ ଓ ପେଣ୍ଟିଂ ପାଇଁ, ଫେସନ ସୋ' ପାଇଁ ଅଂଶିକା ମିଶ୍ର, ବାଲ୍ୟବିବାହ ସଚେତନତା ପାଇଁ ପଦ୍ମିନୀ ବେହେରା ଏବଂ କୀର୍ତ୍ତନ ଗାୟିକା କୁନି କଳାକାର ଶୁଭଶ୍ରୀ ସାଣ୍ଡଙ୍କୁ ପ୍ରଂଶସା ପତ୍ର ଓ ଫଳକ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସେହିପରି ସୁକନ୍ୟା ସମୃଦ୍ଧି ଯୋଜନାରେ ଦୁଇ ଜଣକୁ ୨୦୦୦/- ଟଙ୍କାର ଚେକ୍ ଓ ବୈଷୟିକ ଶିକ୍ଷା ପାଇଁ ଯଶୋଦା ଯୋଜନାରେ ଦୁଇଜଣ ବାଳିକାଙ୍କୁ ୧୦୦୦୦/- ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭା ସଂଯୋଜନା କରିଥିଲେ। ଉତ୍କଳ ବଳାଶ୍ରମର ଶିଶୁମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଥବିର କାଲସେ, ସ୍ୱାଗତରାଜ ମିଶ୍ର, ରୁଦ୍ର ପ୍ରସନ୍ନ ମିଶ୍ର, ପ୍ରଶାନ୍ତ ମହାକୁଡ଼, କେଶବ ଚନ୍ଦ୍ର ମେହେର, ଅନିଲ ମହଲା, ସରିତା ସୁନା, ସୁଧୀର ଦାସ, ଧର୍ମେନ୍ଦ୍ର ଦାସ ଆଦି ସହଯୋଗ କରିଥିଲେ।

# ଚିନ୍ତା ବଢ଼ାଉଛି ଡିଜିଟାଲ ପେମେଣ୍ଟ ଠକେଇ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କିଛି ଦିନ ଧରି ନିୟମିତ ଭାବରେ ବିଭିନ୍ନ ଗଣମାଧ୍ୟମରେ ଅନ୍‌ଲାଇନ୍ ବା ଡିଜିଟାଲ ପେମେଣ୍ଟ ଦ୍ୱାରା ଅନେକ ଲୋକ ଠକାମିର ଶିକାର ହେଉଥିବା ଖବର ଦେଖିବାକୁ ମିଳୁଛି। ଯଦି ତଥ୍ୟକୁ ଦେଖାଯାଏ ତେବେ ନିକଟରେ ସମଗ୍ର ବିଶ୍ୱରେ ଡିଜିଟାଲ ପେମେଣ୍ଟ ଫ୍ରଡ଼ ବା ଠକେଇ ମାମଲାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। କେବଳ ଭାରତରେ ଡିଜିଟାଲ ପେମେଣ୍ଟ ଠକେଇ ସଂଖ୍ୟା ୨୦୨୨ ଆର୍ଥିକ ବର୍ଷରେ ୩,୫୯୬ ଥିବା ବେଳେ ୨୦୨୩ରେ ଏହା ଦ୍ୱିଗୁଣିତ ହୋଇ ୬,୬୫୯ରେ ପହଞ୍ଚିଛି। ଠକେଇର ସମୁଦାୟ ପରିମାଣ ମଧ ୧୫୫ କୋଟି ଟଙ୍କାରୁ ୨୭୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଡିଜିଟାଲ ପେମେଣ୍ଟ ଠକେଇରୁ ନିଜକୁ ରକ୍ଷା କରିବା ପାଇଁ ବ୍ୟବସାୟୀ ଏବଂ ଉପଭୋକ୍ତାମାନେ ଅଧିକ ସତର୍କ ରହିବା ଆବଶ୍ୟକ। ତେବେ ଏହି ଡିଜିଟାଲ ପେମେଣ୍ଟ କ୍ଷେତ୍ରର ବଢୁଥିବା ଠକେଇର ଉଦ୍‌ବେଗଜନକ ଧାରା ଆମ ସମସ୍ତଙ୍କ ପାଇଁ ଚେତାବନୀ।

ଏ ବିଷୟରେ ଜାଣିବାକୁ ହେଲେ ପ୍ରଥମେ ଡିଜିଟାଲ୍ ପେମେଣ୍ଟ ଠକେଇ କ'ଣ ଓ ଏହା କିପରି ହେଉଛି ବୁଝିବାକୁ ହେବ। ଡିଜିଟାଲ୍ ପେମେଣ୍ଟ ଠକେଇ ଏପରି ଏକ ଠକେଇ ଯେଉଁଥିରେ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ, ୟୁପିଆଇ ଏବଂ ଅନଲାଇନ୍ ବ୍ୟାଙ୍କିଙ୍ଗ୍ ଭଳି ଡିଜିଟାଲ୍ ପେମେଣ୍ଟ ପଦ୍ଧତିର ବ୍ୟବହାର କରି ଠକାମୀ କରାଯାଇଥାଏ। ଏହି ପ୍ରକାର ଠକେଇ ମାମଲାରେ ଠକ ଡିଜିଟାଲ କାରବାରର ସୁବିଧା ଏବଂ ଫାଇଦା ଉଠାଇ ବିଭିନ୍ନ ବ୍ୟକ୍ତି, ବ୍ୟବସାୟ କିମ୍ବା ଆର୍ଥିକ ଅନୁଷ୍ଠାନଗୁଡ଼ିକ ସହ ଠକାମି କରିଥାଏ। ଏହା ଭିନ୍ନ ଭିନ୍ନ ମାଧ୍ୟମରେ ହୋଇଥାଏ, ତେବେ ସାଧାରଣରେ ଦେଖାଯାଉଥିବା ପ୍ରମୁଖ ମାଧ୍ୟମ ଗୁଡ଼ିକ ହେଲା ଫିସିଂ, କ୍ଲୋନିଂ, ଫେକ୍ ପାର୍ସଲ୍ / ଶପିଂ, ଏବଂ ହ୍ୟାକିଂ।

ଫିସିଂରେ ଠକମାନେ ବିଭିନ୍ନ ବୈଧ ଉତ୍ସ, ଯେପରିକି ବ୍ୟାଙ୍କ, ଇନ୍‌ସ୍ୟୁରାନ୍ସ କିମ୍ବା ମୋବାଇଲ୍ ସେବା ପ୍ରଦାନକାରୀ (ସିମ୍)ଙ୍କ ନାମରେ ପ୍ରଲୋଭନକାରୀ ଇମେଲ୍ କିମ୍ବା ଟେକ୍ସଟ୍ ମେସେଜ୍ ପଠାନ୍ତି। ଇମେଲ୍ କିମ୍ବା ଟେକ୍ସଟ୍ ମେସେଜ୍‌ରେ ଏପରି ଲିଙ୍କ୍ ଥାଇପାରେ ଯାହା କ୍ଲିକ୍ କରିବା ପରେ ବ୍ୟକ୍ତିଙ୍କୁ ଏକ ଜାଲ୍ ୱେବସାଇଟ୍‌କୁ ନେଇଯାଏ ଯାହା ପ୍ରକୃତ ୱେବସାଇଟ୍ ପରି ଦେଖାଯାଇଥାଏ। ଏହାପରେ ଯଦି ସେଠାରେ ନିଜ ବ୍ୟକ୍ତିଗତ ତଥ୍ୟକୁ ପ୍ରଦାନ କରନ୍ତି ତେବେ ଠକମାନେ ସହଜରେ ବ୍ୟକ୍ତିଙ୍କ ତଥ୍ୟ ଚୋରି କରିପାରନ୍ତି ଏବଂ ସେହି ତଥ୍ୟକୁ ବ୍ୟବହାର କରି ଡିଜିଟାଲ ବ୍ୟାଙ୍କିଙ୍ଗ ମାଧ୍ୟମରେ ଠକେଇ କରିଥାନ୍ତି। କ୍ଲୋନିଂ ମାଧ୍ୟମରେ ଠକମାନେ ବିଭିନ୍ନ କଲ୍ ଜରିଆରେ ତଥା ସେବା ପ୍ରଦାନ କରିବା ନାମରେ ସିମ୍ କାର୍ଡ କ୍ଲୋନିଂ କରିଥାନ୍ତି, ଯାହା ଫଳରେ ସିମ୍‌କୁ ଆସୁଥିବା ସମସ୍ତ ତଥ୍ୟ ସେମାନଙ୍କ ପାଖରେ ପହଞ୍ଚିଥାଏ। ଏହା ବ୍ୟତୀତ ଏପରି କିଛି ଡିଭାଇସ୍ ଅଛି ଯାହାକୁ ବ୍ୟବହାର କରି ପାଖରେ ଥିବା ଡେବିଟ୍ ବା କ୍ରେଡିଟ୍ କାର୍ଡ କ୍ଲୋନିଂ କରିହେବ। ଏହା ଦ୍ୱାରା ମଧ ତଥ୍ୟ ଚୋରି ତଥା ଠକେଇ ହୋଇଥାଏ। ଫେକ୍ ପାର୍ସଲ୍ / ଶପିଂ ମାଧ୍ୟମରେ ଠକମାନେ ବିଭିନ୍ନ ବୈଧ ବ୍ୟବସାୟର ନାମରେ ଶପିଂ କରିଛନ୍ତି କହି ମିଛ ଇନ୍‌ଭଏସ୍ ପଠାଇ ପାର୍ସଲ ଅଟକି ରହିଛି କହି ପଇସା ମାଗିଥାନ୍ତି। ଲୋକମାନେ ଜିନିଷ ମିଳିବାର ଲୋଭରେ




ପଇସା ଦେଇଥାନ୍ତି ଓ ଠକାମିର ଶିକାର ହୋଇଥାନ୍ତି। ଇନ୍‌ଭଏସ୍‌ରେ ପ୍ରାୟତଃ ଠକର ଆକାଉଣ୍ଟ ନମ୍ବର ରହିଥାଏ, ତେଣୁ ଯେତେବେଳେ ପଇସା ପୈଠ କରନ୍ତି, ସେତେବେଳେ ଠକଙ୍କ ପାଖକୁ ଟଙ୍କା ଯାଇଥାଏ। ହ୍ୟାକିଂ ମାଧ୍ୟମରେ ହ୍ୟାକରମାନେ ବ୍ୟକ୍ତିର ଦୁର୍ବଳ ପାସୱାର୍ଡ କିମ୍ବା ଦୁର୍ବଳତାକୁ ଉପଯୋଗ କରି ବ୍ୟକ୍ତିର ବ୍ୟାଙ୍କ, ସୋସିଆଲ ମିଡ଼ିଆ ପରି ବିଭିନ୍ନ ଆକାଉଣ୍ଟ ଅଧିଗ୍ରହଣ କରିଥାନ୍ତି ଓ ଆକାଉଣ୍ଟ ଅଧିଗ୍ରହଣ ପରେ ସାଇବର ଅପରାଧୀମାନେ ବ୍ୟକ୍ତିବିଶେଷଙ୍କ ଅନଲାଇନ୍ ଆକାଉଣ୍ଟକୁ ବ୍ୟବହାର କରି ଠକେଇ କରନ୍ତି। ତେବେ ବର୍ତ୍ତମାନ ସମୟରେ ଡିଜିଟାଲ କାରବାରର ବୃଦ୍ଧି ଫଳରେ ସୁବିଧା ଏବଂ ଦକ୍ଷତା ପାଇଁ ଅଧିକ ଲୋକ ଏବଂ ବିଭିନ୍ନ ବ୍ୟବସାୟୀ ଡିଜିଟାଲ ଦେୟ ପଦ୍ଧତି ଗ୍ରହଣ କରୁଥିବାରୁ କାରବାରର ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ଡିଜିଟାଲ କାରବାର ସାଇବର ଅପରାଧୀଙ୍କୁ ବ୍ୟକ୍ତିଙ୍କୁ ଟାର୍ଗେଟ କରିବା ପାଇଁ ଅଧିକ ସୁଯୋଗ ପ୍ରଦାନ କରିଛି। ଏହା ବ୍ୟତୀତ ଟେକ୍ନୋଲୋଜିର ବ୍ୟବହାର ଫଳରେ ସାଇବର ଅପରାଧୀମାନେ ଡିଜିଟାଲ ପେମେଣ୍ଟ ସିଷ୍ଟମର ଦୁର୍ବଳତାକୁ ଉପଯୋଗ କରି କ୍ରମାଗତ ଭାବରେ ସେମାନଙ୍କ ପଦ୍ଧତିରେ ଅଧିକ ଦକ୍ଷ ଓ ଅତ୍ୟାଧୁନିକ ଠକେଇ କରିଚାଲିଛନ୍ତି।

ଏସବୁ ଠକେଇର ପ୍ରମୁଖ କାରଣ ହେଉଛି ଉପଭୋକ୍ତାଙ୍କ ମଧ୍ୟରେ ସଚେତନତାର ଅଭାବ। ଅନେକ ଗ୍ରାହକ ଡିଜିଟାଲ ପେମେଣ୍ଟ ଠକେଇର ବିପଦ ବିଷୟରେ ସଚେତନ ନୁହନ୍ତି ଏବଂ ନିଜକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ମଧ ନେଉନାହାନ୍ତି। ଆଉ ଅନ୍ୟପଟେ ଇଣ୍ଟରନେଟ ମାଧ୍ୟମରେ ଗ୍ଲୋବାଲ କନେକ୍ଟିଭିଟି ବୃଦ୍ଧି କାରଣରୁ ସାଇବର ଅପରାଧୀଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ପରସ୍ପର ସହ ଜଡ଼ିତ ହୋଇ କାର୍ଯ୍ୟ କରିବାକୁ ସୁଯୋଗ ମିଳୁଛି, ଯେଉଁ କାରଣରୁ ବିଭିନ୍ନ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡିକ ଦ୍ୱାରା ସେମାନଙ୍କୁ ଟ୍ରାକ୍ କରିବା ଏବଂ ଧରିବା କଷ୍ଟକର ହେଉଛି। ଟେକ୍ନୋଲୋଜି ଦ୍ରୁତ ଗତିରେ ବିକଶିତ ହେଉଥିଲେ ହେଁ ଏ ଦିଗରେ ପର୍ଯ୍ୟାପ୍ତ ନିରାପତ୍ତା ପଦକ୍ଷେପ ନିଆଯାଇପାରି ନାହିଁ। ସମସ୍ତ ଡିଜିଟାଲ ପେମେଣ୍ଟ ପ୍ଲାଟଫର୍ମ ଏବଂ ସେବାଗୁଡ଼ିକ ଏଯାଏଁ ଦୃଢ଼ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିନାହାନ୍ତି। ଦୁର୍ବଳ ପାସୱାର୍ଡ, ମଲ୍ଟି-ଫ୍ୟାକ୍ଟର ପ୍ରମାଣୀକରଣର ଅଭାବ ଏବଂ ପୁରୁଣା ସୁରକ୍ଷା ପ୍ରୋଟୋକଲ ସାଇବର ଅପରାଧୀଙ୍କ ପାଇଁ ବିଭିନ୍ନ ମାଧ୍ୟମରେ ଠକେଇ କରିବା ସହଜ କରିଛି।

ଏସବୁକୁ ରୋକିବା ପାଇଁ ପ୍ରଥମେ ଡିଜିଟାଲ ପେମେଣ୍ଟ ଠକେଇର ବିପଦ ଏବଂ ନିଜକୁ କିପରି ସୁରକ୍ଷିତ ରଖିବେ ସେ ବିଷୟରେ ଜନସାଧାରଣ ସଚେତନ ହେବା ଆବଶ୍ୟକ। ଏଥିପାଇଁ ବିଭିନ୍ନ ଜନସଚେତନତା ଅଭିଯାନ, ବିଦ୍ୟାଳୟ ତଥା ମହାବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ପ୍ରଚାର ପ୍ରସାର ଆବଶ୍ୟକ। ଏହା ଛଡ଼ା ପେମେଣ୍ଟ ଆପ୍‌ଗୁଡ଼ିକରେ ମଲ୍ଟି-ଫ୍ୟାକ୍ଟର ଅଥେଣ୍ଟିକେସନ୍, ବାୟୋମେଟ୍ରିକ୍ ଯାଞ୍ଚ ଏବଂ ଟୋକନାଇଜେସନ୍ ପରି ଦୃଢ଼ ପ୍ରମାଣୀକରଣ ପଦ୍ଧତି କାର୍ଯ୍ୟକାରୀ ହେବା ଆବଶ୍ୟକ। ଏହାବ୍ୟତୀତ ସରକାର ମଧ ଏହା ନିଶ୍ଚିତ କରନ୍ତୁ ଯେ ସାଇବର ଅପରାଧ, ଡିଜିଟାଲ କାରବାର ଏବଂ ଡାଟା ସୁରକ୍ଷା ସମ୍ବନ୍ଧୀୟ ଆଇନ ପ୍ରାସଙ୍ଗିକ ଏବଂ କାର୍ଯ୍ୟକାରୀ ହେବ।

ବିଦେଶରୁ ହେଉଥିବା ସାଇବର ଅପରାଧର ମୁକାବିଲା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ ପ୍ରାଧାନ୍ୟ ଦେଇ ଗୁଇନ୍ଦା ସୂଚନା ଆଦାନ ପ୍ରଦାନ, ସାଇବର ବିପଦ ବିଷୟରେ ସୂଚନା ଆଦାନ ପ୍ରଦାନ ଏବଂ ସାଇବର ଅପରାଧିକ ନେଟୱାର୍କର ମିଳିତ ଅନୁସନ୍ଧାନ ପାଇଁ ଅନ୍ୟ ଦେଶମାନଙ୍କ ସହ ମିଳିତ ସହଯୋଗରେ ସରକାର କାମ କରିବା ଆବଶ୍ୟକ।

ତେବେ ଏହା ମନେ ରଖିବା ଜରୁରୀ ଯେ ଠକମାନେ ଡିଜିଟାଲ ପେମେଣ୍ଟରେ ଥିବା ଦୁର୍ବଳତାକୁ ଉପଯୋଗ କରିବା ପାଇଁ ସବୁବେଳେ ନୂଆ ନୂଆ ଉପାୟ ଖୋଜୁଛନ୍ତି। ଫଳରେ ଗ୍ରାହକମାନେ ଅତ୍ୟାଧୁନିକ ଠକେଇ ନିବାରଣ ସୂଚନା ଉପରେ ଅପ-ଟୁ-ଡେଟ୍ ରହିବା ସହ ନିଜକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବା ଜରୁରୀ। ଡିଜିଟାଲ ପେମେଣ୍ଟ ଠକେଇର ବଢୁଥିବା ବିପଦ ଏକ ଜଟିଳ ପ୍ରସଙ୍ଗ ଯାହା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ। ସାଇବର ଅପରାଧ ବିରୋଧରେ ଦୃଢ଼ ଆଇନ ପ୍ରଣୟନ କରି ଠକେଇ ମାମଲାର ତଦନ୍ତ ଓ ବିଚାର ପାଇଁ ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସିମାନଙ୍କ ସହ କାମ କରିବା, ଡିଜିଟାଲ ପେମେଣ୍ଟ ଠକେଇର ବିପଦ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଡିଜିଟାଲ ପେମେଣ୍ଟ ପ୍ରଦାନକାରୀଙ୍କୁ ନିୟନ୍ତ୍ରଣ କରି ଡିଜିଟାଲ ପେମେଣ୍ଟ ଠକେଇକୁ ରୋକିବାରେ ସରକାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଅକ୍ଟୋବର ୨୦୨୪ ସୋମବାର





# ବାତ୍ୟା ହଟିବା ପରେ ମଧ ଆଶ୍ରୟ ସ୍ଥଳୀରେ ଅଛନ୍ତି ୩ ହଜାର ଲୋକ : ଜିଲ୍ଲାପାଳ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ବାତ୍ୟା ପରବର୍ତ୍ତୀ ଜନ ସାଧାରଣଙ୍କ ଜୀବନ ଧାରଣ ପ୍ରକ୍ରିୟା ଧିରେ ଧିରେ ସ୍ୱାଭାବିକ ହେବାରେ ଲାଗିଛି । ବାତ୍ୟା ଏବେ ଚାଲିଯାଇଥିଲେ ମଧ ବାତ୍ୟା ଆଶ୍ରୟ ସ୍ଥଳୀମାନଙ୍କରେ ୩ ହଜାରରୁ ଉର୍ଦ୍ଧ୍ୱ ପ୍ରଭାବିତ ଲୋକ ଏବେ ମଧ ରହିଥିବା ଜିଲ୍ଲାପାଳ ସ୍ମୃତି ରନ ପ୍ରଧାନ ସୂଚନା ଦେଇଛନ୍ତି । ୨୬ ଗୋଟି ବାତ୍ୟା ଆଶ୍ରୟ ସ୍ଥଳୀରେ ୩୧୦୦ ବିପନ୍ନ ଆଶ୍ରୟ ନେଇଥିବା ଜଣାପଡିଛି । ପ୍ରଶାସନ ପକ୍ଷରୁ ଆଶ୍ରୟ ସ୍ଥଳୀରେ ଥିବା ସମସ୍ତ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି । ତେବେ ବାତ୍ୟା ପୂର୍ବରୁ ଯେଉଁମାନେ ଆଶ୍ରୟ ସ୍ଥଳୀରେ ରହିଛନ୍ତି ସେମାନଙ୍କୁ ଜୋର ଜବରଦସ୍ତ ବିଦା କରାଯିବ ନାହିଁ ବୋଲି ଜଣାପଡିଛି। ସେମାନଙ୍କ ଘରର ଅବସ୍ଥା ଓ ବାତ୍ୟା ପରବର୍ତ୍ତୀ ଅବସ୍ଥା ସୁଧୁରିବା ଯାଏ ସେମାନେ ରହି ପାରିବେ । ସେହିପରି ଜିଲ୍ଲାରେ ମୋଟ୍ ୩ ଲକ୍ଷ ୧୨ ହଜାର ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ ସେମାନଙ୍କ ମଧରୁ ୪୦ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦେବାରେ ବିଳମ୍ବ ହୋଇଛି । ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେଉଥିବା ବେଳେ ରାଜନଗର ବ୍ଲକର ୫ଟି ପଂଚାୟତ ଓ ରାଜକନିକା ବ୍ଲକର ୩ ଗୋଟି ପଂଚାୟତର ବିଦ୍ୟୁତ୍ ଉପଭୋକ୍ତା ମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଓ ମହାକାଳପଡା ବ୍ଲକର ଜମ୍ବୁ ପଂଚାୟତ କୁ ବିଦ୍ୟୁତ୍ ସଂଯୋଗ ଦେବାରେ କିଛି ସମୟ ବିଳମ୍ବ ହେଉଛି। ବାତ୍ୟା ପରବର୍ତ୍ତୀ ବିଦ୍ୟୁତ୍ ସଂଯୋଗକୁ ସ୍ୱାଭାବିକ କରିବା ପାଇଁ ଲାଇନ ଟଣା ଯାଇଥିଲେ ମଧ ଭାଙ୍ଗିଥିବା ଗଛ କାଟିବା ଓ ବିଦ୍ୟୁତ୍ ସରବରାହ ନିରବଚ୍ଛିନ୍ନ ଓ ନିରାପଦ ରହିବା ନିଶ୍ଚିତ ହେବାପରେ କିଛି ସମୟ ବିଳମ୍ବରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେହିଭଳି ରାଜନଗର ବଗପାଟିଆ ର ବିସ୍ଥାପିତ କଲୋନୀ ରୁ ଜଳ ନିଷ୍କାସନ ପ୍ରକ୍ରିୟା ଅଗ୍ନିଶମ ବିଭାଗ ଓ ପାଣି ପମ୍ପ ସହାୟତାରେ କରାଯିବାରୁ ବିସ୍ଥାପିତ କଲୋନୀରେ ଜମି ରହିଥିବା ୨ ଫୁଟରୁ ଅଧିକ ପାଣି ନିଷ୍କାସିତ ହୋଇ ସାରିଛି । ତେବେ ଏହି ଅଂଚଳଟି ଖାଲୁଆ ଅଂଚଳ ହୋଇଥିବାରୁ ଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର କରିବା ପାଇଁ ଖୁବ୍ ଶିଘ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ । ଯେପରି ଭବିଷ୍ୟତରେ ପାଣି ଜମି ରହିବା ଭଳି ସମସ୍ୟା ସୃଷ୍ଟି ହେବା ନାହିଁ ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି ।

## ଯୋଗାଣ ବିଭାଗ ପକ୍ଷରୁ ଚଢଉ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ବାତ୍ୟା ଦାନାର ପରବର୍ତ୍ତୀ ପ୍ରଭାବରେ ଜଗତସିଂହପୁର ଜିଲ୍ଲାରେ ପନିପରିବା ବିଶେଷ କରି ଆଳୁ ଓ ପିଆଜ ଦର ବୃଦ୍ଧି ଆଶଙ୍କାରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଯୋଗାଣ ବିଭାଗ ଏବଂ ଜିଲ୍ଲା ବୈଧ ଓଜନ ଓ ମାପ ବିଭାଗର ମିଳିତ ସହଯୋଗରେ ଜଗତସିଂହପୁର ପୌର ପରିଷଦ ଓ ରଘୁନାଥ ପୁର ବ୍ଲକ୍‌ର ବିଭିନ୍ନ ହୋଲସେଲର ତଥା ଖୁଚୁରା ଦୋକାନୀମାନଙ୍କ ଉପରେ ଚଢ଼ଉ କରାଯାଇଥିଲା । ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀମତୀ ସୁଜାତା ମିଶ୍ରଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ସହକାରୀ ଯୋଗାଣ ଅଧିକାରୀଙ୍କ ସହ ମିଳିତ ଭାବେ ଜଗତସିଂହପୁର ସୋମନାଥ ହାଟରେ ଖୁଚୁରା ଦୋକାନୀମାନଙ୍କ ଉପରେ ଚଢ଼ଉ କରିଥିଲେ । ଏତଦ୍ ବ୍ୟତୀତ ରଘୁନାଥପୁର ବ୍ଲକ୍‌ରେ ଆଳୁ ଓ ପିଆଜ ହୋଲସେଲର ସୌମ୍ୟ ଟ୍ରେଡର୍ସ ଗୋଦାମ ଉପରେ ଚଢଉ କରାଯାଇ ମୋଟ ଟ ୮୦୦୦/- ଜୋରିମାନା ଆଦାୟ କରାଯାଇଥିଲା ।

## ବାତ୍ୟା ପୁନରୁଦ୍ଧାର କାର୍ଯ୍ୟ ସମୀକ୍ଷା ପାଇଁ ଉଚ୍ଚସ୍ତରୀୟ ବୈଠକ

# ଆଗାମୀ ଦିନରେ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ବାଲେଶ୍ୱର, ନ୍ୟୁଜ**

ବାଲେଶ୍ୱର ଜିଲ୍ଲାରେ ବାତ୍ୟା 'ଦାନା' ର ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଆକଳନ ଓ ପୁନରୁଦ୍ଧାର ସୁଦୃଢ଼ୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ମଣ୍ଡଳୀୟ ବନ ଅଧିକାରୀ ଖୁଶୱନ୍ତ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିକେର, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଉକ୍ତ ସମୀକ୍ଷାରେ ବାତ୍ୟା ପ୍ରଭାବିତ ଅଞ୍ଚଳର ସାମ୍ପ୍ରତିକ ସ୍ଥିତିର ଆକଳନ କରିବା ସହ ତ୍ୱରିତ ଥଇଥାନ ପାଇଁ ରଣନୈତିକ ପଦକ୍ଷେପ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବାତ୍ୟାର ସଫଳ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟାନ୍ତମୂଳକ ପଦକ୍ଷେପକୁ ମନ୍ତ୍ରୀ ଶ୍ରୀ ନାୟକ ପ୍ରଶଂସା କରିଥିଲେ । ସମ୍ଭାବ୍ୟ କ୍ଷୟକ୍ଷତିକୁ ଯଥେଷ୍ଟ ହ୍ରାସ କରିପାରିଥିବାରୁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଏବଂ ଦକ୍ଷ ସମନ୍ୱୟକୁ ମନ୍ତ୍ରୀ ଭୁରି ଭୁରି ପ୍ରସଂଶା କରିଥିଲେ । ବୈଠକରେ ପ୍ରଭାବିତ ଅଞ୍ଚଳର ବର୍ତ୍ତମାନର ସ୍ଥିତି ଏବଂ ଜାରି ରହିଥିବା ଥଇଥାନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରିଲିଫ୍ ପଦକ୍ଷେପର ତ୍ୱରିତ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ରଣନୈତିକ କାର୍ଯ୍ୟ ଯୋଜନା ଉପରେ ଆଲୋଚନା କରାଯାଇଥିଲା । ଫଳପ୍ରଦ ରିଲିଫ ବଣ୍ଟନ ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ଦିନରେ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ମନ୍ତ୍ରୀ ଶ୍ରୀ ନାଏକ ଅଧିକାରୀମାନଙ୍କୁ ବ୍ୟାପକ ଥଇଥାନ ପ୍ରୟାସ ମାଧ୍ୟମରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରି ପ୍ରଭାବିତ ବାସିନ୍ଦାମାନଙ୍କୁ ସହାୟତା ଦେବା ପାଇଁ ଥଇଥାନ ପଦକ୍ଷେପର ତ୍ୱରିତ ଏବଂ ଦକ୍ଷ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ବୈଠକରେ ସମସ୍ତ ବିଡ଼ିଓ, ତହସିଲଦାର ଓ ସମ୍ମିଳିତ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇ ଥିଲେ ।



# ୨୦ କିଲୋରୁ ଅଧିକ ସୁନା ଅଳଙ୍କାର ଜବତ ଘଟଣା
## ବେଆଇନ ଚାଲାଣ ନେଇ ଜିଏସ୍‌ଟି ଚଢ଼ଉ




**ବାରିପଦା, ନ୍ୟୁଜ ବ୍ୟୁରୋ**

ବାରିପଦାରେ ସିଟି ଜିଏସ୍‌ଟି ଏନଫର୍ସମେଣ୍ଟ ଟିମ ପକ୍ଷରୁ ଚଢ଼ଉ କରାଯାଇ ବାରିପଦାକୁ ଆସିଥିବା ଏକ ସିକ୍ୟୁରିଟି ଭ୍ୟାନରେ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାରକୁ ଅଟକ ରଖି ସିଟି ଜିଏସ୍‌ଟି ଏନଫର୍ସମେଣ୍ଟ ଟିମ ସୁନା ଅଳଙ୍କାର ଗୁଡିକର ବୈଧତା ନେଇ ଯାଞ୍ଚ କରୁଥିବାର ଜଣାଯାଇଛି । ସୂଚନା ମୁତାବକ ୨୫ ତାରିଖ ସନ୍ଧ୍ୟାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାରିପଦା ସିଟି ଏସ୍‌ଟି ଏନଫର୍ସମେଣ୍ଟ ଅଧିକାରୀ କୁଳମଣି ମଲ୍ଲିକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିଜ ଟିମ ସହିତ ବାରିପଦା ଏମକେସି ହାଇସ୍କୁଲ ନିକଟରେ ଚଢ଼ଉ କରି ୨୦ କେଜିରୁ ଉର୍ଦ୍ଧ୍ୱ ସୁନା ଥିବା ସିକ୍ୟୁଏଲ କମ୍ପାନୀର ଏକ ସିକ୍ୟୁରିଟି ଗାଡିକୁ ଜବଦ କରିଥିଲେ । ତେବେ ୨୫ ତାରିଖ ରାତି ହୋଇଯାଇଥିବାରୁ ଯାଞ୍ଚ ହୋଇ ନପାରି ପୋଲିସ ହେପାଜତରେ ଗାଡିଟି ରହିଥିଲା । ଯାଞ୍ଚ ହେବାରୁ ଏହି ସୁନା ଅଳଙ୍କାର ଗୁଡିକୁ ମୟୁରଭଞ୍ଜ, ବାଲେଶ୍ୱର ଏବଂ ପଶ୍ଚିମବଙ୍ଗର କିଛି ସୁନା ଅଳଙ୍କାର ବ୍ୟବସାୟୀ ମଗାଇ ଥିଲେ । ଅଳଙ୍କାର ଗୁଡିକ ମୁମ୍ବାଇରୁ କଲିକତା ଫ୍ଲାଇଟରେ ଆସିବା ପରେ କଲିକତାରୁ ସିକ୍ୟୁଏଲ କମ୍ପାନୀର ଏହି ସିକ୍ୟୁରିଟି ଗାଡିରେ ମୟୂରଭଞ୍ଜ ଆସିଥିବା ଜଣାଯାଇଛି । ତେବେ ଯାଞ୍ଚ ବେଳେ ବାଲେଶ୍ୱରର ୪ଜଣ ସୁନା ଅଳଙ୍କାର ଦୋକାନୀ ଏବଂ ମୟୁରଭଞ୍ଜର ୪ଜଣ ସୁନା ଅଳଙ୍କାର ଦୋକାନୀ ସେମାନଙ୍କର ଅଳଙ୍କାରର ବୈଧ କାଗଜ ପତ୍ର ଦର୍ଶାଇ ସୁନା ଅଳଙ୍କାର ମୁକୁଳାଇ ନେଇଥିବା ବେଳେ ପଶ୍ଚିମବଙ୍ଗର ୪/୫ ଜଣ ଅଳଙ୍କାର ବ୍ୟବସାୟୀଙ୍କ ସୁନା ରହିଥିବା ବେଳେ ସେମାନେ ଉପସ୍ଥିତ ହୋଇ ପାରି ନଥିବାରୁ ଯାଞ୍ଚ ପ୍ରକ୍ରିୟା ସରିନାହିଁ । ତେବେ ଯାଞ୍ଚ ପ୍ରକ୍ରିୟା ସରିବା ପରେ ବେଆଇନ ସୁନା ଚାଲାଣର ପ୍ରମାଣ ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାରିପଦା ସିଟି ଏଷ୍ଟି ଏନଫର୍ସମେଣ୍ଟ ଅଧିକାରୀ କୁଳମଣି ମଲ୍ଲିକ ପ୍ରତିକ୍ରିୟାରେ କହିଛନ୍ତି ।

# ମନ୍ତ୍ରୀଙ୍କ ଆଦେଶରେ ଗଡିଲା ରାଇଘରରୁ ରାଉଲକେଲା ଓଏସ୍‌ଆରଟିସି ଜଗନ୍ନାଥ ଏକ୍ସପ୍ରେସ

**ରାଇଘର, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ ରାଇଘରରୁ ରାଉରକେଲା ଯିବା ନିମନ୍ତେ ଓଏସଆରଟିସି ଜଗନ୍ନାଥ ଏକ୍ସପ୍ରେସ ସରକାରୀ ବସ ସେବାର ଶୁଭାରମ୍ଭ ହୋଇଛି । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାର ଶୁଭାରମ୍ଭ କରିଛନ୍ତି । ରାଇଘର ଠାରୁ ପ୍ରତ୍ୟହ ସନ୍ଧ୍ୟା ୬ଟାରେ ବସଟି ରାଇଘର ରୁ ନବରଙ୍ଗପୁର, ଜୁନାଗଡ, ଭବାନୀପାଟଣା, ବଲାଙ୍ଗିର, ବରପାଲି, ବରଗଡ, ସମ୍ବଲପୁର , ଝାରସୁଗୁଡ଼ା, ସୁନ୍ଦରଗଡ଼ ରାଜଗାଙ୍ଗପୁର ଦେଇ ରାଉରକେଲା ପର୍ଯ୍ୟନ୍ତ ଯିବ । ରାଉରକେଲା ପଟରୁ ସନ୍ଧ୍ୟା ୬ଟା ଯାତ୍ରା ଆରମ୍ଭ କରି ଉପରୋକ୍ତ ମାର୍ଗ ଦେଇ ପରିବହନ ବିଭାଗର ଓଏସଆରଟିସି ଜଗନ୍ନାଥ ଏକ୍ସପ୍ରେସ ଭୋଲଭୋ ବସ ରାଇଘର ପ୍ରତ୍ୟାବର୍ତ୍ତନ କରିବ । ଏନେଇ ରାଇଘର ହନୁମାନ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ଏକ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରମେଶ ସାହୁ, ବିଶ୍ୱନାଥ ବାନାର୍ଜୀ, ସନ୍ତୋଷ ମହାପାତ୍ର, ପ୍ରୀତି ସ୍ନିଗ୍ଧା ମହାପାତ୍ର, ବିଶ୍ୱନାଥ ସିଲ, ମୋନୋହର ଦଣ୍ଡସେନା, ସୁଦର୍ଶନ ମାଝୀ ତଥା ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦଗଣ୍ଡ ପତକା ପ୍ରଦର୍ଶନ ସହ ବସକୁ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରାର ଶୁଭାରମ୍ଭ କରିଥିଲେ । ପୂର୍ବରୁରୁ ରାଇଘର ରୁ ବିଶାଖାପାଟଣା ଚାଲି ଥିବା ବସ ସେବା ବନ୍ଦ ଥିବା ବେଳେ ଏହାକୁ ପୁନର୍ବାର ଚାଲୁ କରିବା ନିମନ୍ତେ ପରିବହନ ବିଭାଗକୁ ଜଣାଇ ପୁନର୍ବାର ଆରମ୍ଭ କରାଯିବ ବୋଲି ରମେଶ ସାହୁ କହିଥିଲେ । ଏଣୁ ରାଇଘର ଅଞ୍ଚଳରୁ ବିଭିନ୍ନ ସ୍ଥାନକୁ ବସ ସେବା ଯୋଗାଇ ଦେବା ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିବା ବେଳେ ଗଣ ଶିକ୍ଷା ମନ୍ତ୍ରୀ କଥା ଦେଇ କଥା ରଖି ଥିବା ରାଇଘର ଅଞ୍ଚଳ ଠାରେ ଖୁସି ର ଲହରୀ ଦେଖିବାକୁ ମିଳିଥିଲା ।




## ଟଙ୍କା ନଦେବାରୁ ସ୍ତ୍ରୀର ତଣ୍ଟି କାଟିଲା ସ୍ୱାମୀ : ଅଭିଯୁକ୍ତ ଗିରଫ

**କନ୍ଧମାଳ, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ନୂଆମୁଣ୍ଡା ଗାଁରେ ଅଭାବନୀୟ ଘଟଣା ଘଟିଛି । ମଦ ପାଇଁ ସ୍ତ୍ରୀର ଗଳା କାଟି ହତ୍ୟା କଲା ସ୍ୱାମୀ । ମୃତକ ମଧୁବତି ବେହେରା ଦଳାଇ ବୋଲି ଜଣାପଡିଛି । ସୂଚନା ଅନୁସାରେ ସ୍ୱାମୀ ଚନ୍ଦ୍ରକାନ୍ତ ଆଜି ସକାଳେ ମଦ ପିଇ ଆସି ସ୍ତ୍ରୀ ମଧୁବତିଙ୍କୁ କିଛି ଟଙ୍କା ମାଗିଥିଲା । ହେଲେ ମଧୁବତି ଟଙ୍କା ନଦେବାରୁ ଉଭୟଙ୍କ ଭିତରେ ବଚସା ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ଚନ୍ଦ୍ରକାନ୍ତ ଏକ ଧାରୁଆ ଅସ୍ତ୍ରରେ ସ୍ତ୍ରୀ ମଧୁବତିଙ୍କ ତଣ୍ଟି କାଟି ଦେଇଥିଲା । ପରେ ପୁଅ ସିପୁନ ବେହେରା ଦଳାଇ ଘରକୁ ଫେରିବା ପରେ ମାଆର ଗଳାକଟା ମୃତଦେହ ଦେଖି ତୁମୁଡିବନ୍ଧ ପୁଲିସ୍ କୁ ଖବର ଦେଇଥିଲା । ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ଛାନଭିନ୍ କରିବା ସହ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି ।

# ମୁକ୍ତ ଆକାଶ ତଳେ ଯାଯାବର ଜୀବନ
## ସରକାରୀ ସହାୟତା ସାତ ସପନ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ଭାରତ ବର୍ଷ ବହୁ ଧର୍ମାଲମ୍ବୀ ପୃଥିବୀରେ ସର୍ବଜନ ବିଧିତ ହୋଇଥିବା ବେଳେ ଦେଶରେ ଜୀବନ ଶୈଳୀ ବିଭିନ୍ନ ପ୍ରଦେଶର ଭିନ୍ନ ଭିନ୍ନ ଲକ୍ଷ୍ୟ କରାଯାଇଛି । ୫ ନଂ ଜାତୀୟ ରାଜପଥ ରମ୍ଭା ଲେବଲ କ୍ରସିଂଙ୍ଗ ସନିକଟ ସାବୁଲିଆ ଦକ୍ଷିଣେଶ୍ୱର ରୋଡ଼ ପାର୍ଶ୍ୱରେ ମୁକ୍ତ ଆକାଶ ଜୀବନଯାପନ କରିବା ଅଣ ଓଡ଼ିଆ ବାସିନ୍ଦା ବିଭିନ୍ନ ଋତୁ ସହ ଦିବାରାତ୍ର ଏକ କରି ତମ୍ବୁ ବିହୀନ ଜୀବନଯାପନ କରିବା ଯେପରି କଷ୍ଟ ସାଧ ତାହା ପୁଣି ପରିବାର ଧରି ରହିବା ଅତ୍ୟନ୍ତ କଷ୍ଟ ସାଧ ହୋଇଲେ ଅତ୍ୟୁକ୍ତି ହେବ ନାହିଁ । ଖରା, ବର୍ଷା ଓ ଶୀତ ଋତୁରେ ମଧ ସେମାନେ ସପରିବାର ରହିଥାନ୍ତି ମୁକ୍ତ ଆକାଶ ମଞ୍ଚ ତଳେ । ସେମାନଙ୍କର ଏହି ଭଳି ଜୀବନ ଯାପନର ମୁଖ୍ୟ କାରଣ ତଥା ଲକ୍ଷ୍ୟ କରିଲୁ ସେମାନଙ୍କ ବ୍ୟବସାୟ ଓ ପେଟ ପାଟଣା । ସୁଦୂର ବିହାର ଓ ମହାରାଷ୍ଟ୍ର ରାଜ୍ୟର ବିଭିନ୍ନ ଗ୍ରାମରୁ ଭିନ୍ନ ଭିନ୍ନ ପରିବାର ନେଇ ଆସିଥାନ୍ତି । ଏମାନେ ବର୍ଷ ସାରା ବିଭିନ୍ନ ରାଜ୍ୟ ବୁଲି ବୁଲି ହରେକ ମାଲ ସହିତ ଗଣ୍ଠି ବାତ ଔଷଧ, ମୁଣ୍ଡ ଥଣ୍ଡା



ତେଲ, ଯାବତୀୟ ଚେର ମୂଳି ବିକ୍ରି କରିଥାନ୍ତି । ଏମାନଙ୍କ ଭିତରୁ କିଛି କେବଳ ପ୍ଲାଷ୍ଟିକ ତିଆରି ଖେଳନା ଓ ଘର କରଣ ଜିନିଷ ଭଳି ବିଭିନ୍ନ ଜିନିଷ ବିକ୍ରି କରିଥାନ୍ତି । ଏହି ସବୁ ବେପାର ବଣିଜ୍ୟ ଭିତରେ ସେଥିରୁ ଯାହା ରୋଜଗାର ହୁଏ ସେମାନଙ୍କ ପରିବାର ପ୍ରତି ପୋଷଣ ହୁଏ । ସକାଳୁ ପୁରୁଷମାନେ ବାହାରି ବିଭିନ୍ନ ଜାଗା ସହିତ ଭିନ୍ନ ଭିନ୍ନ ଗ୍ରାମକୁ ବୁଲି ବୁଲି ବିକ୍ରି କରନ୍ତି । ଏପରିକି ମହିଳାମାନେ ମଧ ବୁଲି ବୁଲି ଜାଳ କାଠ ସଂଗ୍ରହ କରି ପରିବାର ପାଇଁ ରୋଷେଇ କରନ୍ତି । କହିବାକୁ ଗଲେ ବସବାସ କରୁଥିବା ଜାଗା ସଫା ରହି ପାରନ୍ତି ନାହିଁ । ସେମାନଙ୍କ ଜୀବନଯାପନ ଆଜି ଏଠି କାଲି ସେଠି, ସେମାନଙ୍କ ପିଲା ମାନେ ଶିଶୁ ଯନ୍ ଠାରୁ ଆରମ୍ଭ କରି ପ୍ରାକ ବିଦ୍ୟାଳୟ ଶିକ୍ଷା ପାଇବାରୁ ବଂଚିତ ରୁହନ୍ତି । ବଂଶାନୁକ୍ରମିକ ଭାବରେ ପିଢ଼ି ପରେ ପିଢ଼ି ଏହି ବ୍ୟବସାୟକୁ ଆପଣେଇ ଥାଆନ୍ତି । କାରଣ ସେମାନଙ୍କ ପାଖରେ ଏହା ଛଡା ଅନ୍ୟ କୌଣସି ଉପାୟ ନ ଥାଏ । ସେମାନଙ୍କ କହିବା ମୁତାବକ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତାର ଅଭାବ ହେତୁ ସେମାନେ କୌଣସି ସ୍ଥାୟୀ ବ୍ୟବସାୟ କରିବାରେ ଅସମର୍ଥ ହେଉଛନ୍ତି । ସେମାନଙ୍କୁ ଡବଲ ଇଂଜିନ ରାଜ୍ୟ ସରକାର ଥଇଥାନ କରି ନିଜ ଗ୍ରାମରେ ସେମାନଙ୍କୁ ରଖି ସେମାନଙ୍କ ବଣିଜ ବ୍ୟବସାୟ ପାଇଁ ଋଣ ପ୍ରଦାନ କରିଲେ ଭଲ ଭାବରେ ସେମାନଙ୍କ ପିଲାମାନେ ରହିପାରନ୍ତି ବୋଲି ପ୍ରକାଶ କରିଛନ୍ତି ।

# ବାତ୍ୟା 'ଦାନା' ପ୍ରଭାବରେ ୫୮,୭୧୦ ଲୋକ ଓ ୨୧,୭୦୯ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଆଭାସୀ ମାଧ୍ୟମରେ ଜିଲ୍ଲାର ସମସ୍ତ ବି.ଡି.ଓ, ତହସିଲଦାର ଓ କ୍ଷେତ୍ରୀୟ ଅଧିକାରୀ ମାନଙ୍କ ସହିତ ବାତ୍ୟା 'ଦାନା' ଜନିତ ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ବାତ୍ୟା ଓ ଲଗାଣ ବର୍ଷା ଜନିତ କାରଣରୁ ଆଶ୍ରୟସ୍ଥଳୀରେ ଥିବା ଯେଉଁ ଲୋକମାନଙ୍କର ଘର ଅବସ୍ଥା ଖରାପ ଅଛି ସେମାନଙ୍କୁ ୭ ଦିନ ପର୍ଯ୍ୟନ୍ତ ଆଶ୍ରୟସ୍ଥଳୀରେ ରଖାଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯିବ । ଏ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିମାନଙ୍କ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । କ୍ଷେତ୍ରୀୟ ଅଧିକାରୀ ଓ କର୍ମଚାରୀମାନେ ଅଞ୍ଚଳ ଗସ୍ତ କରି ପ୍ରକୃତ କ୍ଷୟ କ୍ଷତି ସମ୍ପର୍କରେ ରିପୋର୍ଟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ପ୍ରଭାବରେ ଜିଲ୍ଲାର ୧୦ ଟି ବ୍ଲକ୍ ୩୧୧ ଟି ପଞ୍ଚାୟତର ୧୨୧୧ ଟି ଗାଁ ପ୍ରଭାବିତ ହୋଇଛି । ୫୮,୭୧୦ ଲୋକ ପ୍ରଭାବିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବୟସ୍କ ୪୬,୯୬୮ ଜଣ ଏବଂ ଶିଶୁ ୧୧,୭୪୨ ଜଣ । ଜିଲ୍ଲାରେ ୬୧୪ ଟି ରିଲିଫ୍ ସେଣ୍ଟର୍ ରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି । ୪ ଦିନ ପାଇଁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ କରିବାକୁ ଅନୁମୋଦନ ହୋଇଛି । କୌଣସି ଲୋକ ମୃତାହତ ହୋଇ ନଥିବାବେଳେ ୧୫ ଟି ସ୍ଥାନରେ ଗଛ ଭାଙ୍ଗି ପଡିଛି । ୫୮୭୭ ଟି ଗୋରୁ ଗାଈ ଓ ଗୃହପାଳିତ ପକ୍ଷୀ ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୨୭୦ ବଡ଼ ପ୍ରାଣୀ ଓ ୧୬୦୭ ଟି କ୍ଷୁଦ୍ର ପ୍ରାଣୀ ଓ ୨୦୦୦ ଟି ଗୃହପାଳିତ ପକ୍ଷୀ ଅଛନ୍ତି । ୮୩୧ ଟି ପ୍ରାଣୀ ମୃତାହତ ହୋଇ ଥିବାବେଳେ ତନ୍ମଧ୍ୟରୁ ୧ ଟି କ୍ଷୁଦ୍ର ପ୍ରାଣୀ ଓ ୮୩୦ ଟି ଗୃହପାଳିତ ପକ୍ଷୀ ଅଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ୨୧,୭୦୯ ହେକ୍ଟର ଚାଷ ଜମି କ୍ଷତି ଗ୍ରସ୍ତ ହୋଇଛି । ତନ୍ମଧ୍ୟରୁ ୧୫,୨୭୩ ହେକ୍ଟର ଧାନ ଫସଲ, ୬,୦୯୬ ହେକ୍ଟର ଅଣ ଧାନ ଫସଲ ଏବଂ ୩୪୦ ହେକ୍ଟର ପନିପରିବା ଫସଲ ବର୍ଷା ଜଳ ଦ୍ୱାରା ପ୍ରଭାବିତ ହୋଇଛି । ବାତ୍ୟା ପ୍ରଭାବରେ ସମୁଦାୟ ୧୨୧୪ ଟି ଘର କ୍ଷତି ଗ୍ରସ୍ତ ହୋଇଥିବାବେଳେ ସେଥିରୁ ୮୭୬ ଟି କଚ୍ଚା ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି, ୩୮ ଟି କଚ୍ଚା ଘର ସିଭିଅରଲି କ୍ଷତି ଗ୍ରସ୍ତ ହୋଇଛି, ୦୨ ଟି କଚ୍ଚା ଘର ସମ୍ପୂର୍ଣ୍ଣ ରୂପେ କ୍ଷତି ଗ୍ରସ୍ତ ହୋଇଥିବାବେଳେ ୪୦ ଟି କୁଡିଆ ଘର ଏବଂ ୨୫୮ ଟି ଗାଈ ଗୁହାଳ କ୍ଷତି ଗ୍ରସ୍ତ ହୋଇଅଛି । ଅପରାହ୍ନ ୧୨.୩୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୫୨ କୁଇଣ୍ଟାଲ୍ ଚୂଡ଼ା, ୧.୩ କୁଇଣ୍ଟାଲ ଗୁଡ଼, ୫୦ ଟି ପଲିଥିନ ରୋଲ୍ ବଣ୍ଟନ କରାଯାଇଛି । ଜିଲ୍ଲା ଯୋଗାଣ ଅଧିକାରୀଙ୍କ ପକ୍ଷରୁ ଯାଜପୁର ସହରରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକର ତନଖି କରାଯାଇଥିଲା ।



# ଚଳନ୍ତା ବସ୍‌ରେ ପ୍ରତାପ ପୋଲାଇଙ୍କୁ ଗୁଳି ମାଡ ମାମଲା
## ୧୬ଜଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଆସିକା, ନ୍ୟୁଜ ବ୍ୟୁରୋ**

ଆସିକା ଥାନା ଅନ୍ତର୍ଗତ କରେଞ୍ଜେଇ ନିକଟରେ ଗତ ୨୦୧୭ ମସିହା ନଭେମ୍ବର ମାସ ଛଅ ତାରିଖ ରାତ୍ର ଆଠ ଘଣ୍ଟା ସମୟରେ ପ୍ରତାପ ଏକ ଘରୋଇ ବସରେ ବ୍ରହ୍ମପୁର ଯାଉଥିବା ବେଳେ ଆସିକା-ବ୍ରହ୍ମପୁର ରାସ୍ତାର କରଞ୍ଜେଇ ନିକଟରେ ଚଳନ୍ତା ବସରେ ପ୍ରତାପକୁ ତିନି ଜଣ ଗୁଳି ମାଡ଼ କରିଥିବା ନେଇ ପ୍ରତାପଙ୍କ ସ୍ତ୍ରୀ ବବିତା ପୋଲାଇ ଆସିକା ଥାନାରେ ଅଭିଯୋଗ ପରେ ଆସିକା କେଶ ନମ୍ବର ୨୩୧/୨୦୧୭ରେ ଏକ ମାମଲା ରୁଜୁ କରି ତତ୍କାଳୀନ ଆସିକା ଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କ ଟ୍ରାନ୍ସଫର ପରେ ଆସିକା ଥାନା ଅଧିକାରୀ ଭାବେ ସନ୍ତୋଷ କୁମାର ଜେନା ଏହି ହତ୍ୟା କାଣ୍ଡ ଘଟଣାର କେଶ ତଦନ୍ତ ଅଧିକାରୀ ଭାବେ ପରିଚାଳନା କରୁଥିବା ବେଳେ ଦୁଇଟି ପର୍ଯ୍ୟାୟରେ ମୋଟ ଷୋହଳ ଜଣଙ୍କ ନାଁରେ ଆସିକା ଥାନାରେ କେଶ ହୋଇ ଥିବା ବେଳେ ୪୪ ଜଣଙ୍କ ସାକ୍ଷୀଙ୍କ ମଧ୍ୟରୁ ବାଇଶି ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଷୋହଳ ଜଣ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ପ୍ରବୀର କୁମାର ଚୌଧୀରି । ନିର୍ଦ୍ଦୋଷରେ ଷୋହଳ ଜଣ ଖଲାସ ହେଲେ କୃଷ୍ଣ ବେହେରା, ନୀଳ କଣ୍ଠ ଗୌଡ଼, ସାଇ ପୋଲାଇ, ମନୋରଞ୍ଜନ ନାହାକ, ଭଗବାନ ସ୍ୱାଇଁ ବିକ୍ରମ ଜେନା, ସନ୍ତୋଷ ପାତ୍ର, ରବି ନାହାକ, ସମୀର ବିଶ୍ୱାଳ, ଶଙ୍କର ନାହାକ, କୃଷ୍ଣ ପ୍ରାସାଦ ନାହାକ, ଗୌତମ ପୋଲାଇ, ପ୍ରଣବ ବିଷୋୟୀ, ଶିବରାମ ସେଠି, ସନ୍ତୋଷ ଦାସ, ଲମ୍ବୁ ତାରିଣୀ । ମୁଦାଲା ମାନଙ୍କ ପକ୍ଷରୁ କେଶ ପରିଚାଳନା କରୁଥିଲେ ସରତେନ୍ଦୁ ପଣ୍ଡା, ନାରାୟଣ ମୁନି, ରୁଦ୍ର ପ୍ରାସାଦ ମହାପାତ୍ର, ଗଙ୍ଗାଧର ନାହାକ, ରବି ପାତ୍ର, ସୁଧାଂଶୁ ଶେଖର ପାଣିଗ୍ରାହୀ, ସୁଦୀପ୍ତ କୁମାର ପାତ୍ର ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୯ / ଚନ୍ଦ୍ର ୮ | ୭ | ରାହୁ ୬ / ଶୁକ୍ର ୫ |
| ୧୦ ମଙ୍ଗଳ | ୧୧ / ୫ | ୪ |
| ୧୧ ଶନି / ୧୨ କେତୁ | ରବି ବୁଧ | ୩ / ୨ ଗୁରୁ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୮।୧୦।୨୦୨୪, କାର୍ତ୍ତିକ ଦି୧୨ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୫।୪୬।୧୧ **ଚନ୍ଦ୍ରୋଦୟ-** ରାଘ ୩।୦୧।୦୬

**ଏକାଦଶୀ ମଳ-** ଦିଘ ୭।୫୧ ପର୍ଯ୍ୟନ୍ତ । **ପୂର୍ବା ଫାଲ୍ଗୁନୀ ନକ୍ଷତ୍ର-** ଘ ୩।୨୪ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ରାଘ ୧୦।୧୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । ରାଘ ୧୦।୧୦ ପରେ ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ରାଘ ୧୦।୧୦ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୭।୫୧ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୦ ଗତେ ଘ ୭।୧୪ ମଧ୍ୟେ । ଦିଘ ୮।୫୨ ଗତେ ଘ ୧୧।୦୮ ମଧ୍ୟେ । **ପର୍ବୋତ୍ସବ -** ରମା ଏକାଦଶୀ, ଗୋବତ୍ସା ଦ୍ୱାଦଶୀ ।

**ମେଷ:** ମନରେ ଭକ୍ତିଭାବ ଆସିବ । ସାର୍ବଜନୀନ କାର୍ଯ୍ୟ ବା ସେବା ପୂଜାରେ ଯୋଗଦାନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଲାଭ ହେବାର ସୂଚନା ।

**ବୃଷ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କର୍ମକ୍ଳାନ୍ତିରୁ କର୍ମହାନୀର ଆଶଙ୍କା । ରୋଜଗାରରେ ବାଧା ଦେଖାଦେବ । ଦୂରଯାତ୍ରା କରି ଅଶାନ୍ତି ଦେଖାଦେବ । ଗୃହେ ଜଞ୍ଜାଳ ବଢ଼ିବାର ସୂଚନା ମଧ ରହିଛି ।

**ମିଥୁନ:** କୌଣସି ଶୁଭ କାର୍ଯ୍ୟରେ ଯୋଗଦାନ କରି ଆନନ୍ଦ ଉତ୍ସବରେ ମାତିବେ । ବନ୍ଧୁ ମିଳନ ଯୋଗ ରହିଛି । ଦୂରଯାତ୍ରା କରିପାରନ୍ତି । ପରିବାରରେ ଆନନ୍ଦ ବିରାଜମାନ କରିବ । ଆୟ ଓ ବ୍ୟୟ ସମାନ ରହିବ ।

**କର୍କଟ:** ସହକର୍ମୀ ବା ପଦସ୍ଥ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶଂସା ଲାଭ କରିବେ । ଦୁଃସାହସିକ କାର୍ଯ୍ୟ କରିବେ । ଆୟରେ ଉନ୍ନତି ହେବ । ପରିବାରରେ ସୁଖ ଶାନ୍ତି ମିଳିବ । ଦେହ ଭଲ ରହିବ । ମହିଳାମାନେ ସୁଖୀ ହେବେ ।

**ସିଂହ:** ସହକର୍ମୀ ମାନଙ୍କ ଅସହଯୋଗରୁ କର୍ମହାନୀର ଆଶଙ୍କା । ଅନ୍ୟମାନଙ୍କ ପାଖରେ ଅପଦସ୍ତର ଶିକାର ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ନିଷ୍ଫଳ ଦେଖାଦେବ । ମହିଳାମାନେ ଆନନ୍ଦିତ ହେବେ ।

**କନ୍ୟା:** ମନରେ ବିରକ୍ତି ତଥା ଅଶାନ୍ତି ଲାଗି ରହିବାର ଆଶା । କର୍ମକ୍ଷେତ୍ରରେ କାର୍ଯ୍ୟ ହାନୀର ସୂଚନା । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ସୁଖ ଶାନ୍ତି ଲାଭ ହେବ । ଶରୀର ସୁସ୍ଥ ରହିବ ।

**ତୁଳା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । କର୍ମହାନୀ ସହିତ ଖର୍ଚ୍ଚର ପରିମାଣ ଅଧିକ ହେବ । ଘରେ ଅସହଯୋଗ ଦେଖାଦେବ । ଠକାମିରେ ପଡ଼ିପାରନ୍ତି । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

**ବିଛା:** କୌଣସି କାର୍ଯ୍ୟ ପ୍ରତି ମମତା ଆସିବ ନାହିଁ । ମନରେ ଘୃଣା ଭାବ ଜାଗ୍ରତ ହେବ । ଦୂରଯାତ୍ରାରେ କଷ୍ଟ ବୃଦ୍ଧି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆଶ୍ୱସ୍ତି ଲାଭ କରିବେ । ମହିଳାମାନେ ଗର୍ବୀ ହେବେ ।

**ଧନୁ:** ଦୂରଯାତ୍ରା କରି ବହୁ ସଫଳ ଲାଭ କରିବେ । କର୍ମକ୍ଷେତ୍ରରେ ସୌଜନ୍ୟତା ପ୍ରାପ୍ତି ହେବ । ରୋଜଗାରରେ ସାମାନ୍ୟ ଉନ୍ନତି । ପରିବାରରେ ସାହାଯ୍ୟ ଓ ସହଯୋଗ ଲାଭ କରିବେ । ଦେହ ଭଲ ରହିବ ।

**ମକର:** ଅତୀତ ଘଟଣା ପାଇଁ ଅନୁତପ୍ତ ହେବେ । ନାନା କାରଣ ପାଇଁ ଚିନ୍ତା ବଢ଼ିବ । ରୋଜଗାରରେ ସାମାନ୍ୟ ଉନ୍ନତି ହେବ । ପରିବାରରେ ପାରସ୍ପରିକ ଆଲୋଚନାରୁ ଆନନ୍ଦ ଲାଭ ହେବ । ମହିଳାମାନେ ଖୁସି ହେବେ ।

**କୁମ୍ଭ:** ହଠାତ୍ ବିଷର୍ଣ୍ଣ ବୃଦ୍ଧି ହେବ । କୌଣସି ଦୁର୍ଘଟଣା ପାଇଁ ଚିନ୍ତା ବଢ଼ିବ । ଆୟରେ ବାଧା ସୃଷ୍ଟି ହେବ । ବିରକ୍ତି ଆସିବ । ପରିବାରରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ । ଶରୀର ଅସୁସ୍ଥ ରହିବାର ସୂଚନା ।

**ମୀନ:** ଦୂରଯାତ୍ରା କରି ଫଳବତୀ ହେବେ । ବନ୍ଧୁ ସହଯୋଗ ମିଳିବ । ନିଜ କର୍ମ ପାଇଁ ପ୍ରଶଂସିତ ହେବେ । ସୁଖ ସମ୍ମାନ ପ୍ରାପ୍ତି ହେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ରହିବାର ସୂଚନା ।

30 YEARS
ସମ୍ବାଦ କଳିକା

# ଦେଶର ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ବଢୁଛି

**ଦେ**ଶର ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ଆଗକୁ ବଢୁଛି । ଏଥିସହିତ ମୁଦ୍ରା ନୀତିରେ ସ୍ଥିରତା କାରଣରୁ ଋଣ ଅଭିବୃଦ୍ଧି ଅଧିକ ରହିଛି । ଏଥିଯୋଗୁ ଭାରତରେ ଧନୀ ଲୋକଙ୍କ କ୍ରୟଶକ୍ତି ମଧ୍ୟ ବଢୁଛି । ଏସବୁ କାରଣରୁ ଭାରତରେ ଧନୀ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ବର୍ଷକୁ ୧୦ ହଜାର ଡଲାର (୮,୨୮,୭୨୩ ଟଙ୍କା) ରୋଜଗାର କରୁଥିବା ଗ୍ରାହକଙ୍କ ସଂଖ୍ୟା ୨୦୧୫ ମସିହାରେ ୨୪ ନିୟୁତ ଥିଲା କିନ୍ତୁ ସଂପ୍ରତି ଏମାନଙ୍କ ସଂଖ୍ୟା ୬୦ ନିୟୁତରେ ପହଞ୍ଚିଛି । ଅର୍ଥାତ୍ ଦେଶର ମୋଟ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ୪.୧ ପ୍ରତିଶତ ବୋଲି ଶୁକ୍ରବାର ଗୋଲଡମ୍ୟାନ୍ ସାଚ୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ରହିଛି । ଆସନ୍ତା ୨୦୨୭ ସୁଦ୍ଧା ବାର୍ଷିକ ୧୦ ହଜାର ଡଲାର ମୁଣ୍ଡପିଛା ଆୟ ଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି ଆଇଏମ୍ଏଫ ପକ୍ଷରୁ ଆକଳନ କରାଯାଇଛି । ଭାରତରେ ମଧ୍ୟମ ଆୟବର୍ଗର ଲୋକଙ୍କ କ୍ରୟଶକ୍ତି ବଢୁଛି ।

ଫଳରେ ଗହଣା, ସ୍ୱାସ୍ଥ୍ୟସେବା, ବାହାରେ ଖାଇବା ଆଦି ଖର୍ଚ୍ଚ ବଢ଼ିଛି । ଭାରତରେ ଆର୍ଥିକ ଓ ଭୌତିକ ସଂପତ୍ତି ଗୁଡ଼ିକର ମୂଲ୍ୟ ବୃଦ୍ଧି ପାଉଥିବାରୁ ଲୋକଙ୍କ ସଂପତ୍ତି ବଢ଼ିବାରେ ଲାଗିଛି । ଜମି ଏବଂ ସୁନାକୁ ଯଦିଓ ସଂପତ୍ତି ସାଇତି ରଖିବାର ପ୍ରମୁଖ ମାଧ୍ୟମ ଭାବେ ବିବେଚନା କରାଯାଉଛି ତଥାପି ଭାରତୀୟମାନେ ସେମାନଙ୍କ ସଞ୍ଚୟ ଓ ନିବେଶ ଅଭ୍ୟାସରେ ପରିବର୍ତ୍ତନ ଆଣିଛନ୍ତି । ନିବେଶକମାନେ ସିଧାସଳଖ କିମ୍ବା ମ୍ୟୁଚୁଆଲ ଫଣ୍ଡ ଜରିଆରେ ଇକ୍ୱିଟିରେ ନିବେଶ କରୁଛନ୍ତି ବୋଲି ଗୋଲ୍ଡମ୍ୟାନ୍ ସାଚ୍ସ ପକ୍ଷରୁ କୁହାଯାଇଛି କିନ୍ତୁ ଭାରତକୁ ସାମଗ୍ରିକ ଭାବେ ଦେଖିଲେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୩ ହଜାର ଡଲାରରୁ କମ୍ ରହିଛି । ବଡ଼ ଧନୀ ଏବଂ ମଧ୍ୟ ଆୟବର୍ଗର ଲୋକମାନଙ୍କ ମଧ୍ୟରେ ବ୍ୟୟ କ୍ଷମତାରେ ପାର୍ଥକ୍ୟ ଏକ ବଡ଼ ଚିନ୍ତାର ବିଷୟ ବୋଲି କୁହାଯାଇଛି । ଭାରତରେ ୯୬ କୋଟିରୁ ଅଧିକ ଡେବିଟ କାର୍ଡ ଲୋକଙ୍କୁ ପ୍ରଦାନ କରାଯାଇଛି । ସେହିଭଳି ୯.୩ କୋଟି ଲୋକଙ୍କ ପାଖରେ ପୋଷ୍ଟପେଡ ମୋବାଇଲ ସଂଯୋଗ ରହିଛି । ଏହା ସତ୍ତ୍ୱେ କେବଳ ୩ କୋଟି ଭାରତୀୟ ଗାଡ଼ି କିଣିବାକୁ ସକ୍ଷମ ବୋଲି ରିପୋର୍ଟରେ କୁହାଯାଇଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ସମୟର ଚକାଭଉଁରୀ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

ବଡ଼ ପ୍ରଭାବଶାଳୀ ସମୟ । ସେ ହିଁ କାଳ, ମହାକାଳ । ସାକ୍ଷୀ ସୃଷ୍ଟିର, ଆଦି, ଅନ୍ତର । କାହା ପାଇଁ ସେ ଇତିହାସ, କାହା ପାଇଁ କଥା, ଗାଥା, ଜନଶ୍ରୁତି ଅବା କିମ୍ବଦନ୍ତୀ । ସଭ୍ୟତାର ଉନ୍ମେଷ, ବିକାଶ, ବିଲୟ । ବ୍ୟକ୍ତିର ମାନ, ଅହଂକାର, ଯଶ, କୀର୍ତ୍ତି, ଖ୍ୟାତି । ସବୁ ସେଇ କାଳର ଖେଳ । ସମୟ ଖେଳୁଚି ଚକାଭଉଁରୀ । ଆଜି ଯେ ରାଜେନ୍ଦ୍ରାସନେ, କାଲି ସେ ରାଜରାସ୍ତାର ଫକିର । ନାହାନ୍ତି ମାନଗୋବିନ୍ଦ ଦୁର୍ଯ୍ୟୋଧନ । ଦିନେ ତାଙ୍କ ପଣ ଥିଲା ବିନା ଯୁଦ୍ଧେ ନଦେବାର ସୂଚ୍ୟଗ୍ର ମେଦିନୀ । ସେ ବି ନିଶ୍ଚିହ୍ନ । ତ୍ରିକାଳଦର୍ଶୀ ରାବଣ, ଯାର କିଙ୍କର ଦେବତାମାନେ, ସେ'ବି ନାହିଁ । ନାହାନ୍ତି କଂସାସୁର ଅବା ମହାଦାନୀ ବଳୀ । ଦୁର୍ଗ ଭୁଷୁଡ଼ି ପଡ଼ିଛି, ରାଜଉଆସ ଚେମଣିଆ, ଘରଚଟିଆଙ୍କ ଆବାସ । ପୁନଶ୍ଚ ନୂତନତାର ଅୟମାରମ୍ଭ । ତା'ର ବି ସାକ୍ଷୀ ସମୟ । ନାହାନ୍ତି ଦିଗ୍‌ବିଜୟୀ ଆଲେକଜାଣ୍ଡାର । ଶେଷବେଳରେ ଦେଇଗଲେ ବାର୍ତ୍ତାଟେ । ଆସିଥିଲେ ଶୂନ୍ୟ ହସ୍ତେ ଗଲେ ଶୂନ୍ୟ ହସ୍ତେ । କିନ୍ତୁ ଏ ଦୁନିଆ ଶିଖିଲାନି, ବୁଝିଲାନି । ମଦମତ୍ତ ମଣିଷ । ଅର୍ଥଲାଳସା, କାମିନୀ କାଞ୍ଚନ ଭୋଗ ପିପାସା । ଏ ସବୁ ଅଳିକ, କ୍ଷଣସ୍ଥାୟୀ । ମଣିଷ ଆଜି ଟଙ୍କା ପାଇଁ ପାଗଳ । ଏଥି ପାଇଁ ଅପକର୍ମ, କୁକର୍ମ, ଶୋଷଣ, ଲୁଣ୍ଠନ । ଛାର ! ପାମର କି ବୁଝେ । କାଳ ଅଦୃଶ୍ୟରେ, ଲୁଚିଛପି ସବୁ ଦେଖୁଛି, ଛଞ୍ଚାଣ ଭଳି ଦିନେ ଝାମ୍ପିନେବ । ନଥିବ ସାହା ରାହା । ଅଧୁନା ବଦଳା ସ୍ଥିତି । ବଦଳିଛି ସଂସ୍କୃତି, ସଂସ୍କାର ଆଉ ବିଚାର । ପ୍ରାଚ୍ୟ ସଂସ୍କୃତି ଉପରେ ପାଶ୍ଚାତ୍ୟ ଚଳଣିର ଆଧିପତ୍ୟ । ବଦଳା ଜନ-ଜୀବନ, ଆଚାର, ବିଚାର, ଚଳଣି । ଏ ପ୍ରସଙ୍ଗଟି ଉଣା ଅଧିକେ ସବୁ ଦେଶ, ସବୁ ରାଜ୍ୟ ପାଇଁ ପ୍ରଯୁଜ୍ୟ । ଏଥିରୁ ବାଦ୍ ପଡ଼ିନି ଓଡ଼ିଶା ।

ଊନବିଂଶ ଶତାବ୍ଦୀରର କଥା, ଓଡିଶାରେ ଆରମ୍ଭ ହେଲା ଫିରିଙ୍ଗି ରାଜୁତି । ଚାଲିଲା ନୂଆ ଶାସନ, ରୀତି, ନୀତି । ସୃଷ୍ଟି ହେଲା ସାମାଜିକ ସଂକଟ । ବସିଖିଆ, ମହାଜନ, ସାହୁକାର, ନାନାଦି ସୁବିଧା ପାଇଲେ । ପାଲଟିଲେ ଶୋଷକ, ସଇତାନ । କେତେ କେତେ ଖଟିଖିଆ, ରଇତ ହେଲେ ତଳିତଳାନ୍ତ । ଦାତା-ଗ୍ରହୀତା, ସାହୁକାର-ରଇତ, ରାଜା ରଙ୍କ, ସମସ୍ତେ କାଳର କବଳରେ । ସାହୁକାର ଦିନେ ବସିଥିଲା ଟଙ୍କାର ପାହାଡ଼ ଉପରେ, ଏବେ ସର୍ବସ୍ୱାନ୍ତ । ରଇତଟି ପଥର ଭିକାରି । ଉଭୟ ମାନସିକ ବିକାରଗ୍ରସ୍ତ । ସାହୁକାର ଖୋଜୁଛି ରଇତକୁ, ରଇତଟି ଖୋଜୁଛି ସାହୁକାରକୁ । ଏମିତି ଏକ କଥାବସ୍ତୁ । ଏହାରି ଉପରେ ଆଧାରିତ ଗପଟେ – 'ପଟ୍ଟନାୟକ, ପଇସାଟିଏ' । ଗାଳ୍ପିକ ଗୋଦାବରୀଶ ମହାପାତ୍ର । ଶୋଷକ, ଶୋଷିତ – ସେଇମାନଙ୍କ ଜୀବନର କଥା ବ୍ୟଥା – ଗଳ୍ପଟିର ଆଧାର ।

୧୫୬୮ ମସିହା । ଓଡ଼ିଶାର ରାଜନୀତିକ ଆକାଶ ଘୋର ଅନ୍ଧକାରାଚ୍ଛନ୍ନ । ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦଦେବ । ଯାଜପୁର ଗୋହିରାଟିକିରୀ ଯୁଦ୍ଧରେ ନିହତ ହେଲେ । ବିଦେଶୀମାନଙ୍କ ହାତରେ ଓଡ଼ିଶା । କ୍ରମରେ ଶାସକ – ଆଫଗାନ, ମୋଗଲ, ମରହଟ୍ଟା । ସର୍ବଶେଷରେ ଇଂରେଜମାନେ । ୧୮୦୩ରେ ସେମାନଙ୍କ ଓଡ଼ିଶା ବିଜୟ ସମାପ୍ତ । ନଦୀନାଳ, ବଣପାହାଡ଼ ଘେରା ଏଇ ରାଜ୍ୟ । ଫିରିଙ୍ଗିମାନେ ସମ୍ପୂର୍ଣ୍ଣ ଅଜ୍ଞ । ଆପଣା ଢାଞ୍ଚାରେ ଶାସନ ଚଳାଇଲେ । ଓଡ଼ିଶାର ଖଜଣାଖାନା ଲୁଟିଲେ । ଓଡ଼ିଆଙ୍କର କୃଷି ହିଁ ସର୍ବସ୍ୱ । କୃଷକମାନଙ୍କ କଥା, ଇଂରେଜ ଶାସକ ବିଚାରକୁ ନେଲେନି । ସୃଷ୍ଟି ହେଲା ମହାସଂକଟ । କୃଷକମାନେ ଅର୍ଥ ଶୋଷଣର ଶିକାର ହେଲେ । କୃଷି, କୃଷକ – ଉଭୟର ଅବସ୍ଥା ଶୋଚନୀୟ । ମୋଗଲ ଶାସନ । ଭୂରାଜସ୍ୱ ଆଦାୟ ବ୍ୟବସ୍ଥା ଜମିଦାରଙ୍କ ମାଧ୍ୟମରେ । ମରହଟ୍ଟାମାନେ ସୁଚିନ୍ତିତ ପଦକ୍ଷେପଟେ ନେଇଥିଲେ । ପ୍ରଜାଙ୍କ ଠାରୁ ପ୍ରତ୍ୟକ୍ଷ କର ଆଦାୟ କଲେ । କିନ୍ତୁ ଇଂରେଜମାନେ ମୋଗଲଙ୍କ ପନ୍ଥା ଆପଣେଇଲେ । ବିଲାତର ପ୍ରଖ୍ୟାତ ଭୂମ୍ୟାଧିକାରୀ ଲର୍ଡ଼ କର୍ଣ୍ଣୱାଲିସ୍ । ସେବେକା ଗଭର୍ଣ୍ଣର ଜେନେରାଲ । ଆରମ୍ଭ କଲେ ଚିରସ୍ଥାୟୀ ବନ୍ଦୋବସ୍ତ । ବିଲାତି ଢାଞ୍ଚା । ତିଆରି କରିଦେଲେ ଗୋଟେ ଲର୍ଡ଼ ବା ଜମିଦାର ଗୋଷ୍ଠୀ । ଜମିଦାରମାନଙ୍କ ବିଳାସପୂର୍ଣ୍ଣ ଜୀବନ । କୃଷକଙ୍କ ସହ ସମ୍ପର୍କ ନାସ୍ତି । ଖଜଣା ଅସୁଲ ଦାୟିତ୍ୱରେ ଗୁମାସ୍ତାମାନେ । ସେମାନେ ଆପଣେଇଲେ ନାନା ପ୍ରକାର ବୈଧ ଅବୈଧ ଉପାୟ । ବଳ ପ୍ରୟୋଗ ବି । ହନ୍ତସନ୍ତ ରଇତ । ଖଜଣା ପଇଠ, ଝିଅ ବାହାଘର, ଘରଖର୍ଚ୍ଚ-ସବୁ ସେଇ କୃଷିରୁ । ପ୍ରାକୃତିକ ବିପର୍ଯ୍ୟୟରେ ଫସଲ ହାନି । ଆର୍ଥିକ ଅନଟନ । ପରିବାର ଭରଣ ପୋଷଣ, ଜମିଦାରଙ୍କ ଖଜଣା ପଇଠ । କୃଷକଟି ଦୌଡ଼େ ସାହୁକାର ପାଖକୁ । ଟଙ୍କା କରଜ ଆଣେ । ଲେଖିଦିଏ କଣ୍ଟ କବଲା । ସୁଧ କଳନ୍ତର ବଢ଼ିଯାଏ । ସାହୁକାର ନିର୍ଦ୍ଦୟ । ରଇତର ଘରଡିହ, ଜମିବାଡ଼ି ନିଲାମ ଉଠାଏ । ଗାଁର ମଣିଷଟି । ପାଲଟେ ପଥର ଭିକାରି । ଏଣିକି ଭରସା କଲିକତା, ରେଙ୍ଗୁନ ଅବା କାଳୀମାଟି । କେଉଁଠି ଝୋଟ କଳର ଶ୍ରମିକ ତ କେଉଁ ବଙ୍ଗାଳୀ ବାଡ଼ିରେ ମାଳି । ଘରବାହୁଡ଼ା ନାହିଁ । ଉଜୁଡ଼ିଯାଏ ତା' ସଂସାର । ଗାଁ, ଆପଣାର ଗାଁ, ତା' ପାଇଁ ସାତ ସପନ ।

ସେଇ ଦୂରିଆ ଦୂରିଆ ଗାଁ । ନାଁ ବାଲିପତର । ସେଇ ଗାଁର ଗରିବ ରଇତ ରଘୁ ସୁବୁଦ୍ଧି । ମାଟି ସହ ମାଟି ହେଇଛି, ସୁନା ଫଳେଇଚି । ଟଙ୍କା, ସୁନା ମଷାଏ ସାଇତି ଥାଏ । ଭଲ ଘର ଖଣ୍ଡେ ତା'ର । ଉପର ନଡ଼ା ଛପର, ପକ୍କା ପିଣ୍ଡା । ସୁଖ ସଂସାର ରଘୁର । ସେଇବର୍ଷ ତିରୋଟ ବେଳ । ଫସଲ ହେଲାନି । ଗାଁ ମହାଜନ ପଟ୍ଟନାୟକ । ରଘୁ ତାଙ୍କଠାରୁ କରଜ ଆଣିଲା ୫୦ ଟଙ୍କା । ପାଞ୍ଚ ବର୍ଷରେ ୫୦୦ ଟଙ୍କା । ସେଦିନ ଗାଁ ସାରା ଟୁପୁରଟାପର – ରଘୁ ଘର ନିଲାମ ହେବ । ସତକୁ ସତ ରଘୁ ଘର ଆଗରେ ଡେଙ୍ଗୁରା ବାଜିଲା । ପଟ୍ଟନାୟକେ ତା' ଘର, ବାଡ଼ି, ବିଲ ନିଲାମ ଉଠାଇଲେ । ରଘୁର ସର୍ବସ୍ୱ ଗଲା । ଏବେ ରଘୁ ପାଗଳ, ଯାହାକୁ ଦେଖେ, ହାତ ପତାଇ କହେ – "ପଟ୍ଟନାୟକ, ପଇସାଟିଏ ।"

ଆସିକା ବସ୍‌ଷ୍ଟାଣ୍ଡ । ବସ୍‌ର ଘଡ଼ଘଡ଼, ଦମ୍‌ଦମ୍ ଭଁ-ଭଁ ଶବ୍ଦ । ତା' ଭିତରେ ଗୋଟିଏ କରୁଣ ସ୍ୱର – 'ପଟ୍ଟନାୟକ, ପଇସାଟିଏ' । ଲୋକଟି ଆଉ କେହି ନୁହେଁ ରଘୁ ସୁବୁଦ୍ଧି । ରଥଙ୍କୁ ଚାହିଁ ମାଗେ, ମିଶ୍ରଙ୍କୁ ଚାହିଁ ହାତ ପତାଏ । ରଥେ, ମିଶ୍ରେ ମୁହଁ ବୁଲାନ୍ତି । ଦାସେଙ୍କୁ ମାଗେ – ଦାସେ ଚିଡ଼ି ଉଠନ୍ତି । ପ୍ରଧାନେ ବସ୍‌ରେ, ମୁଣ୍ଡରେ ପଗଡ଼ି । ଢେର୍ ବଡ଼ଲୋକ । 'ପଧାନ' ଡାକିଲେ ହୁଏତ ଦେଇଥାଆନ୍ତେ ! ଏମିତି ଗୋଟିକ ପରେ ଗୋଟେ ଯାତ୍ରୀ, କିଏ ମୁହଁ ବୁଲାଏ । କିଏ ଚିଡ଼ିଚିଡ଼ି ହୁଏ । କିଏ କହେ – ଏଇଟା ତା'ର ଅଭ୍ୟାସ । ଆଉ କିଏ କହେ – ଏଇଟା ପାଗଳ । କିଏ କହିଲା – ଗଞ୍ଜୋଡ଼, ଆପୁଆ, ଗୁଳିଆ । ରଘୁ ସବୁ ଶୁଣେ, ତିରସ୍କାର ପାଏ । ନାହିଁ ପ୍ରତିବାଦ । କେବଳ ଗୋଟିଏ କଥା – 'ପଟ୍ଟନାୟକ, ପଇସାଟିଏ' । ବର୍ଷେ ଦେଢ଼ବର୍ଷ ଗଲା । ଏବେ ତା'ର ଆଉ ଦେଖାନାହିଁ ।

ସେଇ ଆସିକା ବସ୍ ଷ୍ଟାଣ୍ଡ । ରଘୁ ସୁବୁଦ୍ଧି ନୁହେଁ, ଆଉ ଜଣେ ଭିକାରି । ବିଧିର ବିଧାନ ବଡ଼ ବିଚିତ୍ର । ଜଣେ ମାଗୁଥିଲା, ଏବେ ଆଉ ଜଣେ ଯାଚୁଛି । ତା' ଠାରୁ କିଏ ବା ନେବ ? ସମସ୍ତେ ଆହା ! ଆହା କରନ୍ତି । ବିଚରାର ଭାଗ୍ୟ ଏମିତି ! ଦିନେ ଘିଅ ମହୁରେ ଭାସୁଥିଲା । ବଡ଼ ଜମିଦାରୀ । ମହାଜନ ଖାତକି କାରବାର, ମିଛ ସତ କହି ଢେର୍ କମେଇଚି । କେତେ ଗରିବଙ୍କ ଘର ଉଚ୍ଛନ୍ନ କରିଛି । ତାଙ୍କରି ଆଖିର ଲୁହ, ଜାଳି ଦେଲା ଅହଙ୍କାର । ଚାଲିଗଲା ପ୍ରାଚୁର୍ଯ୍ୟ । ଏବେ ସେ ପାଗଳ, ପଥର ଭିକାରି । ଲୋକ ଜଣକ ଆଉ କେହି ନୁହେଁ । ବାଲିପତର ଗାଁର ପଟ୍ଟନାୟକେ । ତଳି ତଳାନ୍ତ କରିଥିଲା ରଘୁକୁ । ଏବେ ସେ ତଳିତଳାନ୍ତ । ବସି ଖାଇଲେ ସାତଜନ୍ମ ଖାଇ ଥାଆନ୍ତା;ମାତ୍ର ଆଜି ଇମିତି । କିଏ କହେ ତାକୁ ଧର୍ମ ସହିଲାନି । ଆଉ କିଏ କହେ ପର ରକତ ଶୋଷା । ଗରିବର ଅଭିଶାପ । ପଟ୍ଟନାୟକେ ପାଗଳ ନ ହେବାକୁ ବାଟ କାହିଁ ? ଆଉ ଜଣେ କିଏ କହିଲା – "ଦେଖିନ, ସୁବୁଦ୍ଧି ପରା ଯାଙ୍କରି ହେତୁ ବାୟା ହେଇଗଲା ଯେ, ଆଉ ଘରକୁ ଫେରିଲା ନାହିଁ । ତାଙ୍କୁ ଖୋଜି ଖୋଜି ସଂସାର ବୁଲୁଚି, ଆଜି ପୁଣି ଏ ତାକୁ ଖୋଜି ଖୋଜି ବାୟା । ସଂସାର ଯେ ଆତଯାତ କରାଉଚି, ସେ କରେଇଚି ଯାକୁ ।" ସବୁ ସେଇ ଗୋବିନ୍ଦର ମାୟା । କାଳର ଖେଳ ।

ସେଦିନର କଥା । ବସ୍‌ରେ ଗଳ୍ପନାୟକ । ପଟ୍ଟନାୟକ ଆଡ଼କୁ ହାତ ବଢ଼େଇ ଦେଲେ । ଜରାଜୀର୍ଣ୍ଣ ଶିରାଳ ହାତ ଭିକାରିଟିର । ତରତରରେ ବଢ଼େଇ ଦେଲା ପଇସାଟିଏ । ହାତଟାକୁ ଧରି ପକାଇଲା, ପାଗଳ ପରି ହସିଲା, କାନ୍ଦିଲା,– "ଦେଖା ହେଲା, ଦେଖା ହେଲା । କିଛି ନେଇ ନାହିଁ, ସବୁ ରଖି ଦେଇଚି । ସୁବୁଦ୍ଧି ଯାଉଚ କୁଆଡ଼େ ।" ବସ୍ ଛାଡ଼ିଦେଲା । ଗଳ୍ପ ନାୟକର ହୃଦୟ ଚହଲି ଯାଇଛି । ଦେଢ଼ ବର୍ଷ ତଳର ରଘୁ ସୁବୁଦ୍ଧି, ଘଣ୍ଟାକ ତଳର ପଟ୍ଟନାୟକ, ପରସ୍ପରକୁ ଚିହ୍ନିଛନ୍ତି । ଜଣେ ହତାଶ ପ୍ରାଣରେ ଚାଲିଯାଉଚି, ଜଣେ ଅନୁତାପରେ ତାକୁ ଟାଣି ଧରୁଛି । ଦୁଇଟି ବ୍ୟଥାତୁର ପ୍ରାଣ । ସମାନ ତାଳରେ ଯେମିତି ନୃତ୍ୟ କରୁଛନ୍ତି ନାୟକଙ୍କ ହୃଦୟରେ । ତା' ପରେ ନିରବ ନିସ୍ପନ୍ଦ । ଚାରିକଡ଼ରେ ପାହାଡ଼, ପର୍ବତ, ଜନସ୍ରୋତ, ହାଟବଜାର; କିନ୍ତୁ ନ ଥିଲେ ସୁବୁଦ୍ଧି ଅବା ପଟ୍ଟନାୟକ ।

ଧନଧାନ୍ୟ ପୂର୍ଣ୍ଣ ଏ ବସୁନ୍ଧରା । ଧନୀ, ଦରିଦ୍ର – ବିଧାତାର ନିଷ୍ଠୁର ଖେଳ । ମଙ୍ଗଳମୟ ସ୍ରଷ୍ଟା । ମଧୁମୟ ସୃଷ୍ଟି । ସର୍ବେ ଅମୃତସ୍ୟ ପୁତ୍ର । ମାନବ ଶିଶୁ ସୂର୍ଯ୍ୟାଲୋକ ଦେଖେ । କାହା ମୁହଁରେ ସୁନା ଚାମୁଚ । ଆଉ କାହା ପାଇଁ ଶାମୁକା, ମା' କ୍ଷୀରପାନ ପାଇଁ । ତା' ପରେ ଭେଦ ବିଚାର, ରାଜା, ମନ୍ତ୍ରୀ, ମହାଜନ, ଖାତକ, ଥିଲାବାଲା, ନଥିଲାବାଲା, ବସି ଖିଆ, ଖଟିଖିଆ – ଏମିତି କେତେ ପ୍ରକାର ବାଛ ବିଚାର । ଅତ୍ୟାଚାରୀ, ଅତ୍ୟାଚାରିତ, ସମସ୍ତଙ୍କର ଭଙ୍ଗୁର ଶରୀର । ମାଟି ଦିହ ଦିନେ ମାଟିରେ ମିଶିବ । ତା' ପରେ ସର୍ବେ ଏକ ଏକାକାର । ଏକଥା ବା କିଏ ବୁଝୁଛି ? ମାନବିକତା ଆଜି ଲାଳସାର କାରାଗାରରେ ବନ୍ଦୀ । ନୀତି, ନ୍ୟାୟ, ଦୟାର୍ଦ୍ର ଭାବ – ଏ ସବୁ ଅଭିଧାନର ଶବ୍ଦ । ଅଳପ ଦିନକୁ ବଢ଼େଇ, ସର୍ବେ ବାହୁଡ଼ିବେ କାଳବଳେ, ଏକା ଯଶ ରହିଥିବ ମହୀ ତଳେ । ଏ କଥାଟି ଏବେ ଅଣଦେଖା । ସର୍ବେ ଅହମିକା – ବାୟୁ ଗ୍ରସ୍ତରେ ବ୍ୟସ୍ତ । ମୁଁ, ମୁଁର ଅହଙ୍କାର । ଏଇ ତ ପତନର କାରଣ । ମଣିଷ ମଣୁଛି ସିନା ଆପଣାକୁ ବଡ଼ କରି; ମାତ୍ର ମଶକ ଯଥା-ବୃଷ ଦେହେମଣି । ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି, ତରିବାକୁ ଏଇ ସଂସାର ବାରିଧି । ଅଛି ଆଉ ଏକ ଦରବାର, ଯାହାର ସର୍ବେସର୍ବା ସ୍ୱୟଂ ଯମରାଜ । କର୍ମାନୁସାରେ ସେ ଦରବାରରେ ସ୍ଥାନ । ସେଠାରେ ମାଲିକ ଉପରେ ବସଇ ଅର୍ଦ୍ଦଳି, ସିଂହ ପରେ ଶଶା, କରଣ ଉପରେ ଚଷା, ଜଜ୍ ପରେ ବସଇ ଆସାମୀ ।

କେବେ ରଇତର ଆସନ ଉପରେ, ଭୂସ୍ୱାମୀର ସ୍ଥାନ ତା' ତଳେ । କର୍ମାନୁସାରେ ଫଳ । ତାହାହିଁ ପଟ୍ଟନାୟକ ପଇସାଟିଏ ଗଳ୍ପର ସାରକଥା । ଅଳ୍ପ ଦିନର ଏ ଭବଚଟି । କ'ଣ ପାଇଁ ଏ ଲୋଭ ଅହମିକା ? ମଞ୍ଚେ□ ଆସିଲେ କେତେ, ଗଲେ କେତେ, କେବା ସାଥିରେ ନେଲା, ହାତୀ ଘୋଡ଼ା ଦଉଲତ ? ଦିଗ୍‌ବିଜୟୀ ଆଲେକ୍‌ଜାଣ୍ଡାର । ଜିଣିବାକୁ ନଥିଲା ଆଉ ଧରାଖଣ୍ଡ । ବିଦାୟ ବେଳା, ଅଶ୍ରୁସିକ୍ତ ଚକ୍ଷୁ, ବୋଇଲେ –

**"ଏ ପ୍ରାଣ ଗଲେ ପିଣ୍ଡ ଛାଡ଼ି /
ନେବ ଯେବେ ମୋତେ
କୋକେଇରେ ବାଡ଼ି /
ଦେଇଥିବ ତହିଁ ମୋ ଶବ
ଶୁଆଇ / ବେନି ପାଶେ ବେନି
କରକୁ ଝୁଲାଇ/
ଯା ଦେଖି ଜାଣିବେ ଜଗତେ
ସମସ୍ତେ / ଆସିଥିଲି ଫେରିଗଲି
ଶୂନ୍ୟ ହସ୍ତେ ।"
ହେଲେ ମୂଢ଼ମତି, କାହୁଁ ଜାଣିବ
ଏହାର ଗୂଢ଼ତତ୍ତ୍ୱ ସତରେ !
'ମୋତି ମୂଲ କାହୁଁ ଜାଣିବ
ଶବର,
ମୋତି ଫିଙ୍ଗି କରେ ଗୁଞ୍ଜାରେ
ଆଦର ।"
ଭବରଙ୍ଗ ଭୂମିର ପ୍ରତିଟି କଥା
ସେଇ ସମୟର ଖେଳ । ସର୍ବେ
କାଳର ଆୟତ୍ତ । ଏକା
ଜାଜ୍ୱଲ୍ୟମାନ ଯଶ, କୀର୍ତ୍ତି,
ଖ୍ୟାତି କାଳକାଳକୁ ।**

# ମାନବଜାତିକୁ ବାର୍ତ୍ତା



ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ନିକଟରେ ଲଣ୍ଡନରେ ଗୋଟିଏ ପ୍ରଦର୍ଶନୀର ଆୟୋଜନ ହୋଇଥିଲା, ଯାହା ପାଶ୍ଚାତ୍ୟ ଚିତ୍ର-ଜଗତର ' ରକ୍ଷ୍ଟାର୍' ଭିନ୍‌ସେଣ୍ଟ୍ ଭ୍ୟାନ୍ ଗଗ୍‌ଙ୍କ ନାମାନୁସାରେ ନାମିତ ହୋଇଥିଲା 'ଭ୍ୟାନ୍ ଗଗ୍ : ଦି ଇମର୍ସିଭ୍ ଏକ୍ସପେରିଏନ୍ସ' । ଭ୍ୟାନ୍ ଗଗ୍ ଜନ୍ମ ହୋଇଥିଲେ ହଲାଣ୍ଡରେ ୧୮୫୩ ବର୍ଷରେ । ମାତ୍ର ୩୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ସ୍ୱଳ୍ପ ଜୀବନକାଳ ମଧ୍ୟରେ ସେ ୨୦୦୦ରୁ ଊର୍ଦ୍ଧ୍ୱ ଚିତ୍ର ଅଙ୍କନ କରିଥିଲେ, ଯେଉଁଥିରେ ଥିଲା ୯୦୦ ତୈଳଚିତ୍ର ଓ ୧୧୦୦ ସ୍କେଚ୍ ଓ ଇଲଷ୍ଟ୍ରେସନ୍ (ଦୃଷ୍ଟାନ୍ତ, ଉଦାହରଣର ଚିତ୍ରଣ) ଇତ୍ୟାଦି । ଅସୁସ୍ଥତା ସତ୍ତ୍ୱେ ୩୬ ଘଣ୍ଟାରୁ କମ୍ ସମୟରେ ସେ ଗୋଟିଏ ଗୋଟିଏ ନୂଆ ଚିତ୍ର ଅଙ୍କନ କରିପାରୁଥିଲେ । ପ୍ରଦର୍ଶନୀ ସ୍ଥଳରେ ଚିତ୍ରଗୁଡ଼ିକୁ ଦେଖୁଥିବା ଦର୍ଶକମାନେ ଚିତ୍ରକରଙ୍କ ଭାବ-ଜଗତରେ ବୁଡ଼ିଯାଉଥିବା ଭଳି ଅନୁଭବ କରୁଥିଲେ । ବାସ୍ତବ ଜୀବନର ଦୃଶ୍ୟ, ରାତିର ତାରା, ଅନ୍ଧାରମଗ୍ନ ନଈରେ ସହର ଆଲୋକର ପ୍ରତିଫଳନ, ଗହମ କ୍ଷେତ ଉପରେ ଉଡ଼ିଯାଉଥିବା ଦଳେ ଚଢ଼େଇ, ଗୋଟିଏ ଶେଯ ଓ ଗୋଟିଏ ଚୌକି ଥିବା କୋଠରି ଇତ୍ୟାଦି ଦୈନନ୍ଦିନ ଦୃଶ୍ୟକୁ ଭ୍ୟାନ୍ ଗଗ୍ କେଉଁ ଦୃଷ୍ଟିରେ ଦେଖୁଥିଲେ ଓ କିପରି ସେଗୁଡ଼ିକର ଚିତ୍ର ଅଙ୍କନ କରୁଥିଲେ ତାହା ଥିଲା ଦର୍ଶକମାନଙ୍କ ମଧ୍ୟରେ ଆଲୋଚନାର ବିଷୟ । ରାତି ଆକାଶରେ ତାରାର ଚିତ୍ର ସେମାନଙ୍କୁ ଉଜ୍ଜ୍ୱଳ ଆଲୁଅର ଅତ୍ୟୁଚ୍ଚ ଜଳଭଉଁରୀ ଭଳି ବୋଧ ହେଉଥିଲା । ଶସ୍ୟକ୍ଷେତ, ଉଡୁଥିବା ଚଢ଼େଇ, ଶେଯର ଚାଦର, ଚୌକିର ଆସନ ଇତ୍ୟାଦି ଚିତ୍ରଗୁଡ଼ିକୁ ଦେଖି ସେମାନଙ୍କୁ ବୋଧ ହେଉଥିଲା ସତେ ଯେପରି ସେମାନେ ଶସ୍ୟକ୍ଷେତରେ ପବନର ସାଇଁ ସାଇଁ ଶବ୍ଦ, ଚଢ଼େଇ ପରର ଶବ୍ଦ ଶୁଣିପାରୁଛନ୍ତି, ବିଛଣା ଚାଦରର ଢାଞ୍ଚା, ରଚନାକୁ ଅନୁଭବ କରିପାରୁଛନ୍ତି ଓ ଚୌକି ଆସନରେ ବସିଛନ୍ତି ।

ଦର୍ଶକମାନଙ୍କର ମତ ଥିଲା, ଭ୍ୟାନ୍ ଗଗ୍ ହେଉଛନ୍ତି ଜଣେ 'ସିଅର୍' । ଇଂରାଜୀ ଭାଷାରେ 'ସିଅର୍' ଶବ୍ଦର ଅର୍ଥ ହେଉଛି ସନ୍ଥ, ପ୍ରାଜ୍ଞ ବ୍ୟକ୍ତି, ରହସ୍ୟବାଦୀ, ପୈଗମ୍ବର, ଦ୍ରଷ୍ଟା, ଭବିଷ୍ୟଦ୍ରଷ୍ଟା । ଦର୍ଶକମାନେ କହୁଥିଲେ, ଭ୍ୟାନ୍ ଗଗ୍ ଜଣେ ଅଧ୍ୟାତ୍ମବାଦୀ, ଦ୍ରଷ୍ଟା, ଯାହାଙ୍କ ଚିତ୍ରଗୁଡ଼ିକରେ ଉଭୟ ବହିର୍ଜଗତ ଓ ମନ ଭିତର ଅର୍ଥାତ୍ ଅନ୍ତର୍ଜଗତର ବିଶାଳତା ଥିଲା, ଚିତ୍ରକର-ଚୈତନ୍ୟର ଅନ୍ତଃବ୍ରହ୍ମାଣ୍ଡ ରହିଥିଲା । ଭ୍ୟାନ୍ ଗଗ୍ କହୁଥିଲେ, 'ଯେତେବେଳେ ମୁଁ ଶୁଏ, ଚିତ୍ରାଙ୍କନର ସ୍ୱପ୍ନ ଦେଖେ । ଯେତେବେଳେ ନିଦରୁ ଉଠେ, ସ୍ୱପ୍ନଗୁଡ଼ିକୁ ଚିତ୍ରରୂପ ଦିଏ ।' ତାଙ୍କର ସ୍ୱପ୍ନକୁ ଚିତ୍ରରୂପ ଦାନ ଥିଲା ଅନନ୍ୟ, ଅଦ୍ୱିତୀୟ, ଯାହାର ଗହନ ଜୀବନଶକ୍ତି ଦର୍ଶକମାନଙ୍କୁ ସ୍ତମ୍ଭୀଭୂତ କରେ । କେହି କେହି କହନ୍ତି, ଭ୍ୟାନ୍ ଗଗ୍ ଥିଲେ ଜଣେ ପ୍ରଫେଟ୍, ତାଙ୍କ ସମୟର ବହୁ ଆଗରେ ଥିଲେ ସେ । ଅଧ୍ୟାତ୍ମବାଦ, ରହସ୍ୟବାଦ କ'ଣ, ତାଙ୍କ ଚିତ୍ରଗୁଡ଼ିକରେ ସେ ଆମକୁ ବୁଝାଇଦେଇଛନ୍ତି । ସକାରାତ୍ମକ, ସାତ୍ତ୍ୱିକ ଦୃଷ୍ଟିର ସହିତ ସମସ୍ତଙ୍କୁ, ସମଗ୍ର ଜୀବଜଗତକୁ ଭଲପାଇବା ହିଁ ଅଧ୍ୟାତ୍ମବାଦ । ଅନନ୍ତ ସହିତ ଅନ୍ତର, ବହିର୍ଜଗତ ସହିତ ଅନ୍ତର୍ଜଗତର ମିଳନ ହିଁ ରହସ୍ୟବାଦ। ଆଧ୍ୟାତ୍ମିକତା କହିଲେ, ଏବେ ବହୁସଂଖ୍ୟକ ଲୋକ ବୁଝୁଛନ୍ତି, ସେମାନଙ୍କର ଗୋଟେ ଗୋଟେ ଧର୍ମ ଅଛି ଓ ସେହି ଧର୍ମର ଆଧାରରେ ଜଣେ ଜଣେ ଈଶ୍ୱର ଅଛନ୍ତି, ତାହାହିଁ ଆଧ୍ୟାତ୍ମିକତା । କିଛି ଲୋକ ଗୋଟିଏ ଗୋଟିଏ ଧର୍ମ ଓ ଧର୍ମର ପ୍ରତିଷ୍ଠାତା, ଗୁରୁ, ଗ୍ରନ୍ଥ, ଅବଲମ୍ବୀ, ଦେବଦେବୀ, ପ୍ରଚାରକମାନଙ୍କୁ ବ୍ୟଙ୍ଗ ବିଦ୍ରୂପ କଟାକ୍ଷ କରି ଚିତ୍ର ଆଙ୍କୁଛନ୍ତି, ବହି ଲେଖୁଛନ୍ତି, ସଙ୍ଗୀତ ଗାଉଛନ୍ତି, ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି, ବକ୍ତବ୍ୟ ପ୍ରଦାନ କରୁଛନ୍ତି ଓ ଆଉ କିଛି ଲୋକ ଏଥିପାଇଁ ଖୁବ୍ ଉତ୍ତେଜିତ ହୋଇ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ଏ ସମସ୍ତ ହେଉଛି ମାନବୀୟ ସଂକୀର୍ଣ୍ଣତା ଓ ଦୁର୍ବଳତାର ପରିଚୟ । ଧର୍ମର ମର୍ମ ନବୁଝି ସେମାନେ ଧର୍ମକଥା କହୁଛନ୍ତି, ଐଶ୍ୱରିକତା କ'ଣ ନବୁଝି ଈଶ୍ୱରଙ୍କ କଥା ବି କହୁଛନ୍ତି ।

ଫ୍ରାନ୍ସର ଅସ୍ତିତ୍ୱବାଦୀ ଦାର୍ଶନିକ ଆଲ୍‌ବର୍ଟ୍ କାମ୍ୟୁ କହନ୍ତି, 'ମୋର ଖୁବ୍ କମ୍ ସମୟ ଥିଲା, ଏବଂ ସେହି ସମୟରେ ଈଶ୍ୱରଙ୍କ କଥା ଭାବିଭାବି ସମୟର ଅପଚୟ କରିବାକୁ ମୁଁ ଚାହିଁଲି ନାହିଁ ।' ଏବେ କିଛି ଲୋକ ଈଶ୍ୱର ଓ ଧର୍ମ ସମ୍ବନ୍ଧରେ ବହୁ ସମୟ, ଶକ୍ତିର ଅପଚୟ କରୁଛନ୍ତି ଓ ପରସ୍ପରକୁ ହତ୍ୟା କରୁଛନ୍ତି । ଥରେ ଆମେରିକାର ଏକ ଅଗ୍ରଣୀ ଦୈନିକ ସମ୍ବାଦପତ୍ର ତରଫରୁ କ୍ରିଷ୍ଟୋଫର୍ ହିଚେନ୍ସଙ୍କୁ ପଚରାଗଲା, 'ଆପଣ କେବେ ମିରାକଲ୍ ବା ଅଦ୍ଭୁତ, ଆଶ୍ଚର୍ଯ୍ୟ, ଚମତ୍କାରିତାରେ ବିଶ୍ୱାସ କରନ୍ତି କି ?' ସଦା ବିଦଗ୍ଧ, ସରସ, ପରିହାସଯୁକ୍ତ ହିଚେନ୍ସ ଉତ୍ତରଦେଲେ, 'ମୁଁ ମିରାକଲ୍‌ରେ ପୂର୍ଣ୍ଣ ବିଶ୍ୱାସ କରେ । କିଛି ମଣିଷ ଯେଉଁ ଈଶ୍ୱରଙ୍କୁ କେବେ ଦେଖିନାହାନ୍ତି ଓ ଦେଖିବେ ନାହିଁ, ସେହି ଈଶ୍ୱରଙ୍କ ଉପରେ କ୍ରୋଧ ପ୍ରକାଶ କରି ପରସ୍ପରକୁ ହତ୍ୟା କରୁଛନ୍ତି । ତାହା କ'ଣ ସଂସାରର ସବୁଠାରୁ ବଡ଼ ମିରାକଲ୍ ନୁହେଁ ?'

ଏକବିଂଶ ଶତାବ୍ଦୀରେ ଦାରିଦ୍ର୍ୟ, ପାରିସ୍ଥିତିକୀ ଅସନ୍ତୁଳନ, ବୈଷମ୍ୟ, ମହାମାରୀ, ବୈଶ୍ୱିକ ଅର୍ଦ୍ଧାହାର ଭଳି ସମସ୍ୟା ଥିଲାବେଳେ କିଛି ମଣିଷ ଈଶ୍ୱର ଓ ଧର୍ମ ଆଧାରରେ କନ୍ଦଳ, କଳହରେ ମାତି ସମୟର ଅପଚୟ କାହିଁକି କରୁଛନ୍ତି ? ସାମ୍ପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ମଣିଷ ନିଜ ନିଜର ଧର୍ମ ଓ ସେହି ଧର୍ମ ଆଧାରରେ ନିଜ ନିଜର ଈଶ୍ୱର ସମ୍ବନ୍ଧରେ ଗମ୍ଭୀର ବିଚାର ନକରି ଜୀବନର ସମସ୍ୟା ଓ ସେଗୁଡ଼ିକର ସମାଧାନ ସମ୍ବନ୍ଧରେ ଚିନ୍ତା କରିବାର କଥା । ବୁଦ୍ଧଦେବ କହିଲେ, 'ତୁମ ଚାରିପାଖରେ ଥିବା ମଣିଷମାନଙ୍କର ଯତ୍ନ ନିଅ, ସେମାନଙ୍କୁ ସୁରକ୍ଷା ଦିଅ। ତୁମର ଆତ୍ମନିର୍ଭରତା ପାଇଁ ଈଶ୍ୱର ନିଜର ଯତ୍ନ ନେବେ, ନିଜକୁ ସୁରକ୍ଷା ଦେବେ ।' ଯଦି ସମଗ୍ର ମାନବଜାତି ଏହି କଥାର ଗୁରୁତ୍ୱ ବୁଝେ ଯେ ଈଶ୍ୱର ନିଜକୁ ସୁରକ୍ଷା ଦେଇପାରିବେ, ତେବେ ମଣିଷ ମଣିଷ ମଧ୍ୟରେ ଭେଦବାଦ, ରକ୍ତପାତର ଅନ୍ତ ହେବ ।

ଥରେ ଜଣେ ବ୍ୟକ୍ତି ଜଲାଲୁଦ୍ଦିନ୍ ରୁମିଙ୍କୁ ପଚାରିଲେ, "ଗୋଟେ ଇହୁଦୀ ଆଲ୍ଲାଙ୍କୁ ଗାଳି ଦେଲାବେଳେ ଆପଣ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ କାହିଁକି ? ସେହି ପ୍ରତିଶୋଧୀ ଇହୁଦୀ ଜଣକ ସର୍ବଶକ୍ତିମାନଙ୍କୁ ଗାଳି ଦେଲାବେଳେ ଆପଣ କେବଳ ହସିଲେ କାହିଁକି ?' ରୁମି ପୁନର୍ବାର ହସି ଉତ୍ତରଦେଲେ, 'ଯଦି ମୁଁ ପ୍ରତିକ୍ରିୟା ପ୍ରକାଶ କରିଥାଆନ୍ତି ତେବେ ସେହି ଇହୁଦୀ ଅଧିକ ଉତ୍ତେଜିତ ହୋଇ ଆଲ୍ଲାଙ୍କୁ ଅଧିକ ଗାଳି ଦେଇଥାଆନ୍ତା ଓ ତା'ର ଏକ ଧାରଣା ହୋଇଥାଆନ୍ତା ଯେ ମୋ ଆଲ୍ଲା ଏତେ ଅସହାୟ ଯେ ନିଜର ସୁରକ୍ଷା ପାଇଁ ସେ ମୋ ଭଳି ଜଣେ ସାଧାରଣ ମଣିଷର ସାହାଯ୍ୟ ଓ ହସ୍ତକ୍ଷେପ ଲୋଡୁଛନ୍ତି । ତାହା ହାସ୍ୟାସ୍ପଦ, ପିଲାଳିଆ, ଅପରିପକ୍ୱ ହୋଇଥାଆନ୍ତା । ଧର୍ମ-ବିଶ୍ୱାସ କ୍ଷେତ୍ରରେ କୌଣସି ପ୍ରତିକ୍ରିୟା ପ୍ରକାଶ ନକରିବା ହିଁ ଶ୍ରେଷ୍ଠ କ୍ରିୟା ଏବଂ ଏପରି ଉତ୍ତେଜନାମୂଳକ ପରିସ୍ଥିତିରେ ମର୍ଯ୍ୟାଦାଦୀପ୍ତ ନିରବତା ରକ୍ଷା କରିବା ହିଁ ଆଦର୍ଶ ପ୍ରତିକାର ।' ଏହାକୁ ହିଁ କୁହାଯାଏ ଆଧ୍ୟାତ୍ମିକ ପ୍ରଜ୍ଞା ।

ଏବେ ମଣିଷସୃଷ୍ଟ ସମସ୍ତ ଧର୍ମର କିଛି ଅନୁଗାମୀ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ବେଳେବେଳେ ହିଂସ୍ର ହେଉଛନ୍ତି । ସେମାନେ ନିଜକୁ ନିଜ ଧର୍ମର ରକ୍ଷକ ଭାବୁଛନ୍ତି । ଜଲାଲୁଦ୍ଦିନ୍ ରୁମିଙ୍କ ପରାମର୍ଶ 'ପ୍ରତିକ୍ରିୟା ପ୍ରକାଶ କର ନାହିଁ'କୁ ଗ୍ରହଣ କଲେ ଆମେ ଯେକୌଣସି ଧାର୍ମିକ ସଂଘର୍ଷକୁ ଏଡ଼ାଇ ଦେଇପାରିବା । ଆମେ ଯେତେ ପ୍ରତିକ୍ରିୟା ପ୍ରକାଶ କରିବା, ପରିସ୍ଥିତି ସେତେ ଉତ୍ତେଜନାପୂର୍ଣ୍ଣ ରହିବ । ଆମେ ମଧ୍ୟ ଧାର୍ମିକ ପରିପକ୍ୱତା ଅର୍ଜନ କରିବା ଆବଶ୍ୟକ । ଆଲ୍‌ଡସ୍ ହକ୍ସଲେ ମଣିଷକୁ 'ଧାର୍ମିକ ପିଗ୍‌ମି', 'ଆଧ୍ୟାତ୍ମିକ ବାମନ' ବୋଲି କହିଛନ୍ତି। ଜଣେ ଆଧ୍ୟାତ୍ମିକ ପ୍ରବୁଦ୍ଧ ବ୍ୟକ୍ତି କେବେହେଲେ ଆବେଗଶୀଳ ହେବ ନାହିଁ । ଇଂଲଣ୍ଡ୍‌ର ବେଦାନ୍ତବିତ୍ ଖ୍ରୀଷ୍ଟୋଫର୍ ଇଶରଉଡ୍‌ଙ୍କ ଭାଷାରେ, ସେପରି ବ୍ୟକ୍ତି ଧାର୍ମିକ-ଆଧ୍ୟାତ୍ମିକ ସୌମ୍ୟତାର ଏକ ମହାସାଗର । ଆଜିର ହିଂସ୍ର ମଣିଷଠାରେ ସେପରି ଧାର୍ମିକ-ଆଧ୍ୟାତ୍ମିକ ସୌମ୍ୟତା ଓ ସ୍ଥିରତା କାହିଁ ? ତେଣୁ ଏବେ ଆତ୍ମନିରୀକ୍ଷଣ, ଅନ୍ତର୍ଦର୍ଶନ କରିବାର ସମୟ ଯେ ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର ଏବଂ ଗୁଣ୍ଡାଗର୍ଦ୍ଦି, ଉପଦ୍ରବ ସୃଷ୍ଟି ନକରି ଦିବ୍ୟ ମର୍ଯ୍ୟାଦାବନ୍ତ ଭାବରେ ନିଜ ଧର୍ମ ଓ ସେହି ଧର୍ମ ଆଧାରରେ ନିଜ ଈଶ୍ୱରଙ୍କୁ ଅନୁଗମନ କରିବାର ନୈତିକ ଦାୟିତ୍ୱ ପ୍ରତ୍ୟେକ ବ୍ୟକ୍ତିର ରହିଛି । ଉର୍ଦ୍ଦୁ କବି ରାହିଲ୍ ଶିକର୍‌ପୁରୀ କହନ୍ତି, 'ତନ୍‌ହା ଛୋଡ୍ ଦେ ଖୁଦା କୋ, ମଝବ୍ କୋ ସମଝ୍ / ତଶାଦ୍ଦୁଦ୍ କୋ ଆକିଦା ନହିଁ କହ୍‌ତେ, ମେରେ ଦୋସ୍ତ' ଅର୍ଥାତ୍ 'ଈଶ୍ୱରଙ୍କୁ ଏକ୍‌ଲା ଛାଡ଼ିଦିଅ, ଧର୍ମକୁ ବୁଝ / ହିଂସାକୁ ଧର୍ମବିଶ୍ୱାସ ବୋଲି ଭୁଲ୍ ବୁଝ ନାହିଁ, ହେ ମୋର ପ୍ରିୟ ବନ୍ଧୁ !'

ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ପୂର୍ବେ ବାହାଉଲ୍ଲା ଲେଖିଥିଲେ, 'ମରଣଶୀଳ ମଣିଷମାନେ ଚରମ ଶୂନ୍ୟତାରୁ ଅସ୍ତିତ୍ୱର ସାମ୍ରାଜ୍ୟ ଭିତରକୁ ପ୍ରବେଶ କରିବାର ଉଦ୍ଦେଶ୍ୟ ହେଉଛି, ସେମାନେ ଜଗତର ମଙ୍ଗଳ ପାଇଁ କାର୍ଯ୍ୟ କରିବେ ଏବଂ ଐକ୍ୟ ଭାବରେ ଉଦ୍‌ବୁଦ୍ଧ ହୋଇ ଏକତ୍ର ବାସ କରିବେ ।' ଆବ୍ରାହାମ୍, ରାମ, କୃଷ୍ଣ, ଜୋରୋଷ୍ଟର୍, ମହାବୀର, ବୁଦ୍ଧ, ଯୀଶୁଖ୍ରୀଷ୍ଟ, ପ୍ରଫେଟ୍ ମହମ୍ମଦ, ଗୁରୁ ନାନକ ଓ ଅନ୍ୟ ସମସ୍ତେ ଗୋଟିଏ କଥା କହନ୍ତି ଯେ ମାନବତ୍ୱ ହିଁ ମାନବର ଧର୍ମ ଓ ଈଶ୍ୱରତ୍ୱ । ମାନବତ୍ୱ (ମ+ଆ+ନ+ବ+ତ+ବ) ମମତା, ଆଦର୍ଶ, ନମ୍ରତା, ବରାଭୟ ଓ ତ୍ୟାଗର ସମନ୍ୱୟ । ଏତିକି ବୁଝିଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବ । ଚିତ୍ରକର ଭିନ୍‌ସେଣ୍ଟ୍ ଭ୍ୟାନ୍ ଗଗ୍ ଆଙ୍କିଥିବା 'ରାତିର ତାରା', 'ଅନ୍ଧାରମଗ୍ନ ନଈରେ ସହର ଆଲୋକର ପ୍ରତିଫଳନ' ଚିତ୍ରଗୁଡ଼ିକ ସେହି ଅମୃତ ଆଲୋକର ସଂକେତ ଦେଉଛି, ଗହମ କ୍ଷେତ ଉପରେ ଉଡ଼ିଯାଉଥିବା ଦଳେ ଚଢ଼େଇ ମୁକ୍ତିର ସଙ୍ଗୀତ ଶୁଣାଉଛନ୍ତି । ଗୋଟିଏ ଶେଯ ଓ ଗୋଟିଏ ଚୌକି ଥିବା କୋଠରି ସଂଯତ ଜୀବନ ସାଧନା ପାଇଁ ପ୍ରେରଣାର ଭୂମିଟିଏ ପ୍ରସ୍ତୁତ କରୁଛି । ଜୀବନ୍ତ ଭଳି ବୋଧ ହେଉଥିବା ତାଙ୍କର ଚିତ୍ରଗୁଡ଼ିକ ବହିର୍ଜଗତ ସହିତ ଅନ୍ତର୍ଜଗତର ମିଳନ, ବିଶ୍ୱ ସହିତ ବ୍ୟକ୍ତି ଏକାତ୍ମ, ଏକୀଭୂତ ହେବାର ଓ ପାରସ୍ପରିକ ପ୍ରୀତି, ପ୍ରତ୍ୟୟ, ସର୍ବୋପରି ପରମାର୍ଥର ଆହ୍ୱାନ ଦେଉଛି । ତାହାହିଁ ତ ମାନବଜାତି ଉଦ୍ଦେଶ୍ୟରେ ଅସଲ ଧର୍ମ, ଈଶ୍ୱର, ଆଧ୍ୟାତ୍ମିକତାର ସର୍ବଶ୍ରେଷ୍ଠ ବାର୍ତ୍ତା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଅକ୍ଟୋବର, ସୋମବାର, ୨୦୨୪


# ମହମ୍ମଦ ରିଜୱାନ ହେଲେ ପାକିସ୍ତାନ ଦଳର ଅଧିନାୟକ



**ନୂଆଦିଲ୍ଲୀ**

ପାକିସ୍ତାନ କ୍ରିକେଟ ବୋର୍ଡ ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଦଳରେ ବଡ଼ ପରିବର୍ତ୍ତନ କରିଛି। ବାବର ଦିନିକିଆ ଏବଂ ଟି୨୦ କ୍ରିକେଟରୁ ଅବସର ନେବା ପରେ ଏବେ ରିଜୱାନଙ୍କୁ ସୀମିତ ଓଭର ମୁକାବିଲା ପାଇଁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଅଷ୍ଟ୍ରେଲିଆ ଗସ୍ତରୁ ରିଜୱାନ ତାଙ୍କର ଦାୟିତ୍ୱ ସମ୍ଭାଳିବେ। ଅଷ୍ଟ୍ରେଲିଆ ଗସ୍ତରେ ପାକିସ୍ତାନ ତିନୋଟି ଦିନିକିଆ ଏବଂ ତିନୋଟି ଟି୨୦ ମୁକାବିଲା ଖେଳିବ। ଆସନ୍ତା ବର୍ଷ ପାକିସ୍ତାନରେ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ପିସିବି ଏହି ବଡ଼ ନିଷ୍ପତ୍ତି ନେଇଛି। ଅନ୍ୟପଟେ ଶାନ ମସୁଦ ଟେଷ୍ଟ ଟିମର ନେତୃତ୍ୱ ନେଉଛନ୍ତି। ସେହିପରି ଅଲରାଉଣ୍ଡର ସଲମାନ ଅଲି ଆଘାଙ୍କୁ ସୀମିତ ଓଭର ପାଇଁ ପାକିସ୍ତାନ ଦଳର ଉପଅଧିନାୟକ ନିଯୁକ୍ତ କରାଯାଇଛି। ଖବରଦାତାଙ୍କ ସହିତ ଆଲୋଚନା କରି ପିସିବି ଚେୟାରମ୍ୟାନ ମୋହସିଂ ନଖବି କହିଛନ୍ତି, ଆମେ ଖେଳାଳିମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବୁ, ଯାହା ସେମାନଙ୍କୁ ଆବଶ୍ୟକତା ରହିଛି। ଖବରଦାତା ସମ୍ମିଳନୀରେ ନକଭି କହିଛନ୍ତି ଯେ ବୋର୍ଡ ବାବର ଆଜାମଙ୍କୁ ଅଧିନାୟକତ୍ୱ ଛାଡ଼ିବାକୁ ବାଧ କରି ନାହିଁ। ଏହା ବାବରଙ୍କର ନିଜସ୍ୱ ନିଷ୍ପତ୍ତି ଥିଲା ଏବଂ ସେ ଅଧିନାୟକତ୍ୱ ଛାଡ଼ି ନିଜ ଖେଳ ଉପରେ ଧାନ ଦେବାକୁ ଚାହୁଁଥିଲେ। ଆମେ ଆପଣଙ୍କୁ କହି ରଖୁଛୁ ଯେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଆରମ୍ଭ ହେବା ପୂର୍ବରୁ ବାବର ଆଜାମ ଘୋଷଣା କରିଥିଲେ ଯେ ସେ ହ୍ୱାଇଟ ବଲ୍ କ୍ରିକେଟ୍‌ରେ ଦଳର ଅଧିନାୟକତ୍ୱ ଛାଡ଼ିଛନ୍ତି। ମହମ୍ମଦ ରିଜୱାନ ପାକିସ୍ତାନ ପାଇଁ ୭୪ ଟି ଦିନିକିଆ ଏବଂ ୧୦୨ ଟି –୨୦ ମ୍ୟାଚ ଖେଳିଛନ୍ତି। ଏହି ସମୟରେ ସେ ୫୪୦୧ ରନ୍ ସ୍କୋର କରିଛନ୍ତି।

# 'ରୋହିତଙ୍କୁ ଟି-୨୦ ମାନସିକତା ଛାଡିବାକୁ ପଡ଼ିବ' : ମଞ୍ଜରେକର

**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତକୁ ୧୧୩ ରନରେ ପରାସ୍ତ କରିଛି। ତିନି ମ୍ୟାଚ୍ ବିଶିଷ୍ଟ ସିରିଜରେ ଏହା ୦–୨ ର ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପୁଣେରେ ଖେଳାଯାଇଥିଲା। ଏହି ମ୍ୟାଚରେ ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ମଞ୍ଜରେକର ପ୍ରତିକ୍ରିୟା ରଖିଛନ୍ତି। ସେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଉପରେ ମଧ ମନ୍ତବ୍ୟ ଦେଇଛନ୍ତି। ମଞ୍ଜରେକର କହିଛନ୍ତି ଯେ ରୋହିତ ଟେଷ୍ଟରେ ଟି –୨୦ ନୀତି କାର୍ଯ୍ୟକାରୀ କରିବା ଉଚିତ ନୁହେଁ।



ଖବର ଅନୁଯାୟୀ ସଞ୍ଜୟ ମଞ୍ଜରେକର କହିଛନ୍ତି ଯେ ସରଫରାଜ ଖାନଙ୍କୁ ବ୍ୟାଟିଂ କରିବାକୁ ତଳଆଡ଼କୁ ପଠାଇବା ଏବଂ ତାଙ୍କ ଆଗରୁ ୱାଶିଂଟନ୍ ସୁନ୍ଦରଙ୍କୁ ପଠାଇବା, ଏହି ପ୍ରକାରର କାମ ହୁଏ ନାହିଁ। ରୋହିତ ଶର୍ମା ଗୋଟିଏ ଜିନିଷରୁ ଦୂରେଇ ରହିବା ଆବଶ୍ୟକ। ସେ ଟି୨୦ ମାନସିକତାକୁ ମନେ ରଖିବା ଉଚିତ୍। ବାମ ଏବଂ ଡାହାଣ ହାତର ମିଶ୍ରଣ ସହିତ ମେଳ କରିବାର କୌଣସି ଆବଶ୍ୟକତା ନାହିଁ। ସେମାନେ କେବଳ ନିଜ ଖେଳାଳିଙ୍କ ଦକ୍ଷତା ସହିତ ଆଗକୁ ବଢିବା ଉଚିତ୍। ପୁଣେ ଟେଷ୍ଟର ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୨୫୯ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସରେ ୨୫୫ ରନ୍ ସ୍କୋର କରିଥିଲେ। ଏହାର ଜବାବରେ ଭାରତୀୟ ଦଳ ପ୍ରଥମ ଇନିଂସରେ ୧୫୬ ରନ୍ ସ୍କୋର ହିଁ କରିଥିଲା। ଏହି ସମୟରେ ଯଶସ୍ୱୀ ଜୟସ୍ୱାଲ ଏବଂ ଶୁବମନ ଗିଲ ୩୦-୩୦ ରନ୍ ସ୍କୋରରେ ଆଉଟ୍ ହୋଇଥିଲେ। ରବିନ୍ଦ୍ର ଜାଡେଜା ୩୮ ରନ୍ କରିଥିଲେ। ଦ୍ୱିତୀୟ ଇନିଂସରେ ୨୪୫ ରନ୍ ସ୍କୋରରେ ଟିମ୍ ଇଣ୍ଡିଆ ଭାଙ୍ଗିପଡ଼ିଥିଲା। ଏହି ସମୟ ମଧ୍ୟରେ ଯଶସ୍ୱୀ ୭୭ ରନ ଖେଳିଥିଲେ। ୬୫ ବଲର ସମ୍ମୁଖୀନ ହୋଇ ସେ ୯ ଚୌକା ଓ ୩ ଛକା ମାରିଥିଲେ। ଜାଡେଜା ୪୨ ରନ୍ ସଂଗ୍ରହ କରିଥିଲେ।

ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ୮ ୱିକେଟରେ ଜିତିଥିଲା। ଦ୍ୱିତୀୟ ମ୍ୟାଚ୍ ୧୧୩ ରନରେ ଜିତିଥିଲା। ବର୍ତ୍ତମାନ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଟେଷ୍ଟ ସିରିଜର ତୃତୀୟ ତଥା ଶେଷ ମ୍ୟାଚ୍ ନଭେମ୍ବର ୧ ତାରିଖରୁ ଖେଳାଯିବ।

# ପରାଜୟ ପରେ ରୋହିତ-ବିରାଟଙ୍କ ପାଇଁ ବିଶେଷ ବାର୍ତ୍ତା ଦେଲେ ଇରଫାନ

**କୋଲକାତା**

ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ହରାଇଛି। କାରଣ ପୁଣେ ଟେଷ୍ଟ ଜିତି କିୱି ଦଳ ସିରିଜ୍‌ରେ ୨–୦ ଅଗ୍ରଣୀ ହାସଲ କରିଛି। ପୁଣେ ଟେଷ୍ଟରେ ଟିମ୍ ଇଣ୍ଡିଆର ବହୁତ ଖରାପ ବ୍ୟାଟିଂ ଦେଖିବାକୁ ମିଳିଥିଲା। ନ୍ୟୁଜିଲାଣ୍ଡର ମିଚେଲ ସେଣ୍ଟନର ଏକତରଫା ଭାବେ ଟିମ୍ ଇଣ୍ଡିଆର ବ୍ୟାଟ୍ସମ୍ୟାନଙ୍କୁ ଧରାଶାୟୀ କରୁଥିବା ଦେଖିବାକୁ ମିଳିଥିଲା। ଅଧିନାୟକ ରୋହିତ ଶର୍ମାଙ୍କ ଠାରୁ ଆରମ୍ଭ କରି ବିରାଟ କୋହଲିଙ୍କ ପର୍ଯ୍ୟନ୍ତ ସଭିଏଁ ସେଣ୍ଟନରଙ୍କ ବୋଲିଂ ଆଗରେ କିଛି କମାଲ୍ କରି ପାରି ନ ଥିଲେ।

ସେଣ୍ଟନର ବିରାଟ କୋହଲିଙ୍କୁ ଉଭୟ ଇନିଂସରେ ପ୍ୟାଭିଲିୟନର ରାସ୍ତା ଦେଖାଇଥିବା ବେଳେ ସେ ଦ୍ୱିତୀୟ ଇନିଂସରେ ରୋହିତ ଶର୍ମାଙ୍କୁ ମଧ ଆଉଟ୍ କରିଥିଲେ। ଏବେ ପୁଣେ ଟେଷ୍ଟରେ ପରାଜୟ ପରେ ପୂର୍ବତନ କିମ୍ବଦନ୍ତୀ ଟିମ୍ ଇଣ୍ଡିଆର ବରିଷ୍ଠ ଖେଳାଳି ବିଶେଷ କରି ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପାଇଁ ଏକ ବିଶେଷ ବାର୍ତ୍ତା ରହିଛି।

ଟିମ୍ ଇଣ୍ଡିଆର ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଏବଂ ବିରାଟ କୋହଲି ପୁଣେ ଟେଷ୍ଟର ଉଭୟ ଇନିଂସରେ ଫ୍ଲପ୍ ବୋଲି ନିଜକୁ ପ୍ରମାଣ କରିଛନ୍ତି। ଏହି ଦୁଇ ଖେଳାଳିଙ୍କ ଉପରେ ଟିମ୍ ଇଣ୍ଡିଆର ବ୍ୟାଟିଂ ବହୁତ ନିର୍ଭର କରେ। କିନ୍ତୁ ଏହି ଦୁଇ ଖେଳାଳି ସ୍ପିନ୍ ବିପକ୍ଷରେ ବିଫଳ ହୋଇଥିଲେ। ପୁଣେ ଟେଷ୍ଟରେ ପରାଜୟ ପରେ ଟିମ୍ ଇଣ୍ଡିଆର ପୂର୍ବତନ ଭେଟେରାନ୍ ଅଲରାଉଣ୍ଡର ଇରଫାନ୍ ପଠାନ୍ ଟ୍ୱିଟ୍ କରି କହିଛନ୍ତି ଯେ ଯଦି ଆମେ ସ୍ପିନ୍ ଖେଳିବାରେ ଉନ୍ନତି ଆଣିବାକୁ ଚାହୁଁ, ତେବେ ସାଇଡ୍ ଆର୍ମ ଅଭ୍ୟାସ ଉପରେ ଟିକିଏ କମ୍ ଗୁରୁତ୍ୱ ଦେବାକୁ ପଡ଼ିବ।

ଦ୍ୱିତୀୟ ପୋଷ୍ଟରେ ଇରଫାନ୍ ପଠାନ୍ ଲେଖିଛନ୍ତି, ନ୍ୟୁଜିଲାଣ୍ଡ ଦଳ ଭାରତୀୟ ମାଟିରେ ସିରିଜ୍ ଜିତିଥିବାରୁ ଅଭିନନ୍ଦନ! ଟିମ୍ ଇଣ୍ଡିଆ ପାଇଁ ଅନେକ ବିଷୟରେ ଚିନ୍ତା କରିବା ଆବଶ୍ୟକ। ସିନିୟର ଖେଳାଳିମାନଙ୍କୁ ଖେଳର ଏହି ଅନ୍ତିମ ଫର୍ମାଟରେ ଆଗକୁ ଆସି ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଆଗାମୀ ତିନି ମାସ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଏହା ପରେ ଟିମ୍ ଇଣ୍ଡିଆକୁ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବାକୁ ପଡିବ। ଏହି ଭ୍ରମଣରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଫର୍ମ ଟିମ୍ ଇଣ୍ଡିଆ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଠାରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ସ୍ପିନ୍ ବୋଲର ନାଥନ୍ ଲିଓନଙ୍କୁ ଭେଟିବେ। ଯେଉଁଥିପାଇଁ ସମସ୍ତ ବ୍ୟାଟ୍ସମ୍ୟାନଙ୍କୁ ଜୋରଦାର ଅଭ୍ୟାସ କରି ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ।

# ୪୦ ବର୍ଷରେ ଇରଫାନ ପଠାନ



**ମୁମ୍ବାଇ**

୪୦ ବର୍ଷରେ ପାଦ ଥାପିଲେ ପୂର୍ବତନ ଭାରତୀୟ ଅଲରାଉଣ୍ଡର ଇରଫାନ ପଠାନ। ୧୯୮୪ ମସିହା ଆଜିର ଦିନରେ ସେ ଗୁଜୁରାଟର ଭଦୋଦାରାଠାରେ ଜନ୍ମଗ୍ରହଣ କରିଥିଲେ। ୨୦୦୩ ମସିହାରେ ଇରଫାନ ପଠାନ ନିଜର କ୍ରିକେଟ କ୍ୟାରିଅର ଆରମ୍ଭ କରିଥିଲେ। ଯେତେବେଳେ ସେ ଭାରତୀୟ ଟିମ୍‌ରେ ସ୍ଥାନ ପାଇଥିଲେ।

ପାକିସ୍ତାନ ବିପକ୍ଷରେ ୧୯ ବର୍ଷରୁ କମ୍ କ୍ରିକେଟରେ ନିଜର ଜଲୱା ଦେଖାଇ ଥିଲେ ଇରଫାନ ପଠାନ। ଯାହା ଫଳରେ ସେ ଚୟନକର୍ତ୍ତାଙ୍କ ଧ୍ୟାନ ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ କ୍ରିକେଟରେ ସାମିଲ ହେବାପରେ ସେ କପିଲ ଦେବଙ୍କ ସ୍ଥାନ ନେବେ ବୋଲି ସେତେବେଳ ଆଲୋଚନା ହୋଇଥିଲା। ପ୍ରଥମ ଓଭର ବୋଲିଂ ଠାରୁ ଆରମ୍ଭ କରି ପ୍ରତ୍ୟେକ ନମ୍ବରରେ ସେ ବ୍ୟାଟିଂ କରିବା କ୍ଷମତା ରଖୁଥିଲେ। ଏହାଛଡ଼ା ପ୍ରଥମ ଭାରତୀୟ ଖେଳାଳି ଭାବରେ ସେ ତିନୋଟି ଯାକ ଫର୍ମାଟରେ ମ୍ୟାନ ଅଫ୍ ଦି ମ୍ୟାଚ ହୋଇ ପାରିଥିଲେ। ଉଭୟ ସିମ୍ ଓ ସ୍ୱିଙ୍ଗ୍ କରିବା କ୍ଷମତା ରଖିଥିଲେ ଇରଫାନ ପଠାନ। ଭାରତ ପକ୍ଷରୁ ସେ ୨୯ଟି ଟେଷ୍ଟ ମ୍ୟାଚ୍ ଖେଳି ୧୧୦୫ ରନ୍ ସଂଗ୍ରହ କରିବା ସହ ୧୦୦ଟି ୱିକେଟ ହାସଲ କରିଛନ୍ତି। ସେ ୩୧.୫୭ ହାରରେ ରନ୍ ସଂଗ୍ରହ କରିଥିବା ବେଳେ ୩୨.୨୬ ହାରରେ ୱିକେଟ ସଂଗ୍ରହ କରିଛନ୍ତି।

ସେହିଭଳି ଭାରତ ପକ୍ଷରୁ ସେ ୧୨୦ଟି ଦିନିକିଆ ମ୍ୟାଚ ଓ ୨୪ଟି ଟି-୨୦ ମ୍ୟାଚ ଖେଳିଛନ୍ତି। ଦିନିକିଆ ମ୍ୟାଚରେ ଇରଫାନ ପଠାନ ୧୫୪୪ ରନ୍ ସଂଗ୍ରହ କରିଛନ୍ତି। ସେପଟେ ଟି-୨୦ରେ ସେ ୧୭୨ ରନ୍ ହିଁ କରି ପାରିଛନ୍ତି। ଦିନିକିଆ ମ୍ୟାଚରେ ଇରଫାନ ପଠାନ ୧୭୩ ୱିକେଟ ହାସଲ କରିଛନ୍ତି। ସେହିଭଳି ଟି-୨୦ରେ ସେ ୨୮ଟି ୱିକେଟ ହାସଲ କରିଛନ୍ତି। ଇରଫାନ ପଠାନ ବିଭିନ୍ନ ଆଇପିଏଲ ଫ୍ରାଞ୍ଚାଇଜି ପକ୍ଷରୁ ୧୦୩ ମ୍ୟାଚ ଖେଳି ୮୦ଟି ୱିକେଟ ହାସଲ କରିଛନ୍ତି। ଭାରତ ପକ୍ଷରୁ ସେ ୨୦୦୮ ମସିହାରେ ଶେଷ ଟେଷ୍ଟ ମ୍ୟାଚ ଖେଳିଥିବା ବେଳେ ୨୦୧୨ ମସିହାରେ ଶ୍ରୀଲଙ୍କା ବିପକ୍ଷରେ ଶେଷ ଦିନିକିଆ ମ୍ୟାଚ ଖେଳିଥିଲେ। ୨୦୦୩ ମସିହାରେ ଭାରତ ପକ୍ଷରୁ ଖେଳିବା ଆରମ୍ଭ କରିଥିବା ଇରଫାନ ପଠାନ ୨୦୨୦ ଜାନୁଆରୀରେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ।

# ସୁଲ୍‌ତାନ୍ ଜୋହର୍ କପ୍‌ରେ କାଂସ୍ୟରେ ସନ୍ତୁଷ୍ଟ ହେଲା ଭାରତ

**ଜୋହର ବାହରୁ**




କ୍ରିକେଟ୍ ପଡ଼ିଆରେ ଭାରତକୁ ନ୍ୟୁଜିଲାଣ୍ଡ ହରାଇ ଇତିହାସ ରଚିଛି। ହକି ଫିଲ୍ଡରେ କିନ୍ତୁ ନ୍ୟୁଜିଲାଣ୍ଡକୁ ଭାରତ ହରାଇ ଏହାର ମଧୁର ପ୍ରତିଶୋଧ ନେଇଛି। ସେହିଭଳି ଘରୋଇ କ୍ରୀଡ଼ାପ୍ରେମୀଙ୍କ ମନରେ ଏହି ଅପ୍ରତ୍ୟାଶିତ କ୍ରିକେଟ୍ ପରାଜୟ ପାଇଁ ଲାଗିଥିବା ଆଘାତକୁ କିଛି ମାତ୍ରାରେ ଦୂର କରିଛି ଭାରତୀୟ ହକି ଦଳ। ଏଠାରେ ଆୟୋଜିତ ସୁଲ୍‌ତାନ ଅଫ୍ ଜୋହର କପ୍ ପ୍ରତିଯୋଗିତାରେ ଭାରତ ଓ ନ୍ୟୁଜିଲାଣ୍ଡ କାଂସ୍ୟ ପଦକ ପାଇଁ ମୁହାଁମୁହିଁ ହୋଇଥିଲେ। ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ତଥା ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାରେ ଭାରତ ସୁଟ୍‌ଆଉଟ୍‌ରେ ନ୍ୟୁଜିଲାଣ୍ଡକୁ ୩-୨ (୨-୨) ଗୋଲ୍‌ରେ ହରାଇ ପ୍ରଥମ ତିନି ସ୍ଥାନରେ ରହିବାର ଗୌରବ ଲାଭ କରିଥିଲା। ଭାରତୀୟ ଗୋଲ୍ ରକ୍ଷକ ବିକ୍ରମଜିତ ସିଂହ ଅସାଧାରଣ ଏକାଗ୍ରତାର ପରିଚୟ ଦେଇ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ତିନିଟି ସଟ୍‌କୁ ରୋକିବା ସହ ଭାରତକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।

ସେହିଭଳି ଭାରତ ପକ୍ଷରୁ ଗୁରଜ୍ୟୋତ ସିଂହ, ମନମୀତ ସିଂହ ଓ ସୌରଭ ଆନନ୍ଦ ସୁଟ୍‌ଆଉଟ୍‌ରେ ସଫଳତାର ସହ ଗୋଲ୍ କରି ନ୍ୟୁଜିଲାଣ୍ଡ ପଞ୍ଝାରୁ ପଦକ ଛଡ଼ାଇ ଆଣିଥିଲେ। ଏହା ପୂର୍ବରୁ ନିର୍ଦ୍ଧାରିତ ସମୟରେ ଦିଲରାଜ ସିଂହ (୧୧ ମିନିଟ୍) ଓ ମନମୀତ ସିଂହ (୨୦ ମିନିଟ୍) ପ୍ରଥମ ଦୁଇ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇ ଭାରତକୁ ଆଗୁଆ ରଖିଥିଲେ। ତେବେ ନ୍ୟୁଜିଲାଣ୍ଡ ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଓଏନ୍ ବ୍ରାଉନ୍ (୫୧ ମିନିଟ୍) ଓ ଜଣ୍ଟି ଏମ୍ସ (୫୭ ମିନିଟ୍)ରେ ୬ ମିନିଟ୍ ଭିତରେ ଦୁଇଟି ଗୋଲ୍ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ସୁଟ୍‌ଆଉଟ୍‌ରେ କିନ୍ତୁ ଭାରତ ବାଜି ମାରି ନେଇ ପୋଡିୟମ୍ ଫିନିସ୍ ପାଇଥିଲା। ଅନ୍ୟପକ୍ଷରେ ଫାଇନାଲ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ୩-୨ ଗୋଲ୍‌ରେ ହରାଇ ଗ୍ରେଟ୍ ବ୍ରିଟେନ୍ ବିଜେତା ହୋଇଛି।

# ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୩୦ରୁ ଅଧିକ ଛକା ମାରିବାର କୀର୍ତ୍ତିମାନ ହାସଲ କଲେ ଜୈସୱାଲ

**ନୂଆଦିଲ୍ଲୀ**

ଦୀର୍ଘ ୧୨ ବର୍ଷ ପରେ ଭାରତୀୟ ଟିମ୍ ନ୍ୟୁଜିଲ୍ୟାଣ୍ଡ ଠାରୁ ଘରୋଇ ମାଟିରେ କୌଣସି ଟେଷ୍ଟ ସିରିଜ ହାରିଛି। ଭାରତ ପୁଣେରେ ଆୟୋଜିତ ଦ୍ୱିତୀୟ ଟେଷ୍ଟକୁ ୧୧୩ ରନରେ ହାରିଥିଲେ ହେଁ ଯଶସ୍ୱୀ ଜୈସୱାଲ ଏକମାତ୍ର ବ୍ୟାଟର ଭାବେ ଅର୍ଦ୍ଧଶତକ ହାସଲ କରିଥିଲେ।



ମ୍ୟାଚ୍ ଜିତିବା ପାଇଁ ୩୫୯ ରନର ଟାର୍ଗେଟକୁ ପିଛା କରୁଥିବା ଭାରତକୁ ଜୈସୱାଲ ଦମ୍‌ଦାର ଆରମ୍ଭ ଦେଇଥିଲେ। ସେ ୬୫ ବଲରେ ୭୭ ରନର ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ ୯ଟି ଚୌକା ଓ ୩ଟି ଛକା ମାରିଥିଲେ। ଏହି ଇନିଂସ ବଳରେ ସେ ପ୍ରଥମ ଭାରତୀୟ ଭାବେ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି।

ଭାରତୀୟ ଟେଷ୍ଟ କ୍ରିକେଟର ୯୨ ବର୍ଷର ଇତିହାସ ମଧ୍ୟରେ ଜୈସୱାଲ ପ୍ରଥମ ବ୍ୟାଟର ଭାବେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୩୦ କିମ୍ବା ତା' ଠାରୁ ଅଧିକ ଛକା ମାରିବାର କୀର୍ତ୍ତିମାନ ହାସଲ କରିଛନ୍ତି। ୨୦୨୪ ଜୈସୱାଲଙ୍କ ପାଇଁ ବେଶ୍ ଚମତ୍କାର ରହିଛି। ସେ ଏହି ବର୍ଷ ୧ ହଜାରରୁ ଅଧିକ ରନ ମଧ କରିବାର ରେକର୍ଡ ହାସଲ କରିଛନ୍ତି।

ଜୈସୱାଲ ଶନିବାର ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୩ଟି ଛକା ମାରି ଚଳିତ ବର୍ଷ ନିଜର ଛକା ସଂଖ୍ୟାକୁ ୩୨ରେ ପହଞ୍ଚାଇ ଦେଇଥିଲେ। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା ମାରିବାରେ ଜୈସୱାଲ ଏବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ଉପରେ ବିଶ୍ୱର ଏକମାତ୍ର ବ୍ୟାଟର ଭାବେ ନ୍ୟୁଜିଲାଣ୍ଡର ବ୍ରାଣ୍ଡନ ମ୍ୟାକକୁଲମ ରହିଛନ୍ତି।

ମ୍ୟାକକୁଲମ ୨୦୧୪ ବର୍ଷରେ ୩୩ଟି ଛକା ମାରିଥିଲେ। ଏହାକୁ ଅତିକ୍ରମ କରିବା ପାଇଁ ଜୈସୱାଲଙ୍କ ପାଖରେ ଯଥେଷ୍ଟ ସୁଯୋଗ ରହିଛି। କାରଣ ଚଳିତ ବର୍ଷ ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ଆଉ ଗୋଟିଏ ଟେଷ୍ଟ ଖେଳିବେ।

ସେହିପରି ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ୪ଟି ଟେଷ୍ଟ ମଧ ଚଳିତ ବର୍ଷ ଖେଳାଯିବ। ଏଥିରେ ଯଦି ଜୈସୱାଲ ସୁଯୋଗ ପାଆନ୍ତି, ତା'ହେଲେ ସେ ନିଶ୍ଚିତ ମ୍ୟାକକୁଲମଙ୍କ ରେକର୍ଡ ଭାଙ୍ଗିବାକୁ ସକ୍ଷମ ହେବେ।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ରେଙ୍ଗାଲି କ୍ୟାମ୍ପ**

ଅତାବିରା ବ୍ଲକ ଅନ୍ତର୍ଗତ ଲାଚିଦା ଖେଳ ପଡ଼ିଆରେ ଲଚିଦ ଆଥିଲେଟିକ୍ ଆସୋସିଏସନ ପକ୍ଷରୁ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସମିତି ସଭ୍ୟ ପ୍ରତିନିଧି ଭାବେ ଆଲୋକ ପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମହାବୀର ଏଫ୍.ସି, ଲସ୍ତଲା, ପି.ପି ସ୍ପୋର୍ଟିଂ, ଯାଙ୍ଗେଡ଼, ନିଲେଇପାଲି, ଏଇଟି ଫୋର୍ କ୍ଲବ୍, ରିକି ଇଲେଭେନ୍, ଭୂର୍ଷି ପାଲି ଆଦି ୮ଟି ଦଳ ଅଂଶଗ୍ରହଣ କରି ଖେଳ ପ୍ରଦର୍ଶନ କରିଥିଲେ। ପି.ପି ସ୍ପୋଟିଙ୍ଗ ଓ ରୀକି ଇଲେଭେନ ମଧ୍ୟରେ ଫାଇନାଲ ଚିତ୍ତାକର୍ଷକ ଫାଇନାଲ ଖେଳ ହୋଇଥିଲା। ଏଥିରେ ୭-୫ରେ ରିକି ଇଲେଭେନ୍ ବିଜୟୀ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରର ଦ୍ୱିତୀୟ ପର୍ଯ୍ୟାୟର ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଜୟୀ ଓ ରନର୍ସଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ପ୍ରଦୀପ ପ୍ରଧାନ, ଗୋପାଳ ପ୍ରଧାନ ଓ ରୁନୁ ମହାପାତ୍ର ଖେଳ ପରିଚାଳନା କରିଥିଲେ। ଅକ୍ଷୟ ସିଂ, ବିଭୂତି ଗଡ଼ତିଆ, ମହେଶ କରାଳି, ବୃନ୍ଦା ନାଏକ, ହିମାଂଶୁ ବିଶ୍ୱାଳ ସକ୍ରିୟ ସହଯୋଗ କରିଥିଲେ।

# ଖସିଲା ଟିମ୍ ଇଣ୍ଡିଆର ଡବ୍ଲୁଟିସି ପଏଣ୍ଟ, ଉଠିଲା ପାକିସ୍ତାନ

**ହାଇଦ୍ରାବାଦ**

ଭାରତୀୟ କ୍ରିକେଟ ଦଳ ନିଜ ଘରୋଇ ମାଟିରେ ଲଗାତାର ଦୁଇଟି ଟେଷ୍ଟ ମ୍ୟାଚ ଅତିଥି ଦଳ ନ୍ୟୁଜିଲାଣ୍ଡଠୁ ପରାସ୍ତ ହୋଇଛି। ୧୨ ବର୍ଷ ପରେ ନିଜ ଦେଶରେ ଟେଷ୍ଟ ସିରିଜ୍ ହାରିଛି ଟିମ୍ ଇଣ୍ଡିଆ। ୩ଟିକିଆ ଟେଷ୍ଟ ସିରିଜରେ ନ୍ୟୁଜିଲାଣ୍ଡ ୨–୦ରେ ଆଗରେ ରହିଛି।

ତେବେ ଘରୋଇ ମାଟିରେ ସିରିଜ୍ ପରାଜୟ ସତ୍ତ୍ୱେ ଟିମ୍ ଇଣ୍ଡିଆ ଡବ୍ଲୁଟିସି ପଏଣ୍ଟ ଟେବୁଲ ଟପ୍‌ରେ ରହିଛି। ୬୨.୮୨ ପଏଣ୍ଟରେ ଭାରତ ଶୀର୍ଷରେ ଥିବା ବେଳେ ଡବ୍ଲୁଟିସି ଫାଇନାଲ ଖେଳିବାକୁ ହେଲେ ଭାରତକୁ ଆଉ ୬ଟି ଟେଷ୍ଟ ମ୍ୟାଚ୍‌ରୁ ୪ଟି ବିଜୟ ଆବଶ୍ୟକ। ଆସନ୍ତାବର୍ଷ ଇଂଲଣ୍ଡର ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବ ଡବ୍ଲୁଟିସି ଫାଇନାଲ। ଭାରତ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଜିତିବା ସହିତ ଅଷ୍ଟ୍ରେଲିଆରେ ହେବାକୁ ଥିବା ବର୍ଡର ଗାଭାସ୍କର ଟ୍ରଫିରେ ମଧ ବିଜୟ ଆବଶ୍ୟକ। ଅଥବା ଭାରତକୁ ଅନ୍ୟ ଦେଶର ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ।

ପାକିସ୍ତାନ ଘରୋଇ ମାଟିରେ ଇଂଲଣ୍ଡକୁ ଟେଷ୍ଟ ସିରିଜ୍‌ରେ ପରାସ୍ତ କରିବା ପରେ ୭ମ ସ୍ଥାନକୁ ଉଠିଛି। ଭାରତ ବିରୋଧରେ ଆଗୁଆ ସିରିଜ୍ ୨–୦ରେ ଜିତିବା ପରେ ନ୍ୟୁଜାଲାଣ୍ଡ ୪ର୍ଥ ସ୍ଥାନକୁ ଉଠିଛି। ୫୦ ପଏଣ୍ଟ ରହିଛି ନ୍ୟୁଜିଲାଣ୍ଡ ଟିମ୍‌ର ଡବ୍ଲୁଟିସି ପଏଣ୍ଟ। ପ୍ରଥମରେ ଭାରତ, ଦ୍ୱିତୀୟରେ ଅଷ୍ଟ୍ରେଲିଆ, ତୃତୀୟରେ ରହିଛନ୍ତି ଶ୍ରୀଲଙ୍କା।

GOVERNMENT OF ODISHA, "e"-PROCUREMENT NOTICE B-501
OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH
WORKS DEPARTMENT
Tender call Notice
E-mail: pwdoffngd34@gmail.com
Bid Identification No. S.E-Nayagarh (R&B) Division- Online 06/2024-25

The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in double cover system in ONLINE MODE form eligible contractors for construction of Building work as detailed in the table below:

1. Nature of Work : Building Works.
2. No of Work : 1 No
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.30.10.2024 11.00 AM to Dt.11.11.2024 Up to 5.00 pm.
6. Date of opening of Bid : Dt.12.11.2024 at 11.00 AM
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer
Nayagarh Division, Nayagarh
OIPR-34138/11/0006/2425

GOVT OF ODISHA O-454
OFFICE OF THE SUPERINTENDING ENGINEER,RURAL WORKS DIVISION,NAYAGARH
At/Po-Nabaghanpur, Dist-Nayagarh, Ph-06753-252049 E-mail-nayagarhrw2006@yahoo.in
No:-Tender – Online – NayagarhDivn. –05/2024-25 Date:- 15.10.2024
e-Procurement Notice

1. Name of the work : Road works.
2. Total No. of Projects : 28(Twenty Eight) Nos of projects
3. Class of contractor
a)Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.5.05 Lakhs to Rs.33.65 lakhs
5 Time for completion : 02(Two) calendar months.
6 Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 05/2024-25 | 29.10.2024 at 10.00 A.M | 11.11.2024 upto 5.30 P.M. | 12.11.2024 at 11.00 A.M. |

Further details can be seen from the website www.tendersorissa.gov.in
Sd/- Executive Engineer
Rural Works Division, Nayagarh
OIPR-25106/11/0007/2425

STATE FOREST HEADQUARTERS, ODISHA MM-205
OFFICE OF THE PRINCIPAL CHIEF CONSERVATOR OF FORESTS & HEAD OF FOREST FORCE,
ARANYA BHAWAN, CHANDRASEKHARPUR, BHUBANESWAR-23
NO. 1056 / 6F (A/C)- 37/2023
DATED, BHUBANESWAR, THE 23rd OCTOBER, 2024.
SHORT TENDER NOTICE

Sealed Tenders are invited from interested reputed Travel Agencies / Private Individuals / Tour Operators for providing one number of Mahindra Bolero Neo ( 07 Seater ) with commercial registration including driver confirming the terms and conditions issued Finance Department Office Memorandum No. 27037/F dated 08.10.2015 followed by the Office Memorandum No.34085/F dated 06.09.2019 No.30464 dt.06.09.2019 and OM No.22924/F. dated 14.08.2023 for official use by Cuttack Internal Vigilance Flying Squad Unit , within Flying Squad Cuttack under O/o the Principal Chief Conservator of Forests & HoFF, Odisha, Aranya Bhawan, Bhubaneswar on monthly rent basis. The Bolero Neo vehicle proposed to be hired is required to be stationed at Cuttack with all Odisha duty as and when required. The bidders should submit their willingness accordingly. The undersigned reserves to right to increase / decrease number of vehicles required on hire and even cancel the entire tender process without assigning any reason thereof.

General Bid Information Forms & Terms and Conditions for Hiring of Vehicles etc. will be available with 6F (Accounts) Section, Deputy Conservator of Forests (Hqrs.) of this office payment of Rs.500/- (Rupees Five Hundred ) only form 28.10.2024 to 07.11.2024 on working days only between 11.00 AM to 05.00 PM.

The last date of submission of tender paper in the Tender Box is on dated 08.11.2024 at 2.00 PM and shall be opened at 4.00 P.M. on the same day.

(B.P. ACHARYA )
DEPUTY CONSERVATOR OF FORESTS(HQRS.)
OIPR-08002/11/0005/2425

# ଅଟୋଚାଳକରୁ ଇରାନୀ କପ୍ ବିଜେତା ଜୁନେଦ

**ନୂଆଦିଲ୍ଲୀ**

ଇରାନୀ କପ୍‌ରେ ଖେଳି ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ କରିଥିବା ମୁମ୍ବାଇର ଯୁବ ଦ୍ରୁତ ବୋଲର ଜୁନେଦ ଖାନ୍ ଆରମ୍ଭରୁ ନିଜ ଚମକ ଛାଡ଼ିଛନ୍ତି। ତାଙ୍କ ଚମତ୍କାର ପ୍ରଦର୍ଶନ ବଳରେ ମୁମ୍ବାଇ ବିଜେତା ହୋଇଛି। ସେ ମଧ ପଦାର୍ପଣରେ ଇରାନୀ କପ୍ ବିଜେତା ଦଳର ସଦସ୍ୟ ହେବାର ଗୌରବ ପାଇଛନ୍ତି। ଉତ୍ତରପ୍ରଦେଶ କନୌଜର ଜୁନେଦଙ୍କର କ୍ରିକେଟ୍‌କୁ ଆସିବା ସହଜ ନଥିଲା। କିଶୋର ବୟସରେ କ୍ରିକେଟ୍ ସ୍ୱପ୍ନ ନେଇ ନୁହେଁ ନିଜର ପରିବାର ପ୍ରତିପୋଷଣ ପାଇଁ ମୁମ୍ବାଇ ଚାଲି ଆସିଥିଲେ ସେ। ସେଠାରେ ପହଞ୍ଚି ପ୍ରଥମେ ଏକ ପୋଷାକ ତିଆରି କାରଖାନାରେ କାମ କଲେ। କିଛି ଦିନ ପରେ ନାବାଳକ ବୟସରେ ଅଟୋ ରିକ୍ସା ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ଏହି ସମୟରେ କ୍ରିକେଟ୍ ତାଙ୍କ ପାଇଁ ଦୂର ସ୍ୱପ୍ନ ଥିଲା।

ମୋଡ଼ ବଦଳାଇଲା ସଂଜୀବନୀ କ୍ରିକେଟ୍ ଏକାଡେମି : ମୁମ୍ବାଇର ପୂର୍ବତନ ୱିକେଟ୍ ରକ୍ଷକ ମନୀଷ ବାଙ୍ଗେରାଙ୍କ ଦ୍ୱାରା ପରିଚାଳିତ ସଞ୍ଜୀବନୀ କ୍ରିକେଟ୍ ଏକାଡେମି ଜୁନେଦଙ୍କୁ ପ୍ରଥମେ ଚିହ୍ନଟ କରିବା ପରେ ତାଙ୍କ ଭାଗ୍ୟ ବଦଳିଲା। ଚମଡ଼ା-ବଲ୍ କ୍ରିକେଟ୍ ସହିତ ତାଙ୍କର ସୀମିତ ଅଭିଜ୍ଞତା ସତ୍ତ୍ୱେ ଜୁନେଦଙ୍କ ପ୍ରତିଭା ବାଙ୍ଗେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେ ଜୁନେଦଙ୍କୁ ଖେଳିବାକୁ ଉତ୍ସାହିତ କରିଥିଲେ। ଏହାପରଠୁ ଜୁନେଦଙ୍କ ପେଶାଗତ କ୍ରିକେଟ୍ ଯାତ୍ରା ଆରମ୍ଭ ହୋଇଥିଲା। ହେଲେ ଏହା ଏତେ ସହଜ ନଥିଲା। ଅର୍ଥାଭାବ ତାଙ୍କ ଗୋଡ଼ ଟାଣିଥିଲା। ଜୋତାଟିଏ ବି କିଣିବାର ତାଙ୍କର ସକ୍ଷମ ନଥିଲା। ଏହି ସବୁ ଆହ୍ୱାନ ବେଳେ ତାଙ୍କୁ କିଛି ଶୁଭେଚ୍ଛୁ ଓ ପରାମର୍ଶଦାତାଙ୍କ ସମର୍ଥନ ମିଳିବାରୁ ଆଗକୁ ବଢ଼ିଲେ। ମୁମ୍ବାଇ ଆଖପାଖ ସ୍ଥାନୀୟ ପ୍ରତିଯୋଗିତାରେ ସେ ଖେଳି ନିଜକୁ ଶାଣିତ କଲେ।

ଜୁନେଦ ପିଜେ ହିନ୍ଦୁ ଜିମ୍‌ଖାନା ପକ୍ଷରୁ ପୁଲିସ ସିଲ୍ଡ ପ୍ରତିଯୋଗିତାରେ ଖେଳୁଥିବା ବେଳେ ପୂର୍ବତନ ଭାରତୀୟ କ୍ରିକେଟର ଅଭିଷେକ ନାୟାରଙ୍କ ନଜରକୁ ଆସିଥିଲେ।



ତାଙ୍କ ବୋଲିଂ ପ୍ରଦର୍ଶନ ନାୟାରଙ୍କୁ ପ୍ରଭାବିତ କରିଥିଲା। ନେଟ୍ ବୋଲର ଭାବେ କୋଲ୍‌କାତା ନାଇଟ୍ ରାଇଡର୍ସରେ ଯୋଗ ଦେବାକୁ ନାୟର ତାଙ୍କୁ କହିଲେ। ଏହି ସୁଯୋଗ ହାତଛଡ଼ା ନକରି ଅଭିଜ୍ଞତା ହାସଲ କଲେ। ବୁଚି ବାବୁ ଓ କେଏସ୍‌ସିଏ ପ୍ରତିଯୋଗିତାରେ ସେ ଲଗାତାର ଭଲ ପ୍ରଦର୍ଶନ ଜାରି ରଖି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ଇରାନୀ କପ୍‌ରେ ମୁମ୍ବାଇ ଦଳରେ ସ୍ଥାନ ପାଇଲେ।

ଅବଶିଷ୍ଟ ଭାରତ ବିପକ୍ଷ ଇରାନୀ କପ୍ ଫାଇନାଲ୍ ପୂର୍ବରୁ ସେ ପଦାର୍ପଣ କରିବେ ବୋଲି ଜାଣିବାକୁ ପାଇଲେ। ଏତେ ଉତ୍ସାହିତ ହୋଇଥିଲେ ଯେ ରାତି ସାରା ଶୋଇ ପାରି ନଥିଲେ, କିନ୍ତୁ ତାଙ୍କ ଧ୍ୟାନ ଏହି ସ୍ୱପ୍ନର ବଡ଼ ଦିନ ଉପରେ ଥିଲା। ପ୍ରଥମ ଶ୍ରେଣୀ ଜୀବନ ପଦାର୍ପଣରେ ସେ ଅବଶିଷ୍ଟ ଭାରତର ଅଧିନାୟକ ତଥା ତାରକା ବ୍ୟାଟର ଋତୁରାଜ ଗାଏକ୍‌ୱାଡ଼୍‌ଙ୍କୁ ନିଜର ପ୍ରଥମ ସ୍ପେଲ୍‌ରେ ଆଉଟ୍ କରିଥିଲେ। ଏହି ସଫଳତା ପରେ ଜୁନେଦ କହିଥିଲେ, ମୁଁ ମୁମ୍ବାଇ ପକ୍ଷରୁ ପ୍ରଥମ ମ୍ୟାଚ୍ ଖେଳିବି ବୋଲି ଶୋଇ ପାରି ନଥିଲି। ଋତୁରାଜଙ୍କ ୱିକେଟ୍ ବୋନସ ଥିଲା। ମୁମ୍ବାଇ ଜର୍ସି ପିନ୍ଧିବା ସ୍ୱପ୍ନ ଭଳି ଲାଗିଥିଲା। ସୂଚନାଯୋଗ୍ୟ ଯେ ଅବଶିଷ୍ଟ ଭାରତକୁ ୧୨୧ ରନ୍‌ରେ ହରାଇ ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ ମୁମ୍ବାଇ ୨୭ ବର୍ଷ ପରେ ଇରାନୀ କପ୍ ଜିତିଛି। ଜୁନେଦଙ୍କ ପଦାର୍ପଣ ଏବଂ ଅଲ୍‌ରାଉଣ୍ଡର ତନୁଷ କୋଟିଆନ୍‌ଙ୍କ ଶତକ ଏହି ମ୍ୟାଚ୍‌ର ମୁଖ୍ୟ ଆକର୍ଷଣ ଥିଲା।

# ମରାମତି ଅଭାବରୁ ରାସ୍ତା ପାଲଟିଲା ମରଣ ଯନ୍ତା : ପ୍ରଶାସନ ଚୁପ୍

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ର ରେଲୱେ ଓଭର୍ ବ୍ରିଜ୍ ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ଯାଇଥିବାରୁ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବା ସହିତ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହାର ଶୀଘ୍ର ମରାମତି କାର୍ଯ୍ୟ କରାଯିବା ପାଇଁ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ବିଗତ ତିନି ମାସ ଆଗରୁ ବରଗଡ଼ ରାସ୍ତା ଓ ଗୃହ ବିଭାଜନର ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ପାଣ୍ଡେଙ୍କ ସହିତ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ ଆଲୋଚନା କରିବା ସହ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରୀ ପାଣ୍ଡେ ଏହି ମରାମତି କାର୍ଯ୍ୟ ଯଥାଶୀଘ୍ର ସମ୍ପାଦନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହା ବ୍ୟତୀତ ଲୋକମାନେ ସହରରୁ ରେଳଷ୍ଟେସନକୁ ଯିବା ପାଇଁ ବ୍ୟବହାର କରୁଥିବା ବିଭିନ୍ନ ରାସ୍ତାଗୁଡିକର ଉନ୍ନତିକରଣ ବିଷୟରେ ମଧ ଆଲୋଚନା ହୋଇଥିଲା। ଗୁରୁଦ୍ୱାରାରୁ ଷ୍ଟେସନକୁ ଯିବା ରାସ୍ତା ଓସାରିଆ ହେବା ସହ ମଝିରେ ଡିଭାଇଡର ହେବାକୁ ଯାଉଛି, କିନ୍ତୁ ଏହି କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଥିବାରୁ ଏଥି ପ୍ରତି ଶ୍ରୀ ପାଣ୍ଡେଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କେନାଲ ରାସ୍ତା ମଧ ରେଳଷ୍ଟେସନ ଯିବା ପାଇଁ ଏକ ବିକଳ୍ପ ରାସ୍ତା। ବରଗଡ଼-ଭେଡ଼େନ ରାସ୍ତାର ବରଗଡ଼ ସହର ଅଞ୍ଚଳର ରାସ୍ତାକୁ ଛାଡ଼ି ଦେଲେ ବାକି ଭେଡେନ ପର୍ଯ୍ୟନ୍ତ ରାସ୍ତା ବହୁତ ଭଲ ଭାବରେ ନିର୍ମାଣ ହୋଇସାରିଛି। କିନ୍ତୁ, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡରୁ ପୁରୁଣା ରିଜର୍ଭ ପୋଲିସ ଅଞ୍ଚଳ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲେ ସୁଦ୍ଧା ବର୍ଷାଧିକ କାଳ ବିନା ନିର୍ମାଣ କିମ୍ବା ମରାମତି ଯୋଗୁଁ ରାସ୍ତାଟି ଭୟଙ୍କର ଅବସ୍ଥାରେ ପଡ଼ିରହିଛି। ଫଳରେ, ସେଇ ବାଟ ଦେଇ ଯାଉଥିବା ଲୋକମାନଙ୍କ ପାଇଁ ଏହା ଏକ ମରଣଯନ୍ତା ଭଳି ହୋଇଯାଇଛି। ଏ ସମ୍ପର୍କରେ ଶ୍ରୀ ପାଣ୍ଡେଙ୍କୁ ପଚାରିବାରୁ ଏହି ଅଂଶଟି (ଓଡ଼ିଶା ସେତୁ ଓ ନିର୍ମାଣ ନିଗମ) ଅଧୀନରେ ରହିଛି। ଆନନ୍ଦ ମଣ୍ଡପ ନିକଟରେ ଥିବା କଲଭର୍ଟର ନିର୍ମାଣ ସେମାନେ କଲାପରେ ରାସ୍ତା ଓ ଗୃହ ବିଭାଗକୁ କାର୍ଯ୍ୟ ହସ୍ତାନ୍ତର ହେବ। ତାପରେ ଏହି ରାସ୍ତାକୁ ସମ୍ପୂର୍ଣ୍ଣ କରାଯିବ ବୋଲି ଶ୍ରୀଯୁକ୍ତ ପାଣ୍ଡେ ସେ ସମୟରେ ଜଣାଇଥିଲେ। ହେଲେ ଆଜକୁ ତିନି ମାସରୁ ଊର୍ଦ୍ଧ୍ୱ ହେବ ସେମିତି ପଡ଼ି ରହିଛି। ଦେଇଥିବା ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପୂରଣ ହୋଇନି। ପ୍ରତିଦିନ ସେ ଜାଗାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ପୂର୍ତ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ସମ୍ପୂର୍ଣ୍ଣ ନୂଆ ନ ହେଲେ ବି କିଛି ମାତ୍ରା ରେ ମରାମତି କରି ଦେଲେ ଦୁର୍ଘଟଣା କମିଯିବ ବୋଲି ରେଳ ଉପଭୋକ୍ତା ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂହ, ସମ୍ପାଦକ କମଳ ଯୋଶୀ, ପି.ଆର.ଓ ଅଭିଜିତ ପ୍ରତିହାର ଓ ବରିଷ୍ଠ ସଦସ୍ୟ ତୁଳସୀ ଚରଣ ଦାଶ ପ୍ରକାଶ କରିଛନ୍ତି।



# ବାତ୍ୟା ଜନିତ କ୍ଷୟକ୍ଷତି ଆକଳନ ଓ ପରବର୍ତ୍ତୀ ଜଳମଗ୍ନ ପରିସ୍ଥିତି ମୁକାବିଲା ନେଇ ସମୀକ୍ଷା କଲେ ସଂସ୍କୃତି ମନ୍ତ୍ରୀ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ବାତ୍ୟା 'ଦାନା' ଯୋଗୁଁ ଅଧିକ ପ୍ରଭାବିତ ହୋଇଥିବା ଭଦ୍ରକ ଜିଲ୍ଲାର କ୍ଷୟକ୍ଷତି ଆକଳନ ତଥା ବାତ୍ୟା ପରବର୍ତୀ ବର୍ଷା ଦ୍ୱାରା ସୃଷ୍ଟ ଜଳମଗ୍ନ ଓ ବନ୍ୟା ଜନିତ ପରିସ୍ଥିତି ର ସୁଧାର ପାଇଁ ପ୍ରଶାସନିକ ପରିଚାଳନାକୁ ସମୀକ୍ଷା କରିଛନ୍ତି ଉଚ୍ଚଶିକ୍ଷା, ଯୁବ, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଜିଲ୍ଲାପାଳ ଦିଲୀପ ରାଉତରାଏ, ବାତ୍ୟା ପାଇଁ ଜିଲ୍ଲାର ପର୍ଯ୍ୟବେକ୍ଷକ ଥିବା ଇପିକଲର ପରିଚାଳନା ନିର୍ଦ୍ଦେଶକ ଆଇ.ଏ.ଏସ୍. ଅଧିକାରୀ ଭୂପିନ୍ଦର ସିଂ ପୁନିଆ, ପ୍ରମୁଖ ମଧ୍ୟ ଏହି ସମୀକ୍ଷାରେ ଉପସ୍ଥିତ ରହି ମତାମତ ରଖିଥିଲେ। କ୍ଷୟକ୍ଷତି ଆକଳନରେ କୌଣସି ଜାତି, ଧର୍ମ, ବର୍ଣ୍ଣ, ଦଳକୁ ଗୁରୁତ୍ୱ ନ ଦେଇ ଗରିବ ଓ ପୀଡ଼ିତଙ୍କ ପ୍ରତିନ୍ୟାୟ ପ୍ରଦାନ ଦିଗରେ ଯତ୍ନବାନ୍ ହେବାକୁ ସଂପୃକ୍ତ ପ୍ରଶାସନିକ ଅଧିକାରୀ ମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଆବଶ୍ୟକ ମତେ ଆଶ୍ରୟ ସ୍ଥଳୀରେ ରହିଥିବା ଲୋକ ଏବଂ ବାତ୍ୟା ପରବର୍ତୀ ବର୍ଷାଦ୍ୱାରା ସୃଷ୍ଟ ଜଳମଗ୍ନ ବା ବନ୍ୟା ଯୋଗୁଁ ଜଳବନ୍ଦୀ ଥିବା ଅଂଚଳର ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନଜାରି ରଖିବାକୁ ବି.ଡ଼ି.ଓ. ଓ ତହସିଲଦାର ମାନଙ୍କୁ କୁହାଯାଇଛି। ସୂଚନା ଯୋଗ୍ୟକି ୨୭ ତାରିଖ ରବିବାର ସୁଦ୍ଧା ଆଶ୍ରୟ ସ୍ଥଳୀରେ ସମୁଦାୟ ୨୫,୭୦୯ ଜଣ ଲୋକ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଜାରି ରହିଥିବା ବର୍ଷା ଯୋଗୁଁ ସମ୍ଭାବ୍ୟ ଜଳମଗ୍ନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶୂନ ମୃତ୍ୟୁ ଆଭିମୁଖ୍ୟରେ ବିପଦ ସଙ୍କୁଳ ଓ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବାତ୍ୟା ପୂର୍ବ ଓ ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନ ସହିତ ସମସ୍ତଙ୍କ ସହଯୋଗରେ ସଫଳ ମୁକାବିଲା ହୋଇଥିବା, କୌଣସି ଧନଜୀବନ ହାନି ନ ହୋଇଥିବା ନେଇ ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ। ୭୦ ହଜାର ହେକ୍ଟରରୁ ଅଧିକ ଚାଷଜମି ପ୍ରଭାବିତ ହୋଇଥିବା ସୂଚନା ଦେଇଥିଲେ। ଜିଲ୍ଲାର ୨୧୮ ଟି ପଂଚାୟତକୁ ରାସ୍ତା ପରିଷ୍କାର ହୋଇଥିବା ୧୯୧ ଟି ଜି.ପି. ବିଦ୍ୟୁତ କ୍ଷତି ଜନିତ ପୁନଃ ଉଦ୍ଧାର, ୨୧୨ ଟି ଜି.ପି.କୁ ପାନୀୟ ଜଳ ପୂର୍ବବତ୍ ଯୋଗାଣ କରାଯାଉଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସେ ସୂଚନା ଦେଇଛନ୍ତି। ସାମୂହିକ ବା ବ୍ୟକ୍ତିଗତ କ୍ଷୟକ୍ଷତି ଆକଳନ ତ୍ୱରିତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ସାଳନ୍ଦୀ, ନାଳିଆ, ଯଥ, ରେବ, କପାଳି ନଦୀରେ ପାଣି ଆସିବା ଯୋଗୁଁ ଧାମନଗର, ତିହିଡ଼ି, ଭଣ୍ଡାରିପୋଖରୀ, ଭଦ୍ରକ ବ୍ଲକର ଅନେକ ଅଂଚଳ ବୁଡ଼ି ପ୍ରଭାବିତ ହୋଇଥିବାରୁ ସରକାରୀ ସାହାଯ୍ୟ ପ୍ରଦାନ ଅବ୍ୟାହତ ରହିଛି। ପ୍ରଭାବିତ ପ୍ରାଣୀ ସମ୍ପଦ ପାଇଁ ଆଗୁଆ ପ୍ରତି ପଂଚାୟତକୁ ଗୋଖାଦ୍ୟ ପ୍ରେରଣ କରାଯାଇଥିବା ଓ ବର୍ତମାନ ମଧ୍ୟ ତ୍ୱରିତ୍ ଯୋଗାଇବା ପାଇଁ ପଦକ୍ଷେପ ପାଇଁ ନିର୍ଦ୍ଦେଶ ପ୍ରଦାନ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବର୍ତମାନ ବି ବିପଦ ଟଳିନାହିଁ। ଶେଷ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ ସହ ମୁକାବିଲାରେ ସଫଳତା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ବନ୍ୟା ଓ ଜଳମଗ୍ନ ଅଂଚଳରେ, ପାଣିରେ ବୁଡ଼ିଥିବା ପୋଲ ଉପରେ ପିଲା, ବୃଦ୍ଧ ବା ଅନ୍ୟ କେହି ବୁଲାବୁଲି କି ପାଣିସହ ଖେଳିବା, ଅସାବଧାନତା ଅବଲମ୍ବନ କରିବାକୁ ସଚେତନ କରାଇବା ଦିଗରେ ମଧ୍ୟ ସେ ପ୍ରାଧାନ୍ୟ ଦେଇଥିଲେ। କାରଣ ଶୂନ ମୃତ୍ୟୁ ଆଭିମୁଖ୍ୟ ହାସଲ ପାଇଁ ଏବେ ବି ଆମ ସମସ୍ତଙ୍କ ଉପରେ ଦାୟିତ୍ୱ ଅଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବାତ୍ୟା ସମୟରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ ପାଇଁ ୨୫ ଟି ମେଡ଼ିକାଲଟିମ୍ ଓ ୭ଟି ପ୍ରାଣୀଚିକିତ୍ସା ଟିମ୍ ମୁତୟନ କରାଯାଇଥିଲା। ଜୁମ୍ ଜରିଆରେ ଅନୁଷ୍ଠିତ ଏହି ବୈଠକ ସହ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଡ଼ି ହୋଇ ଆଲୋଚନାରେ ମତାମତ ରଖିଥିଲେ। ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଉପଜିଲ୍ଲାପାଳ ଝାରସୁଗୁଡ଼ା ସବ୍ୟସାଚୀ ପଣ୍ଡା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତନ୍ମିତା କର ପ୍ରମୁଖ ଓ୍ୱସ୍‌ଓ୍ୱାନ୍ ହଲ୍‌ରେ ଉପସ୍ଥିତ ଥିଲେ।

# ଅର୍ଥ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିରେ ବୈଜୟନ୍ତ

**ଭୁବନେଶ୍ୱର, ୨୭/୧୦**
**ନ୍ୟୁଜ ବ୍ୟୁରୋ**



ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଓ ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କୁ ଅର୍ଥ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ଅଧ୍ୟକ୍ଷ କରାଯାଇଛି। ଅର୍ଥ ମନ୍ତ୍ରଣାଳୟ ପାଇଁ କେନ୍ଦ୍ର ସରକାର ପରାମର୍ଶଦାତା କମିଟି ଗଠନ କରିଥିବା ବେଳେ ଏଥିରେ ସ୍ଥାନ ପାଇଛନ୍ତି କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା। ଭାରତ ସରକାରଙ୍କ ପକ୍ଷରୁ ଏହି କମିଟି ଗଠନ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କୁ ଏହି କମିଟିର ଅଧ୍ୟକ୍ଷ କରାଯାଇଛି। ସେମାନଙ୍କ ନେତୃତ୍ୱରେ ଗଠିତ ଏହି କମିଟିରେ ଲୋକସଭାରୁ ୧୪ ଜଣ ଓ ରାଜ୍ୟସଭାରୁ ୮ ଜଣ ସାଂସଦଙ୍କୁ ସାମିଲ କରାଯାଇଛି। ଏହି କମିଟିରେ ଲୋକସଭାରୁ ୧୪ ଜଣ ସାଂସଦ ସଦସ୍ୟ ଭାବେ ସାମିଲ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ବୈଜୟନ୍ତ ପଣ୍ଡା ମଧ୍ୟ ଅଛନ୍ତି। ତାଙ୍କ ସହିତ ଲୋକସଭାରୁ ଏହି କମିଟିରେ କୁମାରୀ ସୈଲଜା ଓ ମାଳବିକା ଦେବୀ ପ୍ରମୁଖ ସଦସ୍ୟ ଅଛନ୍ତି। ସେହିପରି ରାଜ୍ୟସଭାରୁ ପି. ଚିଦାମ୍ବରମ୍, ଶମ୍ଭୁ ଶରଣ ପଟେଲ, ଓ୍ୱାଇ ଭେଙ୍କଟ ସୁବା ରେଡ୍ଡୀ ଓ ଅଶୋକ କୁମାର ମିତ୍ତଲ ପ୍ରମୁଖ ସଦସ୍ୟ ହୋଇଛନ୍ତି।

# ବେଆଇନ ବାଣ ଦୋକାନରେ ଚଢ଼ଉ, ଲକ୍ଷାଧିକ ଟଙ୍କାର ବାଣ ଜବତ : ୩ଗିରଫ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ରବିବାର ବାଲୁଗାଁ ବଜାରର ବିଭିନ୍ନ ଅଂଚଳରେ ଚଢ଼ାଉ କରି ୩ ବାଣ ବେପାରୀଙ୍କୁ ପୋଲିସ ଗିରଫ କରିବା ସହ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏବଂ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ ବାଲୁଗାଁ ବଜାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶ୍ୱଜିତ ଗଜେନ୍ଦ୍ର, ଅନିକେତ ପରିଡା ଓ ରୋଶନ ନାୟକ। ଜବତ ବାଣର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ବାଲୁଗାଁ ଥାନାଧିକାରୀ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

# ବାତ୍ୟା "ଦାନା" ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ଭାବେ ସଫଳ : ମନ୍ତ୍ରୀ ଶ୍ରୀ ପୂଜାରୀ

**ଭୁବେନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାତ୍ୟା 'ଦାନା'ର ପରବର୍ତ୍ତୀ ସମୟରେ ବର୍ଷାର ପରିମାଣ କମିଥିବା ବେଳେ ଏବେ ପାଗ ବଦଳିଛି । ବାତ୍ୟା ପ୍ରଭାବିତ ଜିଲ୍ଲା ଗୁଡିକରେ ଜୀବନ ଯାତ୍ରା ସ୍ୱାଭାବିକ ହେଲାଣି। ରାସ୍ତା ସଫା ହେଇ ଗମନ। ଗମନ ବ୍ୟବସ୍ଥା ସୁଧାର ଆସିବା ସହ ବିଦ୍ୟୁତ ସରବରାହ ଓ ପୁନଃ ସଂଯୋଗ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି ।

ବାତ୍ୟା ପ୍ରଭାବରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର,ନୟାଗଡ, କଟକଓ ଢେଙ୍କାନାଳଆଦି ୧୪ ଟି ଜିଲ୍ଲା ପ୍ରଭାବିତ ହେଇଛି । ଏଥିରେ ୧୦୮ ଟି ବ୍ଲକ୍ ର ୧୬୭୧ ଟି ଗ୍ରାମପଂଚାୟତ ଓ ୮୩୧୭ ଗ୍ରାମ ପ୍ରଭାବିତ ହୋଇଥିବା ବେଳେ,୩୧ଟି ସହରାଂଚଳର୪୨୬ ଟି ଓ୍ୱାର୍ଡର ୩୫,୯୫,୦୧୫ ଜନସାଧାରଣ ପ୍ରଭାବିତ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୮ଲକ୍ଷ୧୦ହଜାର ୮୯୬ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସେମାନଙ୍କୁ ନିରାପଦ ଆଶ୍ରୟସ୍ଥଳୀରେ ରଖାଯାଇ ରନ୍ଧା ଖାଦ୍ୟ ଦିଆଯାଉଛି । ବାତ୍ୟା ସମୟ ରେ ୬୨୧୦ ଆଶ୍ରୟସ୍ଥଳୀ ଖୋଲାଯାଇଥିବା ବେଳେ ସେଥି ମଧ୍ୟ ରୁ ବର୍ତମାନ ୧୧୭୮ଟି କାର୍ଯକ୍ଷମ ଅଛି । ସେଠାରେ ଲୋକ ମାନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି। ଏହି ବ୍ୟବସ୍ଥା ଆଗାମୀ ସାତ ଦିନ ପର୍ଯ୍ୟନ୍ତ ଚାଲୁ ରହିବ । ଏବେ ସୁଦ୍ଧା ୨୩୨୨କୁଇଂଟାଲ ଚୁଡା ଓ ୨୯୭ କୁଇଂଟାଲଗୁଡ ଓ ୭୫୫ ପ୍ୟାକେଟ ପଲିଥିନ ରୋଲ ରିଲିଫ୍ ଆକାରରେ ବଂଟା ଯାଇଛି । ଲଗାଣ ବର୍ଷା ଯୋଗୁଁ ୬୫୯୮୪୨ ରୁ ଅଧିକ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୩୩୫ ଟି ଡାକ୍ତରୀଦଳ ଓ ୨୦୧ଟି ପଶୁଚିକିତ୍ସକ ଦଳ ନିୟୋଜିତ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ୧୨୫୦୯୧.୭ ହେକ୍ଟର ଚାଷ ଜମି ଓ ୫୮୩୯ଟି ଘର କ୍ଷତିଗ୍ରସ୍ତ ହୋଇଛି। ବାତ୍ୟାଦ୍ୱାରା କୁଡିଆ ଘର, ମାଟିଘର, ଓ ଚାଳଘର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ପଂଚୟତିରାଜ ବିଭାଗ ପକ୍ଷରୁ ପକ୍କାଘର ଯୋଗାଇ ଦେବା ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଛି ।

ସ୍ୱତନ୍ତ୍ର ରିଲିଫ କମିଶନର ସମସ୍ତ ବିଭାଗ ର ସଚିବ ଓ ୧୪ ଟି ଜିଲ୍ଲାର ଜିଲ୍ଲାପାଳ ଙ୍କୁ ନଭେମ୍ବର ୨ ତାରିଖ ସୁଦ୍ଧା ବାତ୍ୟା ଜନିତ କ୍ଷୟକ୍ଷତି ର ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦେଶ ଦେଇଛନ୍ତି ।

ବାତ୍ୟା ସମୟରେ ସରକାରଙ୍କର ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା କରି କାର୍ଯ କରିବା ଫଳରେ ବାତ୍ୟା ର ସଫଳ ପରିଚାଳନା ସମ୍ଭବ ହୋଇ ପାରିଲା । ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି 'ଶୂନ ମୃତ୍ୟୁହାର' ବୋଲି ରାଜସ୍ୱ ଓ ବିପର୍ଜୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

# ୮୧ତମ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀ ଉଦଯାପିତ

# ଭଞ୍ଜ ଗବେଷଣା ପାଇଁ କମ୍ବୁପାଣି ସାମନ୍ତଙ୍କୁ 'କଳିଙ୍ଗ ଭାରତୀ' ସମ୍ମାନ ପ୍ରଦାନ

**କଟକ, ନ୍ୟୁଜ ବ୍ୟୁରୋ**




ଓଡ଼ିଶାର ଦ୍ୱିତୀୟ ପ୍ରାଚୀନ ସାହିତ୍ୟ ଅନୁଷ୍ଠାନ କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ଅନୁକୁଲ୍ୟରେ ସ୍ଥାନୀୟ ମିଶନ ରୋଡ଼ ସ୍ଥିତ ଭଞ୍ଜ ମଣ୍ଡପ ଠାରେ ଷଷ୍ଠ ରଜନୀ ବ୍ୟାପି ଚାଲିଥିବା ୮୧ତମ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସମାରୋହ ଉଦଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ କଳିଙ୍ଗ ଭାରତୀର ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦ। ମୁଖ୍ୟ ଅତିଥି ଭାବେ ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଯୋଗ ଦେଇ ଉପେନ୍ଦ୍ର ଭଞ୍ଜଙ୍କୁ ଓଡ଼ିଆ ଅସ୍ମିତାର ପ୍ରତୀକ ଭାବେ ପ୍ରଚାର ପ୍ରସାର କରିବାରେ କଳିଙ୍ଗ ଭାରତୀର ଦୀର୍ଘ ବର୍ଷର ସଂଗ୍ରାମକୁ ସାଧୁବାଦ ଦେଇଥିଲେ। ପ୍ରଧାନ ବକ୍ତା ମନମୋହନ ଆଚାର୍ଯ୍ୟ ଭଞ୍ଜ ସାହିତ୍ୟର ବିଭିନ୍ନ କାବ୍ୟରୁ ଉଦାହରଣ ଦେଇ କିପରି ଉପେନ୍ଦ୍ର ଭଞ୍ଜ ଶବ୍ଦର କୋଣାର୍କ ଗଢ଼ିଥିଲେ ତାହା କହିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଭଞ୍ଜ ଗବେଷକ ଡ଼ ବାଉରୀବନ୍ଧୁ ସାହୁ ଓ ଡ଼ କମ୍ବୁପାଣି ସାମନ୍ତଙ୍କୁ ଜୀବନ ବ୍ୟାପି ଭଞ୍ଜ ଗବେଷଣା ପାଇଁ 'କଳିଙ୍ଗ ଭାରତୀ ସମ୍ମାନ' ଓ ବ୍ୟୋମ ବିହାରୀ ରଥଙ୍କୁ ରୀତି କାବ୍ୟ ରଚନା ନିମନ୍ତେ 'ବିଚ୍ଛନ୍ଦ ଚରଣ ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ ଦୀର୍ଘ ୫୦ବର୍ଷରୁ ଅଧିକ ସମୟ ଭଞ୍ଜ ଜୟନ୍ତୀର ବିଦଗ୍ଧ ଶ୍ରୋତା ଭାବେ ସଚ୍ଚିଦାନନ୍ଦ ନନ୍ଦଙ୍କୁ 'କୁଳମଣି କର- ଇନ୍ଦୁମତୀ ଦେବୀ ସମ୍ମାନ' ଦିଆ ଯାଇଥିଲା। ଅନୁଷ୍ଠାନର ନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ସମ୍ପାଦକ ଡାକ୍ତର ଅଂଶୁମାନ କର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା କଳାବିକାଶ କେନ୍ଦ୍ରର ଗୁରୁ ତନ୍ମୟ ହୋତା ଓ ତାଙ୍କ ଶିଷ୍ୟାମାନେ ସମବେତ ସଂଗୀତ ପରିବେଷଣ କରିଥିଲେ। ଶେଷରେ ବିଭିନ୍ନ ଦିନର ସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଓ ସହଯୋଗ କରିଥିଲେ ଡ଼.ଅନୁପ ମାର୍ଥା, ଅଧ୍ୟାପକ ବିଶ୍ୱରଂଜନ ଦାସ, ପ୍ରଦୀପ କର, ଡ଼.ସ୍ନେହଲତା ମିଶ୍ର, ଅମ୍ଳାନ ପଟ୍ଟନାୟକ ଓ ଅନୁଷ୍ଠାନର ଅନ୍ୟ କର୍ମକର୍ତ୍ତା ବୃନ୍ଦ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାତ୍ୟାଞ୍ଚଳ ପରିଦର୍ଶନ ...

ରିଲଫ ସେଣ୍ଟରରେ ଭୋଜନ କରି ପାରିବେ । ଶ୍ରୀ ପୂଜାରୀ କହିଛନ୍ତି, ୬ ଲକ୍ଷ ୫୯ ହଜାର ୮୪୨ ପଶୁ ପ୍ରଭାବିତ ହୋଇଛନ୍ତି । ୭ ଲକ୍ଷ ୩୪ ହଜାର ୭୫ କୁକୁଡା ପ୍ରଭାବିତ ହୋଇଛନ୍ତି। ପଶୁଙ୍କୁ ସାପ କାମୁଡା ମାମଲା ଭଦ୍ରକରେ ୪, ଯାଜପୁରରେ ଗୋଟିଏ ଓ କେନ୍ଦ୍ରାପଡ଼ା ୭ ନଜରକୁ ଆସିଛି । ସେହିପରି ୨୮ଜଣ ଲୋକଙ୍କୁ ସାପ କାମୁଡ଼ିଛି । ଏଥିରେ ଜଣେ ଡାକ୍ତର ବି ଅଛନ୍ତି । ହେଲେ ସମସ୍ତେ ସୁସ୍ଥ ଅଛନ୍ତି। ୧ ଲକ୍ଷ ୨୫ ହଜାର ୯୧୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି । ୫୮୩୯ ଘର ସମ୍ପୂର୍ଣ୍ଣ ବା ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ପୀଡ଼ିତମାନଙ୍କୁ ୨୩୨୨.୨ କ୍ୱିଣ୍ଟାଲ ଚୁଡା ଓ ୭୫୫ ପଲିଥିନ ଦିଆଯାଇଛି । ୩୩୫ ମେଡିକାଲ ଟିମ୍ ନିୟୋଜିତ ହୋଇଛନ୍ତି। ଏଣେ ବିଦ୍ୟୁତ ସରବାରହ କାମ ସରିଲାଣି। ବୁଢାବଳଙ୍ଗ ସତର୍କ ସ୍ତରର ୦.୩୫ ମିଟର ଉପରେ ଅଛି । ହେଲେ ବିପଦ ସଂକେତ ନାହିଁ । ଜଳ ନିଷ୍କାସନ ଆହୁରି ଗତିଶୀଳ ହେବ। ଏସଆରସିଙ୍କ ପାଖକୁ ୧୪ ଜିଲ୍ଲାର ଜିଲ୍ଲାପାଳମାନେ ନଭେମ୍ବର ୨ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ରବୀନ୍ଦ୍ର ସଙ୍ଗୀତ ...

ଏବଂ ଯାତ୍ରୀ ଆଗମନ ଦୃଷ୍ଟିରୁ ଭାରତ-ବାଂଲାଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମି ସୀମା କ୍ରସିଂ। ଏହି ସମୟରେ ଗୃହମନ୍ତ୍ରୀ ଅମିତ ଶାହା ଅନୁପ୍ରବେଶ ସମ୍ପର୍କରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡ଼ା ଟାର୍ଗେଟ କରିଥିଲେ।

ସେ କହିଛନ୍ତି, ଆମର ଆସନ ହ୍ରାସ ପାଇଥିବାରୁ ମମତା ଦିଦି ଖୁସି ହୋଇଥିଲେ । କିନ୍ତୁ ସେ ଭୁଲନ୍ତୁ ନାହିଁ, ଆମେ ଏମିତି ଏକ ଦଳ ଯେଉଁଥିରେ ଦୁଇଟି ଆସନ ଥିଲା, କିନ୍ତୁ ଏହାର ଉଦ୍ଦେଶ୍ୟ ଧାରା ୩୭୦ ହଟାଇବାର ଥିଲା। ସେ କହିଛନ୍ତି ଯେ ପଶ୍ଚିମବଙ୍ଗରେ ରାଜ୍ୟ ପ୍ରାୟୋଜିତ ଅନୁପ୍ରବେଶ ରହିଛି ଏବଂ ଏହାକୁ ବନ୍ଦ କରିବାର ଏକମାତ୍ର ଉପାୟ ହେଉଛି ୨୦୨୬ ମସିହାରେ ବିଜେପିକୁ ବାଛନ୍ତୁ ।

ସେ କହିଛନ୍ତି ଯେ ପଶ୍ଚିମବଙ୍ଗରେ ରବୀନ୍ଦ୍ର ସଙ୍ଗୀତ ବଦଳରେ ଆଜି ବୋମା ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳୁଛି। ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି, ଯେତେବେଳେ ସୀମା ପାର ହୋଇ କୌଣସି ଆଇନଗତ ଗତିପଥ ନଥାଏ, ସେତେବେଳେ ବେଆଇନ ଭାବେ ଲୋକ ଆସନ୍ତି । ଯେତେବେଳେ ବେଆଇନ ଭାବେ ଲୋକ ଆସନ୍ତି, ସେତେବେଳେ ସେମାନେ ପଶ୍ଚିମବଙ୍ଗରେ ପ୍ରବେଶ କରି ଭାରତର ଶାନ୍ତି ପାଇଁ କ୍ଷତି କରନ୍ତି । ମୁଁ ଲୋକମାନଙ୍କୁ କହୁଛି ୨୦୨୬ରେ ଏକ ପରିବର୍ତ୍ତନ ଆଣନ୍ତୁ ।

## 'ମନ କି ବାତ୍'ରେ...

ବିଷୟରେ ଉଲ୍ଲେଖ କରି ପିଏମ ମୋଦି କହିଛନ୍ତି, ଦେଶରେ ସୃଜନଶୀଳତାର ଜୁଆର ସୃଷ୍ଟି ହୋଇଛି । ଯେତେବେଳେ ଛୋଟା ଭୀମ ଟିଭିରେ ଆସୁଥିଲା, ପିଲାମାନେ ଖୁସି ଥିଲେ। ଆମର ଅନ୍ୟ ଆନିମେଟେଡ ସିରିଏଲ ମୋଟୁ-ପତଲୁ, ହନୁମାନ ଲୋକପ୍ରିୟ ହୋଇ ପାରିଛି। ସମଗ୍ର ବିଶ୍ୱରେ ଭାରତର ଆନିମେସନ ଲୋକପ୍ରିୟ ପାଲଟିଛି। ପିଏମ ମୋଦି କହିଛନ୍ତି, ଆଜି ଆନିମେସନ ସେକ୍ଟର ଏକ ଇଣ୍ଡଷ୍ଟ୍ରିର ରୂପ ନେଇଛି, ଯାହା ଅନ୍ୟ ଶିଳ୍ପକୁ ଶକ୍ତି ପ୍ରଦାନ କରୁଛି, ଯେପରି ଭିଆର ପର୍ଯ୍ୟଟନ ଆଜିକାଲି ବହୁତ ପ୍ରସିଦ୍ଧ ହେଉଛି। ଆପଣ ଭର୍ଚୁଆଲ ଟୁର ମାଧ୍ୟମରେ ଅଜନ୍ତା ଗୁମ୍ଫା ପରିଦର୍ଶନ କରିପାରିବେ। ଆପଣ ଏଥିରେ ବୁଲିବେ। କୋଣାର୍କ ମନ୍ଦିରର କରିଡର କିମ୍ବା ବାରାଣସୀ ଘାଟକୁ ଉପଭୋଗ କରିପାରିବେ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଲୋକଙ୍କ ମନରେ କୌତୁହଳ ସୃଷ୍ଟି କରିବା ପାଇଁ ପର୍ଯ୍ୟଟନ ସ୍ଥାନଗୁଡିକର ଭର୍ଚୁଆଲ ଭ୍ରମଣ ଏକ ମାଧ୍ୟମ ପାଲଟିଛି । ଆଜି ଆନିମେଟର, କାହାଣୀକାର, ଲେଖକ, ଭଏସ ଓଭର ବିଶେଷଜ୍ଞଙ୍କ ସହ ସଙ୍ଗୀତଜ୍ଞଙ୍କ ଚାହିଦା ସହିତ ଭିଆର ଏବଂ ଏଆର ବିଶେଷଜ୍ଞମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ତେଣୁ ମୁଁ ଭାରତର ଯୁବବର୍ଗମାନଙ୍କୁ ସେମାନଙ୍କର ସୃଜନଶୀଳତାକୁ ବିସ୍ତାର କରିବାକୁ କହିବି, କିଏ ଜାଣେ, ଦୁନିଆର ପରବର୍ତ୍ତୀ ସୁପର ହିଟ ଆନିମେସନ ଆପଣଙ୍କ କମ୍ପ୍ୟୁଟରରୁ ବାହାରିବ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବର୍ତ୍ତମାନ ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ଏକ ଜନ ଅଭିଯାନରେ ପରିଣତ ହେଉଛି ଏବଂ ଆମେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରୁଛୁ । ଉଦାହରଣ ସ୍ୱରୂପ, ଏହି ମାସରେ ଆମେ ଲଦାଖର ହାନଲେରେ ଏସିଆର ସର୍ବବୃହତ ଇମେଜିଙ୍ଗ ଟେଲିସ୍କୋପ ଏମଏସିଇର ଉଦଘାଟନ କରିଛୁ । ଏହା ସମୁଦ୍ର ପତ୍ତନଠାରୁ ୪୩୦୦ ମିଟର ଉଚ୍ଚତାରେ ଅବସ୍ଥିତ ।

ସେ କହିଛନ୍ତି ଯେ ଆତ୍ମନିର୍ଭରଶୀଳତା କେବଳ ଆମର ନୀତି ନୁହେଁ ବରଂ ଆମର ଉତ୍ସାହ ମଧ୍ୟ ହୋଇପାରିଛି । ମାତ୍ର ୧୦ ବର୍ଷ ପୂର୍ବେ ଯେତେବେଳେ କେହି ଜଣେ କହୁଥିଲେ ଯେ ଭାରତରେ କିଛି ଜଟିଳ ପ୍ରଯୁକ୍ତିବିଦ୍ୟା ବିକଶିତ ହେଉଛି, ଅନେକ ଲୋକ ଏହାକୁ ବିଶ୍ୱାସ କରୁ ନ ଥିଲେ। ପରିହାସ କରୁଥିଲେ । କିନ୍ତୁ ଆଜି ଦେଶର ସଫଳତା ଦେଖିବା ପରେ ସେମାନେ ଆଶ୍ଚର୍ଯ୍ୟ ହୋଇ ରହି ଯାଇଛନ୍ତି । ଆତ୍ମନିର୍ଭରଶୀଳ ହେବାକୁ ଯାଉଥିବା ଭାରତ ପ୍ରତ୍ୟେକ କ୍ଷେତ୍ରରେ ଚମତ୍କାର କାର୍ଯ୍ୟ କରୁଛି। ଆମେ ସମସ୍ତେ ଆତ୍ମନିର୍ଭରଶୀଳ ଭାରତର ଏହି ଅଭିଯାନକୁ ମଜବୁତ କରୁଛୁ । ଲୋକାଲ ପାଇଁ ଭୋକାଲ ମନ୍ତ୍ର ସହିତ ଆମେ ଆମର ସପିଂ କରୁଛୁ । ଏହା ହେଉଛି ନୂଆ ଭାରତ ଯେଉଁଠାରେ ମେକ ଇନ ଇଣ୍ଡିଆ ମେକ ଫର ଓ୍ୱାର୍ଲ୍ଡରେ ପରିଣତ ହୋଇଛି । ଆମକୁ କେବଳ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ପଡିବ ନାହିଁ ବରଂ ଆମ ଦେଶକୁ ଏକ ନୂତନତ୍ୱର ବିଶ୍ୱ ଶକ୍ତି ଭାବରେ ପ୍ରତିଷ୍ଠା କରିବାକୁ ପଡିବ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଡିଜିଟାଲ ଆରେଷ୍ଟ ପୀଡିତଙ୍କ ମଧ୍ୟରେ ପ୍ରତ୍ୟେକ ଶ୍ରେଣୀ ଏବଂ ବୟସର ବ୍ୟକ୍ତି ଅଛନ୍ତି। ଭୟ କାରଣରୁ, ଲୋକମାନେ ସେମାନଙ୍କର ପରିଶ୍ରମ ଦ୍ୱାରା ଅର୍ଜନ କରିଥିବା ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି । ଯଦି ତୁମେ କେବେ ଏପରି କଲ୍ ପାଇବ ତେବେ ତୁମେ ଭୟ କରିବା ଉଚିତ ନୁହେଁ। ଆପଣ ଜାଣିବା ଉଚିତ ଯେ କୌଣସି ଅନୁସନ୍ଧାନକାରୀ ସଂସ୍ଥା ଫୋନ କଲ୍ କିମ୍ବା ଭିଡିଓ କଲ୍ ଉପରେ ଏପରି ଅନୁସନ୍ଧାନ କରନ୍ତି ନାହିଁ । ତେଣୁ ଆମକୁ ସଚେତନ ହେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ପ୍ରାୟ ୩୬ ଲକ୍ଷ ଲୋକ...

ହୋଇଥିବା ବେଳେ ଆଂଶିକ କ୍ଷତିଗ୍ରସ୍ତ ଘର ପାଇଁ ପଲିଥିନ ବଣ୍ଟନ କରାଯାଇଛି। ବାତ୍ୟା କ୍ଷୟକ୍ଷତି ରିପୋର୍ଟ କେନ୍ଦ୍ରକୁ ଦିଆଯିବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। କେନ୍ଦ୍ରୀୟ ଟିମ ମଧ୍ୟ ଆସି ଅନୁଧ୍ୟାନ କରିବେ। ସମସ୍ତଙ୍କୁ କ୍ଷତିପୂରଣ ଦିଆଯିବ । ପକ୍କା ଘର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଅଛି । ହେଲେ ଏହା ବନ୍ୟା ବାତ୍ୟାରେ ଭାଙ୍ଗିଯାଉଛି। ଏହାକୁ ଅନୁଧ୍ୟାନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କେତେ ସଂଖ୍ୟାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ମିଳିଛି ଓ ବାକି କାହିଁକି ହୋଇନି, ତାହାର ରିପୋର୍ଟ ଦେବେ ଜିଲ୍ଲାପାଳ।

## ଚୁକ୍ତିର ଅର୍ଥ ନୁହେଁ ...

ସମାଧାନ ହୋଇପାରି ନାହିଁ। ପୁଣେରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଜୟଶଙ୍କର ଏଭଳି କିଛି କହିଛନ୍ତି। ଜୟଶଙ୍କର କହିଛନ୍ତି ଉଭୟ ଦେଶର ସେନା ପଛକୁ ହଟିବା ନେଇ ଅକ୍ଟୋବର ୨୧ ତାରିଖରେ ଯେଉଁ ଚୁକ୍ତି ହେଲା, ତା' ଅନୁଯାୟୀ ଡେପସାଙ୍ଗ ଓ ଡେମଚୋକରେ ପାଟ୍ରୋଲିଂ କରାଯିବ। ସୈନ୍ୟ ପ୍ରତ୍ୟାହାରର ଏହା ପ୍ରଥମ ପର୍ଯ୍ୟାୟ ଏବଂ ଆମେ ସେହି ପର୍ଯ୍ୟାୟରେ ପହଞ୍ଚିବାରେ ସଫଳ ହୋଇଛୁ। ପୁଣେରେ ଛାତ୍ରୀଛାତ୍ରମାନଙ୍କ ସହ କଥା ହେଲା ବେଳେ ଜୟଶଙ୍କର କହିଛନ୍ତି, ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ହୋଇଥିଲେ ମଧ୍ୟ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ହେବା ପାଇଁ ଆଉ କିଛିଦିନ ସମୟ ଲାଗିବ । ଏଥିପାଇଁ ପରସ୍ପର ଉପରେ ବିଶ୍ୱାସ ଏବଂ ଏକାଠି କାର୍ଯ୍ୟ କରିବାର ଇଚ୍ଛାଶକ୍ତି ସୃଷ୍ଟି କରିବାକୁ ହେବ। ଦୁଇ ଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ଉପଦେଷ୍ଟାମାନେ ଆଲୋଚନା ମାଧ୍ୟମରେ ଏହି ପ୍ରକ୍ରିୟାକୁ ଆଗେଇ ନେବେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଗତ ୨୩ ତାରିଖରେ ହୋଇଥିବା ଦ୍ୱିପାକ୍ଷିକ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜୟଶଙ୍କର ସୂଚନା ଦେଇଛନ୍ତି। ଉଭୟ ଭାରତ ଓ ଚାଇନା ମଧ୍ୟରେ ବୁଝାମଣା ହେବା ସହ ଆସନ୍ତା ୨୯ ତାରିଖ ସୁଦ୍ଧା ଡେପସାଙ୍ଗ ଏବଂ ଡେମ୍‌ଚୋକରୁ ସେନା ପ୍ରତ୍ୟାହାର ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ସେନା ପ୍ରତ୍ୟାହାର କାର୍ଯ୍ୟ ଜାରି ରହିଥିବାବେଳେ ୩୦-୩୧ରୁ ଉଭୟ ପକ୍ଷ ପାଟ୍ରୋଲିଂ ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ଏହି ସଫଳତା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶନିବାର ଭାରତୀୟ ସେନା ଓ କୂଟନୀତିଜ୍ଞମାନଙ୍କୁ ଶ୍ରେୟ ଦେଇଛନ୍ତି।

## ଓଡିଶାରେ ଆଜିଠୁ ଆରମ୍ଭ ହେବ ସତର୍କତା ସଚେତନତା ସପ୍ତାହ ୨୦୨୪

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଆସନ୍ତା ୨୮ ଅକ୍ଟୋବରରୁ ୩ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯିବ । ଏଥରର ବିଷୟ ହେଉଛି 'ଜାତୀୟ ସମୃଦ୍ଧି ପାଇଁ ଆଦର୍ଶ ଆଚରଣର ସଂସ୍କୃତି।' ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ଭୁବନେଶ୍ୱରର ଲୋକସେବା ଭବନରେ ଆୟୋଜିତ ହେବ, ଯେଉଁଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାହ୍ନ ୧୧ଟାରେ ସତ୍ୟନିଷ୍ଠାର ଶପଥ ଗ୍ରହଣ କରାଇବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ସମ୍ମାନନୀ. ଅତିଥି ଭାବରେ ଯୋଗ ଦେବେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ପ୍ରଦାନ କରାଯାଇଛି ।


**ପୂର୍ବ ତଟ ରେଳପଥ**

01 - ଟେଣ୍ଡର ବିଜ୍ଞପ୍ତି ସଂ. ST-OT-FIRE-ALARM-KUR-434, ତା.21.10.2024ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଅଗ୍ନି ଆଲାର୍ମ ସିଷ୍ଟମର ଯୋଗାଣ ଏବଂ ସଂସ୍ଥାପନ ।

ଟେଣ୍ଡର ମୂଲ୍ୟ : ₹ 1,33,65,603.66, EMD : ₹ 2,16,800/-

02 - ଟେଣ୍ଡର ବିଜ୍ଞପ୍ତି ସଂ. S&T/OT/TELE/OFC/WORKS-435, ତା.22.10.2024ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ IB'S ପାଇଁ OFC କେବୁଲ୍ ବିଛାଇବା ଏବଂ ବିବିଧ କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ : ₹ 2,97,25,233.95, EMD : ₹ 2,98,600/-

03 - ଟେଣ୍ଡର ବିଜ୍ଞପ୍ତି ସଂ. S&T/OT/TELE/SPL/WORKS-436, ତା.22.10.2024ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅଧିକାର କ୍ଷେତ୍ରରେ SSET/ ଏକ୍ସଚେଞ୍ଜ/ଖୋର୍ଦ୍ଧା ରୋଡ଼, SSET/ WL/ଖୋର୍ଦ୍ଧା ରୋଡ଼ ଏବଂ SSET/ ଷ୍ଟୋର୍ /ଖୋର୍ଦ୍ଧା ରୋଡ଼ ସେକ୍ସନରେ ବିଶେଷ କାର୍ଯ୍ୟ ନିମନ୍ତେ ପ୍ରାବଧାନ ।

ଟେଣ୍ଡର ମୂଲ୍ୟ : ₹ 1,23,14,787.25, EMD : ₹ 2,11,600/-

ବିଡ୍ ଆରମ୍ଭ ହେବା ତାରିଖ : ତା.29.10.2024ରିଖ (କ୍ର. ସଂ. 01) ଏବଂ ତା.30.10.2024ରିଖ (କ୍ର. ସଂ. 02 ଏବଂ 03) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.11.2024 ରିଖ 1100 ଘଟିକା (କ୍ର. ସଂ. 01) ଏବଂ ତା.13.11.2024ରିଖ 1100 ଘଟିକା (କ୍ର. ସଂ. 02 ଏବଂ 03) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-666/P/24-25


# ସପ୍ତଦଶ ଅର୍ବାନ୍ ମୋବିଲିଟି ଇଣ୍ଡିଆ (ୟୁଏମ୍ଆଇ) ସମ୍ମିଳନୀ ଏବଂ ପ୍ରଦର୍ଶନୀ ୨୦୨୪ରେ

# 'ଶ୍ରେଷ୍ଠ ସାର୍ବଜନୀନ ପରିବହନ ସୁବିଧା ଥିବା ସହର' ପୁରସ୍କାର ଜିତିଲା ଭୁବନେଶ୍ୱର

**ନୂଆଦିଲ୍ଲୀ,**

କେନ୍ଦ୍ର ଆବାସ ଏବଂ ସହରାଂଚଳ ବ୍ୟାପାର ଏବଂ ଶକ୍ତି ମନ୍ତ୍ରୀ ମନୋହର ଲାଲ ରବିବାର ଗୁଜରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରରେ ତିନି ଦିନିଆ ସପ୍ତଦଶ ଅର୍ବାନ୍ ମୋବିଲିଟି ଇଣ୍ଡିଆ (ୟୁଏମ୍ଆଇ) ସମ୍ମିଳନୀ ଏବଂ ପ୍ରଦର୍ଶନୀ ୨୦୨୪ର ଉଦଯାପନୀ ଅଧିବେଶନକୁ ସମ୍ବୋଧିତ କରିବା ସହ ବିଭିନ୍ନ ବର୍ଗରେ ରାଜ୍ୟ ଓ ସହରାଂଚଳଗୁଡ଼ିକୁ ପୁରସ୍କୃତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହରକୁ 'ଶ୍ରେଷ୍ଠ ସାର୍ବଜନୀନ ପରିବହନ ସୁବିଧା ଥିବା ସହର' ଭାବେ ଜାତୀୟ ପୁରସ୍କାର ମିଳିଛି । ସେହିପରି ଶ୍ରୀନଗର ଅଣମୋଟର ପରିବହନ ବ୍ୟବସ୍ଥା ଥିବା ସହର ପୁରସ୍କାର ପାଇଛି । ସ୍ଥାୟୀ ସହରାଂଚଳ ଗତିଶୀଳତା ସମାଧାନର ଅଗ୍ରଗତି ପାଇଁ ଉତ୍ସର୍ଗୀକୃତ ଏହି ପ୍ରମୁଖ କାର୍ଯ୍ୟକ୍ରମରେ କେନ୍ଦ୍ର ଆବାସ ଏବଂ ସହରାଂଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୋଖାନ ସାହୁ, ଗୁଜରାଟ ସରକାରଙ୍କ ଅର୍ଥ ଏବଂ ଶକ୍ତି ମନ୍ତ୍ରୀ କନୁଭାଇ ଦେଶାଇ, ଓଡ଼ିଶା ସରକାରଙ୍କ ଆବାସ ଏବଂ ନଗର ଉନ୍ନୟନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଆବାସ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ସଚିବ ଶ୍ରୀନିବାସ ଆର. କାଟିକିଥାଲାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଉଦଯାପନୀ ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତ ବର୍ତ୍ତମାନ କାର୍ଯ୍ୟକ୍ଷମ ରେଳ ନେଟୱାର୍କ ଦୃଷ୍ଟିରୁ ବିଶ୍ୱରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଖୁବ୍ ଶୀଘ୍ର ଭାରତୀୟ ମେଟ୍ରୋ ନେଟୱାର୍କ ଦ୍ୱିତୀୟ ସର୍ବବୃହତ୍ ନେଟୱାର୍କରେ ପରିଣତ ହେବ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ଏକ ରାଷ୍ଟ୍ର ଏକ କାର୍ଡ'ର ପରିକଳ୍ପନା, ଯାହାକୁ 'ଜାତୀୟ ସାଧାରଣ ଗମନାଗମନ କାର୍ଡ' (ଏନସିଏମସି) କୁହାଯାଉଛି, ଏବେ ବାସ୍ତବ ରୂପ ନେଉଛି। ଭାରତର ଅଧିକାଂଶ ମହାନଗର ଏନସିଏମସି କୁ ଗ୍ରହଣ କରିଛନ୍ତି ଏବଂ ଏହା ସହରାଂଚଳ ଗମନାଗମନ କ୍ଷେତ୍ରରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ ହେବାକୁ ଯାଉଛି ବୋଲି ସେ କହିଥିଲେ ।

ଆବାସ ଏବଂ ସହରାଂଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ତୋଖାନ ସାହୁ କହିଥିଲେ, ଭାରତରେ ସହରାଂଚଳ ଗମନାଗମନ ସମସ୍ୟାର ସମାଧାନ ପାଇଁ ୨୦୦୮ ମସିହାରୁ 'ଅର୍ବାନ୍ ମୋବିଲିଟି ଇଣ୍ଡିଆ' (ୟୁଏମ୍ଆଇ)ର ବାର୍ଷିକ ସମ୍ମିଳନୀ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦେଶରେ ଦୈନିକ ମେଟ୍ରୋ ଟ୍ରେନରେ ୧ କୋଟିରୁ ଅଧିକ ଯାତ୍ରୀ ଯାତ୍ରା କରୁଥିବା ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି। 'ବିକାଶ ଭାରତ ୨୦୪୭' ପ୍ରତି ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧତା ଉପରେ ମଧ୍ୟ ସେ ଆଲୋକପାତ କରିଛନ୍ତି। ପରିବହନ କ୍ଷେତ୍ରରେ ବିଶେଷ କରି ସହରାଂଚଳ ପରିବହନ କ୍ଷେତ୍ରରେ ୟୁଏମ୍ଆଇ ର ବିଭିନ୍ନ ବର୍ଗର ପୁରସ୍କାର ରହିଛି। 'ସହରାଂଚଳ ପରିବହନରେ ଉତ୍କର୍ଷତା/ସର୍ବୋତ୍ତମ ଅଭ୍ୟାସ ପ୍ରକଳ୍ପ' ପାଇଁ ରାଜ୍ୟ/ସହର କର୍ତ୍ତୃପକ୍ଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

# ରାଜ୍ୟ ସରକାରଙ୍କ ବାତ୍ୟା ପରିଚାଳନା ବିଶ୍ୱସ୍ତରୀୟ: ମନମୋହନ ସାମଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାତ୍ୟା "ଦାନା"ର ମୁକାବିଲା ରାଜ୍ୟ ସରକାର ଯେଉଁଭଳି ଭାବେ ମିଳିତ ପ୍ରୟାସ କଲେ ତାହା ପ୍ରଶଂସନୀୟ ଅଟେ । ନିଜେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟବୃନ୍ଦ, ସରକାରୀ ଅଧିକାରୀ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ, ଅଗ୍ନିଶମ ବିଭାଗ, ଉଦ୍ଧାରକାରୀ ଦଳ, ବିଭିନ୍ନ ସାମାଜିକ ସଂଗଠନମାନେ ମିଳିମିଶି ବାତ୍ୟା "ଦାନା"ର ମୁକାବିଲା ଏବଂ ପରିଚାଳନା କରିଛନ୍ତି । ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତାମାନେ ମଧ୍ୟ ନିଜ ନିଜ ଅଂଚଳରେ ରହି ପ୍ରଶାସନ ଏବଂ ସରକାରଙ୍କୁ ସଂପୂର୍ଣ୍ଣ ସହଯୋଗ କରିଛନ୍ତି । ଓଡ଼ିଶାର ସରକାର ଯେଉଁଭଳି ଭାବେ ବିଭିନ୍ନ ଜିଲ୍ଲାରେ ବାତ୍ୟା ପରିଚାଳନା କଲେ ତାହା ବିଶ୍ୱସ୍ତରୀୟ । ଏଭଳି ବାତ୍ୟା ପରିଚାଳନା ସମଗ୍ର ବିଶ୍ୱରେ ସର୍ବୋତ୍କୃଷ୍ଟ କହିଲେ ଅତ୍ୟୁକ୍ତି ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଶ୍ରୀ ସାମଲ କହିଛନ୍ତି, ବାତ୍ୟା ପୂର୍ବରୁ ଆଗୁଆ ଯୋଜନା ପ୍ରସ୍ତୁତ କରାଯାଇ ତାହାକୁ ସଠିକ କାର୍ଯ୍ୟକାରୀ କରାଗଲା । ପ୍ରତ୍ୟେକଟି ଜୀବନର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା । 'ଜିରୋ କାଜୁଆଲ୍‌ଟି' ଉପରେ ଗୁରୁତ୍ୱ ଦିଆଯାଇ ତଳିଆ ଓ ଅସୁରକ୍ଷିତ ଅଂଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଅଂଚଳକୁ ସ୍ଥାନାନ୍ତର କରଗଲା । ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟ ପରିବେଷଣକୁ ପ୍ରାଧାନ୍ୟ ଦିଆଯିବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି । ବିଜେପି ସରକାର "ଦାନା" ବାତ୍ୟାଜନିତ କ୍ଷୟକ୍ଷତି ଭରଣ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଦେଇଛନ୍ତି । ରାସ୍ତାଘାଟ ସଫା କରି ଯୋଗାଯୋଗ ପୁନଃକ୍ଷମ କରିବା, ବିଜୁଳି ଓ ପାନୀୟ ଜଳକୁ ଲୋକଙ୍କ ପାଖକୁ ପହଂଚାଇବା ଉପରେ ବର୍ତମାନ ଗୁରୁତ୍ୱ ଦିଆଯାଉଛି । ପ୍ରଭାବିତ ଅଂଚଳରେ ସ୍ଥିତି ସ୍ୱଭାବିକ କରିବା ପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତିରେ ପ୍ରୟାସ ଜାରି ରଖିଛନ୍ତି । ଏହି ବାତ୍ୟାରେ ଅଧିକାଂଶ ସ୍ଥାନରେ ବହୁ ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି । ଏସବୁର ଆକଳନ କରି କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି । ବାତ୍ୟାଯୋଗୁ କ୍ଷତିଗ୍ରସ୍ତ ଲୋକଙ୍କ ଆର୍ଥିକ ସ୍ଥିତି ଯେପରି ପ୍ରଭାବିତ ନ ହେବ, ସେସବୁ ଉପରେ ରାଜ୍ୟରେ ବିଜେପି ସରକାର ଗୁରୁତ୍ୱ ଦେଉଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ପୁରା ଟିମ୍‌କୁ ଶ୍ରୀ ସାମଲ ଧନ୍ୟବାଦ ଦେଇଛନ୍ତି ।

ଭୁବନେଶ୍ୱର
୨୮ ଅକ୍ଟୋବର
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ମନ୍ଦିର ପରିଚାଳନା ପାଇଁ ଆରମ୍ଭ ହେବ 'ଦେବାଳୟ ପ୍ରକଳ୍ପ': ଫୋକସ୍‌ରେ ଶ୍ରୀମନ୍ଦିର

**ଭୁବନେଶ୍ୱର,୨୭/୧୦ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଧର୍ମସ୍ଥଳୀଗୁଡ଼ିକର କାୟାକଳ୍ପ ବଦଳିବ। ପର୍ଯ୍ୟଟନ, ଐତିହ୍ୟ ସହ ଧାର୍ମିକସ୍ଥଳୀର ସଂଯୋଗୀକରଣ କରାଯିବ । ତୀର୍ଥଯାତ୍ରୀଙ୍କ ପାଇଁ ପୁନଃନିର୍ମାଣ ଏବଂ ମନ୍ଦିର ପରିଚାଳନା ପାଇଁ ଆରମ୍ଭ ହେବ 'ଦେବାଳୟ ପ୍ରକଳ୍ପ' ବା 'ପ୍ରୋଜେକ୍ଟ ଦେବାଳୟ'। ଏହାରି ମାଧ୍ୟମରେ ଧାର୍ମିକ ପର୍ଯ୍ୟଟନକୁ ଆଗକୁ ନିଆଯିବ । ନିର୍ବାଚନ ପୂର୍ବରୁ ସଂକଳ୍ପ ପତ୍ରରେ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା, ନୂଆ ସରକାର ତାକୁ ପାଳନ କରିବାକୁ ଯାଉଛନ୍ତି । ଏନେଇ ନିକଟରେ ଆଲୋଚନା ଆରମ୍ଭ ହୋଇଛି । ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟରେ ଥିବା ବିଭିନ୍ନ ମନ୍ଦିରଗୁଡ଼ିକର ରେକର୍ଡ, ନଥି ବା ତଥ୍ୟ ସଂଗ୍ରହ କରାଯିବ । ସରକାରୀ ସ୍ତରରେ ଗୋଟିଏ ୱେବ୍‌ସାଇଟ୍ ବା ପୋର୍ଟାଲ୍ ପ୍ରସ୍ତୁତ ହେବ, ଯେଉଁଥିରେ ଓଡ଼ିଶାର ସବୁ ମନ୍ଦିରର ତଥ୍ୟ ରହିବ। ମନ୍ଦିର ଇତିହାସଠୁ ନେଇ ପୌରାଣିକ ଓ ଲୋକକଥା, ଦେବାଦେବୀ, ପୂଜାନୀତି, ବିଭିନ୍ନ ଯାନିଯାତ୍ରା, ସଂସ୍କୃତି, ପରମ୍ପରା, ଭୋଗ, ବେଶ, ସେବା, ସେବକ, ପୂଜକ, ରାଜ ପରିବାର ସହିତ ସମ୍ପର୍କ, ମନ୍ଦିର ଅବସ୍ଥିତି, ଠିକଣା ସହ



ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ସୂଚନା ଏବଂ ଆଖପାଖରେ ଥିବା ମନ୍ଦିର ବିଷୟରେ ଟିକିନିଖି ବର୍ଣ୍ଣନା ରହିବ । ଡିଜିଟାଲ୍ ଯୁଗରେ ସେହିଭଳି ଏକ ଅତ୍ୟାଧୁନିକ ୱେବ୍‌ସାଇଟ୍ ପ୍ରସ୍ତୁତ କରୁଛନ୍ତି ଓଡ଼ିଶା ସରକାର । ଏ ବିଷୟରେ ନିକଟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା, ଯେଉଁଠି ଏହା ଉପରେ ସବିଶେଷ ଆଲୋଚନା ହୋଇଥିବା ନେଇ ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିଛି । ଏସବୁ ଭିତରେ ଫୋକସ୍‌ରେ ରହିଛି ଶ୍ରୀମନ୍ଦିର । ରାଜ୍ୟ ସରକାର ଶପଥ ନେବାର କିଛି ଘଣ୍ଟା ଭିତରେ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିଥିଲେ । ରତ୍ନଭଣ୍ଡାର ଖୋଲିଲେ । ବାକି ପରିକ୍ରମା ପ୍ରକଳ୍ପ ସମୟରେ ଭଙ୍ଗା ହୋଇଥିବା ମଠଗୁଡ଼ିକ ପାଇଁ ଯଥେଷ୍ଟ କ୍ଷତି ପୂରଣ ସହ ପୁନଃପ୍ରତିଷ୍ଠା କରାଯିବ । ରାଜ୍ୟରେ ଥିବା ସ୍ୱୀକୃତିପ୍ରାପ୍ତ ମଠମାନଙ୍କୁ ଜମି ଆବଣ୍ଟନ ହେବ । ପୁରୁଣା ଅବକ୍ଷୟ ବା ନଷ୍ଟ ହେଇଥିବା ମଠ ପୂର୍ବଗୌରବକୁ ପୁନରୁଦ୍ଧାର ପାଇଁ ଏକକାଳୀନ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ । 'ଦେବାଳୟ ପ୍ରକଳ୍ପ'କୁ ଓଡ଼ିଶାର ୧୨ଟି ଶକ୍ତିପୀଠ, ୬ଟି ଶୈବପୀଠ, ସମଗ୍ର ଓଡ଼ିଶାର ପ୍ରସିଦ୍ଧ ତଥା ଚିହ୍ନିତ ଶ୍ରୀଜଗନ୍ନାଥ ମନ୍ଦିର ଗୁଡ଼ିକରେ କାର୍ଯ୍ୟକାରୀ କରାଯିବ । ନୟାଗଡ଼ ଓଡ଼ଗାଁ ରଘୁନାଥ ମନ୍ଦିରର ବିକାଶ ଏବଂ ସୌନ୍ଦର୍ଯ୍ୟୀକରଣ କରି ଏହାର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ମହତ୍ତ୍ୱକୁ ପୁନଃସ୍ଥାପନ କରାଯିବ । ପ୍ରତ୍ୟେକ ଲୋକ ଯେପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶୁଖିଲା ମହାପ୍ରସାଦ ପାଇପାରିବେ ସେଥିପାଇଁ ପ୍ରତି ଜିଲ୍ଲାରେ ମହାପ୍ରସାଦ ବିତରଣ କେନ୍ଦ୍ର ଖୋଲିବ । ସୂଚନାଯୋଗ୍ୟ, ଗତ ସରକାର ସମସ୍ତ ନୂଆ- ପୁରୁଣା ଶ୍ରୀଜଗନ୍ନାଥ ମନ୍ଦିରର ନଥି ପ୍ରସ୍ତୁତି ଆରମ୍ଭ କରିଥିଲେ। ଏକ ୱେବ୍‌ସାଇଟ୍ କରି ତାକୁ ପ୍ରଦର୍ଶିତ କରିବାକୁ ଯୋଜନା କରିଥିଲେ । ଗତବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ଚିଠି ଲେଖି ତଥ୍ୟ ଦାଖଲ ଲାଗି ନିର୍ଦ୍ଦେଶ ହୋଇଥିଲା ।

# ଭାରତକୁ ବିକଶିତ ରାଷ୍ଟ୍ର କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ : ବାଚସ୍ପତି

**ଭୁବନେଶ୍ୱର ୨୭/୧୦ନ୍ୟୁଜ ବ୍ୟୁରୋ**

ଦିନିକିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା। ସେ ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିବା ସହ ଆଲୋଚନା କରିଛନ୍ତି। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡା ଉପସ୍ଥିତ ରହିଥିଲେ। ସୂଚନା ଯୋଗ୍ୟ ଯେ, ରବିବାର ଶ୍ରୀ ଓମ୍ ବିର୍ଲା ଏକ ଘରୋଇ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଗସ୍ତ ଅବସରରେ 'ଓଡ଼ିଶାର ମାଟି ଆଧ୍ୟାତ୍ମିକ, ଧାର୍ମିକ, ସଂସ୍କୃତି, ଏବଂ ବୀରଯୋଦ୍ଧାଙ୍କ ମାଟି' ଭାରତକୁ ବିକଶିତ ରାଷ୍ଟ୍ର କରିବା ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ' ବୋଲି ସେ କହିଛନ୍ତି।



# ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତିଗତ ସୁରକ୍ଷା ଗାର୍ଡ ଉପଲବ୍ଧ କରାଯିବ

**ନୂଆଦିଲ୍ଲୀ ୨୭।୧୦**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ.ଚନ୍ଦ୍ରଚୂଡ଼ ନଭେମ୍ବର ୧୦ ତାରିଖରେ ତାଙ୍କ ପଦରୁ ଅବସର ଗ୍ରହଣ କରିବେ। ତେବେ ରିଟାୟରମେଣ୍ଟ ପରେ ସିଜେଆଇଙ୍କୁ କେଉଁ ସବୁ ସୁବିଧା ମିଳେ ସେ ନେଇ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶରେ ନ୍ୟାୟପାଳିକାର ସର୍ବୋଚ୍ଚ ପଦବୀରେ ଥିବା ପ୍ରଧାନ ନ୍ୟାୟାଧୀଶ ପଦରୁ ଅବସର ନେଲେ ସରକାରଙ୍କ ପକ୍ଷରୁ ତାଙ୍କୁ ଅନେକ ସୁବିଧା ଯୋଗାଇ ଦିଆଯାଇଥାଏ। ଦେଶର ନ୍ୟାୟ ବ୍ୟବସ୍ଥାରେ ତାଙ୍କ ଭୂମିକା ଓ ଯୋଗଦାନକୁ ନଜରରେ ରଖି ଅବସର ପରେ ଯେପରି ତାଙ୍କୁ ପର୍ଯ୍ୟାପ୍ତ ସମ୍ମାନ ଓ ସୁବିଧା ମିଳିବ ତାହା ସୁନିଶ୍ଚିତ କରାଯାଏ। ଏଣୁ ସିଜେଆଇ ଚନ୍ଦ୍ରଚୂଡ଼ଙ୍କୁ ମଧ୍ୟ ରିଟାୟର ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୁବିଧା ପ୍ରଦାନ କରାଯିବ। କେନ୍ଦ୍ରୀୟ ଆଇନ ମନ୍ତ୍ରଣାଳୟଙ୍କ ଅନୁସାରେ ରିଟାୟରମେଣ୍ଟ ପରେ ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତିଗତ ସୁରକ୍ଷା ଗାର୍ଡ ଉପଲବ୍ଧ କରାଯିବ। ଏହା ଛଡା ତାଙ୍କ ଘର ବାହାରେ ୨୪ ଘଣ୍ଟା ସୁରକ୍ଷା କର୍ମୀ ମୁତୟନ ରହିବେ। ଏହା ବାଦ ରିଟାୟରମେଣ୍ଟର ୬ ମାସ ପର୍ଯ୍ୟନ୍ତ ଦିଲ୍ଲୀରେ ସିଜେଆଇଙ୍କୁ ରେଣ୍ଟ ଫ୍ରି ଟାଇପ-୭ କ୍ୱାର୍ଟର ଉପଲବ୍ଧ କରାଯିବ। ଏପରି କ୍ୱାର୍ଟର ସାଧାରଣତଃ ସାଂସଦ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀମାନଙ୍କୁ ମିଳିଥାଏ। ଏପରି କ୍ୱାର୍ଟରରେ ୨ଟି ଗ୍ୟାରେଜ ଓ ଗୋଟିଏ ଲନ୍ ଥାଏ ଯାହା ସିଜେଆଇଙ୍କ ସମ୍ମାନପୂର୍ଣ୍ଣ ଜୀବନଶୈଳୀକୁ ସୁହାଇବ। ଏହା ଛଡା ଅବସର ପରେ ସିଜେଆଇଙ୍କୁ ମାସିକ ୭୦ ହଜାର ଟଙ୍କା ପେନସନ ମିଳିବ। ପେନସନ ବ୍ୟତୀତ ସିଜେଆଇଙ୍କୁ ସାରା ଜୀବନ ଜଣେ ଡ୍ରାଇଭର ଓ ଜଣେ ଚାକର ଯୋଗାଇ ଦିଆଯିବ।

## ଲୋକସଭା ବାଚସ୍ପତିଙ୍କ ଦ୍ୱାରା କିଟ୍ ପବ୍ଲିକ୍ ପଲିସି ସ୍କୁଲ୍ ଉଦ୍‌ଘାଟିତ

# ଲୋକନୀତି ନିର୍ଦ୍ଧାରଣରେ ଲୋକଙ୍କ ଭାଗୀଦାରି ରହୁ: ଓମ୍ ବିର୍ଲା

**ଭୁବନେଶ୍ୱର, ୨୭ ।୧୦ ନ୍ୟୁଜ ବ୍ୟୁରୋ**

ଦେଶ ଓ ରାଜ୍ୟରେ ସରକାର ଲୋକଙ୍କ ପାଇଁ ପ୍ରସ୍ତୁତ କରୁଥିବା ଲୋକନୀତିରେ ସାଧାରଣ ଲୋକଙ୍କ ଭାଗୀଦାରି ରହିବା ଉଚିତ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । ରବିବାର କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବିର୍ଲା କହିଲେ, ଲୋକଙ୍କ ସାମାଜିକ, ଆର୍ଥିକ ଉନ୍ନତିରେ ଦେଶ ଓ ରାଜ୍ୟର ସମୃଦ୍ଧି ନିର୍ଭର କରେ । ସମାଜର ସବୁ ବର୍ଗର ଲୋକଙ୍କୁ ଯେପରି ସମାନ ଅଧିକାର ମିଳିପାରିବ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନ୍ୟାୟପୂର୍ଣ୍ଣ ବିତରଣ ହୋଇପାରିବ, ଏହାକୁ ଦୃଷ୍ଟିରେ ରଖି ଲୋକନୀତି ପ୍ରସ୍ତୁତ କରାଯିବା ଉଚିତ । ବିଭିନ୍ନ ସମୟରେ ସରକାର, ଘରୋଇ ସଂସ୍ଥା ଓ ଶିଳ୍ପ ସମୂହ ନୀତି ନିର୍ଦ୍ଧାରଣ କରିଥାନ୍ତି । ଏଥିରେ ସାଧାରଣ ଲୋକଙ୍କ ଯେତେ ପରିମାଣରେ ଯୋଗଦାନ ରହିବ ସେହି ଆଇନ ଓ ନୀତି ବାସ୍ତବ କ୍ଷେତ୍ରରେ ସେତେ ସଫଳ ହୋଇପାରିବ। ସରକାର ଲୋକଙ୍କ ପାଇଁ ଆଇନ୍ ଓ ନୀତି ପ୍ରଣୟନ ସମୟରେ ସାଧାରଣ ଲୋକ ଆଗଭର ହୋଇ ସେମାନଙ୍କ ମତାମତ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ । ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ି ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, ଏକ ଭଲ ଚିନ୍ତାଧାରାରୁ ଏକ ଭଲ ନୀତି ନିର୍ଦ୍ଧାରଣ ହୋଇପାରେ । ବିକଶିତ ଓଡ଼ିଶା ଗଠନରେ ଏଭଳି ଭଲ ଚିନ୍ତାଧାରାର ଆବଶ୍ୟକତା ରହିଛି । ଏ କ୍ଷେତ୍ରରେ କିଟ୍ ସ୍କୁଲ୍ ଅଫ୍ ପବ୍ଲିକ ପଲିସିର




ଯୋଗଦାନ ରହିବ ବୋଲି ସେ ଆଶା ପୋଷଣ କରିଥିଲେ । ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏଥିରେ ଯୋଗଦେଇ କହିଲେ, ସରକାର ଯେତେବେଳେ ଯୋଜନା ପ୍ରସ୍ତୁତ କରନ୍ତି ସେତେବେଳେ କୌଣସି ଜଣେ ବ୍ୟକ୍ତି ପାଇଁ ନୁହେଁ, ସମୂହ ବିକାଶ ନିମନ୍ତେ ନୀତି ପ୍ରସ୍ତୁତ କରିଥାନ୍ତି । ତେବେ ନୀତି ନିର୍ଦ୍ଧାରଣରେ କିଟ୍ ପବ୍ଲିକ୍ ପଲିସି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପ୍ରୟାସ ଜାରି ରହିବ ବୋଲି କହିଥିଲେ । ଓଡ଼ିଶା ଆଇନ, ଅବକାରୀ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ, ଏକ ଉତ୍ତମ ଲୋକନୀତି ହେଉଛି ଏକ ଉତ୍ତମ ସରକାରର ପରିଚୟ । ଲୋକଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ନୀତି ନିର୍ଦ୍ଧାରଣ କରାଯାଇଥାଏ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଲେ ଡ.ଅଚ୍ୟୁତ ସାମନ୍ତ ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ବତୀଘର । ଡ. ସାମନ୍ତ ଯାହା ଆଜି ହାସଲ କରିଛନ୍ତି ତାହା ହାସଲ କରିବା ପାଇଁ ଗୋଟିଏ ଜନ୍ମ ଯଥେଷ୍ଟ ନୁହେଁ । ଲୋକନୀତି ହେଉଛି କ'ଣ କରିବା ଉଚିତ ଏବଂ କ'ଣ ନ କରିବା ଉଚିତ । ସମାଜର ସବୁଠାରୁ ତଳସ୍ତରର ଲୋକଙ୍କ ନିକଟରେ ଯେପରି ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ଲୋକନୀତି ପ୍ରସ୍ତୁତ ହେବା ଦରକାର । ଏଭଳି ନୀତି ପ୍ରସ୍ତୁତ ହେବା ଦରକାର ଯେଉଁଠି ସରକାର ଅପେକ୍ଷା ସାଧାରଣ ଲୋକଙ୍କ ଭାଗୀଦାରି ଅଧିକ ରହିଥିବ ବୋଲି ସେ କହିଥିଲେ । ସ୍ୱାଗତ ଭାଷଣ ଦେବା ସହ ଡ.ସାମନ୍ତ କିଟ୍ ପବ୍ଲିକ୍ ପଲିସି ସ୍କୁଲ୍ ଉପରେ ସୂଚନା ଦେଇ କହିଲେ, ଏହା ଏକ ବର୍ଷିଆ ପାଠ୍ୟକ୍ରମ ହୋଇଥିବା ବେଳେ ଏଥିରେ ନଲେଜ ପାର୍ଟନର ଅଛନ୍ତି ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ଅନ୍ତର୍ଗତ ଇଣ୍ଡିଆନ୍ କାଉନ୍ସିଲ୍‌ଅଫ୍ ୱାର୍ଲ୍ଡ ଆଫାୟାରସ (ଆଇସିଡବ୍ଲୁଏ) ଓ ଇଟାଲିର ଟରେନ୍‌ସ୍ଥିତ ୟୁନାଇଟେଡ୍ ନେସନ୍ସ ସିଷ୍ଟମ୍ ଷ୍ଟାଫ୍ କଲେଜ (ୟୁଏନ୍ଏସ୍ଏସ୍‌ସି)। ଅନ୍ୟମାନଙ୍କ ମଧ୍ୟରେ ଇକ୍ୱେଡରର ପ୍ରାକ୍ତନ ଉପରାଷ୍ଟ୍ରପତି ଓଟୋ ରାମନ, ବିଶିଷ୍ଟ ବଲିଉଡ୍ ନିର୍ଦ୍ଦେଶକ ତଥା ଅଭିନେତା ଡା. ଚନ୍ଦ୍ରପ୍ରକାଶ ଦ୍ୱିବେଦୀ, ଆଇସିଡବ୍ଲୁଏର ଅତିରିକ୍ତ ସଚିବ ନୂତନ କପୁର ମହାୱାର, ୟୁଏନ୍ ରେସିଡେଣ୍ଟ ସଂଯୋଜକ ଶୋମ୍ବି ସାର୍ପ, ଇଟାଲିସ୍ଥିତ ୟୁଏନ୍ଏସ୍ଏସ୍‌ସି ନିର୍ଦ୍ଦେଶକ ଡ. ଜାଫର ଯାଭନ, ନୂଆଦିଲ୍ଲୀସ୍ଥିତ ଏସିଆ ସୋସାଇଟି ପଲିସି ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଅକ୍ଷୟ ମାଥୁର, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, କୁଳପତି ପ୍ରଫେସର ଶରଣଜିତ ସିଂହ ଓ କିଟ୍ ସ୍କୁଲ୍ ଅଫ୍ ଲ'ର ପ୍ରଫେସର ଏମେରିଟସ୍ ଏନ୍ ଏଲ୍ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମହାରାଷ୍ଟ୍ରରୁ ଶିମିଳିପାଳକୁ ଆସିଲା ବାଘୁଣୀ

**ଭୁବନେଶ୍ୱର ୨୭।୧୦ ନ୍ୟୁଜ ବ୍ୟୁରୋ**

ଶିମିଳିପାଳ ଅଭୟାରଣ୍ୟକୁ ଆସିଲା ବାଘୁଣୀ । ମହାରାଷ୍ଟ୍ରରୁ ଆସିଲା ବାଘୁଣୀ । ତାକୁ ଶିମିଳିପାଳ କୋର୍ ଅଞ୍ଚଳରେ ରଖାଯିବ। ରବିବାର ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟରୁ ଆସି ଶିମିଳିପାଳରେ ବାଘୁଣୀ ପହଞ୍ଚିଛି । ବନ ବିଭାଗର ସ୍ୱତନ୍ତ୍ର ଟିମ୍‌ଙ୍କ ନିରୀକ୍ଷଣରେ ବାଘୁଣୀ ଆସି ପହଞ୍ଚିଥିବା ଜଣାପଡିଛି । ଏହାପରେ ଆଉ ଏକ ବାଘୁଣୀ ମଧ୍ୟ ଅଣାଯିବ। ମହାରାଷ୍ଟ୍ରରୁ ମୋଟ୍ ୨ଟି ବାଘୁଣୀ ଶିମିଳିପାଳକୁ ଆସିବେ ବୋଲି ଜଣାପଡିଛି । ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶାରେ ୩୦ ମହାବଳ ବାଘ ଅଛନ୍ତି। ସେଥିରୁ ୨୭ଟି ମହାବଳ ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି।

# ଥାନାରେ ଉତ୍ପାତ କଲେ ଆଉ ରକ୍ଷା ନାହିଁ ପୁଲିସ ଅଧିକାରୀ ପିନ୍ଧିବେ ବଡି କ୍ୟାମେରା

**କଟକ, ୨୭/୧୦ ନ୍ୟୁଜ ବ୍ୟୁରୋ**

ଅମାନିଆଙ୍କୁ ସାବାଡ୍ କରିବାକୁ ନୂଆ ଯୋଜନା ପ୍ରସ୍ତୁତ କରିଛି କମିଶନରେଟ ପୁଲିସ। ଥାନା ଅଭ୍ୟର୍ଥନା କକ୍ଷ ଦାୟିତ୍ୱରେ ଥିବା ଅଧିକାରୀ ପିନ୍ଧିବେ ବଡି କ୍ୟାମେରା। ଥାନାକୁ ଆସି ଗଣ୍ଡଗୋଳ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଭିଡିଓ ଏବଂ ଅଡିଓ ଏଥିରେ ରେକର୍ଡ ହେବ। ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ ପୂର୍ବରୁ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରିଛି କମିଶନରେଟ ପୁଲିସ। ତେବେ କେବଳ ଏତଲାକାରୀ ନୁହେଁ, ପୁଲିସର ବ୍ୟବହାର ମଧ୍ୟ ରେକର୍ଡ଼ ହେବ। ପାନିକ୍ ବଟନ ଦବାଇବା ମାତ୍ରେ ସମସ୍ତ ଘଟଣା ରେକର୍ଡ ହେବ ଏବଂ କ୍ୟାମେରାରେ କଏଦ ହୋଇଥିବା ଦୃଶ୍ୟକୁ ସିଧାସଳଖ ପୁଲିସ କମିଶନର ଓ ଡିସିପି ଦେଖିବେ। ନିକଟରେ ଭରତପୁର ଥାନା ଏବଂ ଖଣ୍ଡଗିରି ଥାନାରେ ଘଟିଥିବା ଘଟଣା ପରେ କମିଶନରେଟ ପୁଲିସ ପକ୍ଷରୁ ଏହି ଯୋଜନା କରାଯାଇଥିବା କୁହାଯାଉଛି।

# ଭରତପୁର ଥାନାରେ ଦୁର୍ବ୍ୟବହାର ମାମଲା : ବଢ଼ିଲା ୧୦ ଦିନ ସତ୍ୟପାଠ ଦାଖଲ ସମୟ ସୀମା

**ଭୁବନେଶ୍ୱର ୨୭/୧୦ନ୍ୟୁଜ ବ୍ୟୁରୋ**

ବହୁଚର୍ଚ୍ଚିତ ଭରତପୁର ଥାନା ଆର୍ମି ଅଫିସର ଓ ବାନ୍ଧବୀଙ୍କୁ ଦୁର୍ବ୍ୟବହାର ମାମଲାରେ ବଢ଼ିଲା ସତ୍ୟପାଠ ଦାଖଲର ସମୟ ସୀମା। ବିଚାର ବିଭାଗୀୟ ତଦନ୍ତ କମିଶନର ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ ତଦନ୍ତ କମିଶନ ପକ୍ଷରୁ ସମୟ ସୀମାକୁ ବୃଦ୍ଧି କରାଯାଇଛି। ସମୟ ସୀମାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଛି ଯାହା ଆସନ୍ତା ମାସ ୮ ତାରିଖରେ ସତ୍ୟପାଠ ଦାଖଲ ଶେଷ ତାରିଖ ରହିଛି। ସୋମବାର ସତ୍ୟପାଠ ଦାଖଲର ଶେଷ ତାରିଖ ଥିବା ବେଳେ ଏହି ସମୟ ସୀମାକୁ ବୃଦ୍ଧି କରାଯାଇଛି । ସେପଟେ ଏ ଘଟଣାରେ କମିଶନଙ୍କ ନିକଟରେ ଘଟଣା ସମ୍ପର୍କିତ ସତ୍ୟପାଠ ଦାଖଲ କରିଛନ୍ତି ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀ। ସେଦିନ ତାଙ୍କ ସହ କ'ଣ ଘଟିଥିଲା ସେ ସମ୍ପର୍କରେ ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ମେଜର ଓ ବାନ୍ଧବୀ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି ଏହି ଘଟଣାରେ କମିଶନ ପକ୍ଷରୁ ସତ୍ୟପାଠ ଦାଖଲ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା । ଏଯାଏଁ ପାଖାପାଖି ୨୦୦ ଜଣ ସତ୍ୟପାଠ ଦାଖଲ କରିସାରିଥିବା ଜଣାପଡିଛି। ସୂଚନା ଥାଉକି, ଆର୍ମି ମେଜର ଓ ତାଙ୍କ ବାନ୍ଧବୀ ୧୪ ତାରିଖ ରାତିରେ ପଟିଆରୁ ଭରତପୁରକୁ ରାତିରେ ଆସୁଥିଲେ । ରାସ୍ତାରେ ୨ଟି କାରକୁ ସେ ଓଭରଟେକ୍ କରିଥିଲେ। କାର୍‌ରେ ଥିବା ଯୁବକମାନେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ଅଟକାଇ ଦୁର୍ବ୍ୟବହାର ସହ ଆକ୍ରମଣ କରିଥିଲେ। ଏନେଇ ରାତିରେ ଭରତପୁର ଥାନାକୁ ଅଭିଯୋଗ କରିବାକୁ ଆସିଥିଲେ ମେଜର ଓ ତାଙ୍କ ବାନ୍ଧବୀ । ତେବେ ସେଠାରେ ପୋଲିସ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଏହା ପରେ ଉଭୟଙ୍କୁ ପୁଲିସ ନିର୍ଯ୍ୟାତନା ଦେଇଥିଲା। ଏପରିକି ମେଜରଙ୍କ ବାନ୍ଧବୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଥାନାରେ ଅଭିଯୋଗ କରିବାକୁ ଆସି ପୋଲିସ ଠାରୁ ମାଡ ଖାଇବା ଓ ନିର୍ଯାତନା ଦିଆଯିବା ଅଭିଯୋଗ ହେବା ପରେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ଡିଜିପି ୱାଇବି ଖୁରାନିଆ । ଏଥିସହ ୫ ପୋଲିସ ଅଫିସରଙ୍କୁ ଡିଜିପି ନିଲମ୍ବିତ କରିଥିଲେ। ଏହି ମାମଲାରେ ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ତଦନ୍ତ ଚାଲିଛି। ଏହା ପୂର୍ବରୁ ସତ୍ୟାପାଠ ଦାଖଲ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଯାହା ସୋମବାର ଅର୍ଥାତ ଅକ୍ଟୋବର ୨୮ ତାରିଖରେ ସତ୍ୟାପାଠ ଦାଖଲ ଶେଷ ତାରିଖ ଥିଲା କିନ୍ତୁ ବର୍ତ୍ତମାନ ସତ୍ୟପାଠ ଦାଖଲ ସମୟ ସୀମାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଛି ଯାହା ନଭେମ୍ବର ୮ ତାରିଖ ଯାଏ ଚାଲିବ।

# ଭାରତରେ ୨୦୨୪ରେ ଗରିବ ଲୋକଙ୍କ ସଂଖ୍ୟା ଅଧିକ: ବିଶ୍ୱ ବ୍ୟାଙ୍କ

**ନୂଆଦିଲ୍ଲୀ, ୨୭/୧୦**

ଭାରତରେ ଏବେ ବି ୧୨୯ ମିଲିଅନ (୧୨.୪) ଲୋକ ଅତି ଦାରିଦ୍ର୍ୟ ସୀମା ରେଖା ତଳେ ରହୁଛନ୍ତି। ସେମାନଙ୍କ ଦୈନିକ ରୋଜଗାର ୧୮୧ ଟଙ୍କା (୨.୧୫ ଡଲାର)ରୁ ବି କମ୍। ତେବେ ୧୯୯୦ ମସିହାରେ ଦେଶରେ ୪୩୧ (୪୩.୧ କୋଟି) ମିଲିଅନ ଲୋକେ ଅତି ଦାରିଦ୍ର୍ୟ ସୀମା ରେଖା ତଳେ ରହୁଥିଲେ। ଯେଉଁମାନଙ୍କର ଦୈନିକ ରୋଜଗାର ୧୮୧ ଟଙ୍କାରୁ ବି କମ ଥିଲା। ବିଶ୍ୱ ବ୍ୟାଙ୍କ ଏକ ରିପୋର୍ଟ ଜାରି କରି ଏହି ସୂଚନା ଦେଇଛି। ତେବେ ମଧ୍ୟମ ଆୟର ଦେଶ ପାଇଁ ନିର୍ଦ୍ଧାରିତ ଦୈନିକ ରୋଜଗାର ସୀମା ୬.୮୫ ଡଲାର (୫୭୬ ଟଙ୍କା) ଆଧାରରେ ଦେଖିଲେ ୧୯୯୦ ଅପେକ୍ଷା ୨୦୨୪ରେ ଅଧିକ ଲୋକ ଗରିବ ସୀମାରେଖା ତଳେ ରହୁଛନ୍ତି। ଭାରତରେ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଏହି ଦାରିଦ୍ରତାର ଏକ କାରଣ ବୋଲି ବିଶ୍ୱ ବ୍ୟାଙ୍କ କହିଛି। 'ପଭର୍ଟି, ପ୍ରସ୍ପରିଟି ଆଣ୍ଡ ପ୍ଲାନେଟ: ପଥୱେସ୍ ଆଉଟ ଅଫ୍ ଦି ପଲିକ୍ରାଇସିସ' ଶୀର୍ଷକ ରିପୋର୍ଟରେ କୁହାଯାଇଛି ଯେ କେବଳ ଭାରତରେ ଏହି ସମୟ ମଧ୍ୟରେ ଅତ୍ୟଧିକ ଗରିବ ଲୋକଙ୍କ ସଂଖ୍ୟା ୪୩୧ ନିୟୁତରୁ ୧୨୯ ମିଲିୟନକୁ ଖସି ଆସିଛି। ସମଗ୍ର ଦକ୍ଷିଣ ଏସିଆ ଏବଂ ଉପସାହାରା ଆଫ୍ରିକା, ମଧ୍ୟ ପୂର୍ବ ଏବଂ ଉତ୍ତର ଆଫ୍ରିକାରେ ମଧ୍ୟ ସମାନ ସ୍ଥିତି ଦେଖା ଦେଇଛି ବୋଲି ବିଶ୍ୱ ବ୍ୟାଙ୍କ କହିଛି।



ତେବେ ୨୦୨୨-୨୩ରେ ଜାରି ଘରୋଇ ଖର୍ଚ୍ଚ ଏବଂ ବ୍ୟୟ ସର୍ଭେକ୍ଷଣର ନୂଆ ରିପୋର୍ଟରେ ଏହି ଗବେଷଣା ଡାଟାକୁ ସାମିଲ୍ କରାଯାଇ ନାହିଁ। କାରଣ କିଛି ଜରୁରୀ ବିଶ୍ଲେଷଣ କାର୍ଯ୍ୟ ସମୟ ଅନୁସାରେ ସରିନଥିଲା। ତେଣୁ ଏହାକୁ ସାମିଲ୍ କରାଯାଇ ପାରି ନାହିଁ ବୋଲି ବିଶ୍ୱ ବ୍ୟାଙ୍କ କହିଛି। ଏହି ଦୁଇଟି ନୂଆ ଆକଳନକୁ ମିଶାଇବା ଦ୍ୱାରା ବିଶ୍ୱ ଦାରିଦ୍ର୍ୟ ଆକଳନ ରିପୋର୍ଟରେ କେତେ ପାର୍ଥକ୍ୟ ଆସିବ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ରିପୋର୍ଟରେ କିଛି ଠୋସ୍ ସିଦ୍ଧାନ୍ତ ଦିଆଯାଇଛି। ଆଫ୍ରିକାର ସାହାରା ଅଞ୍ଚଳ ତଥା ଅନ୍ୟାନ୍ୟ ପଛୁଆ ଦେଶମାନଙ୍କରେ ଅତ୍ୟଧିକ ଦାରିଦ୍ର୍ୟତା ରହିଛି। ଏହାକୁ ଦୃଷ୍ଟିରେ ରଖି ୨୦୩୦ ସୁଦ୍ଧା ଦାରିଦ୍ର୍ୟ ଦୂର କରିବାର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ପୂରଣ କରିବାରେ ଆହୁରି ବହୁତ ସମୟ ଲାଗିପାରେ ବୋଲି ବିଶ୍ୱ ବ୍ୟାଙ୍କ କହିଛି। ତେବେ ଚଳିତ ଦଶନ୍ଧୀର ଶେଷ ବେଳକୁ ଭାରତରେ ଅତି ଦାରିଦ୍ର୍ୟ ୩ ପ୍ରତିଶତ ଖସିପାରେ। ଫଳରେ ଆସନ୍ତା ଦଶନ୍ଧୀରେ ବିଶ୍ୱ ଅତି ଦାରିଦ୍ର୍ୟ ସ୍ଥିତିରେ ଭାରତର ଅବଦାନ ଯଥେଷ୍ଟ କମିଯିବ ବୋଲି ରିପୋର୍ଟରେ କୁହାଯାଇଛି। ଭାରତକୁ ନେଇ ହୋଇଥିବା ଏହି ଆକଳନ ଆସନ୍ତା ଦଶନ୍ଧୀ ମଧ୍ୟରେ ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅଭିବୃଦ୍ଧିର ଆକଳନ ଏବଂ ଐତିହାସିକ ଅଭିବୃଦ୍ଧି ହାର ଉପରେ ଆଧାରିତ। ୨୦୩୦ ମସିହାରେ ଭାରତର ଚରମ ଦାରିଦ୍ର୍ୟ ହାରକୁ ଶୂନରେ ରଖିଲେ ବି ୨୦୩୦ ସୁଦ୍ଧା ବିଶ୍ୱ ଚରମ ଦାରିଦ୍ର୍ୟ ହାର ୭.୩୧ ରୁ ୬.୭୨ ପ୍ରତିଶତକୁ ଖସି ଆସିବ। ଯାହା ନିର୍ଦ୍ଧାରିତ ୩ ପ୍ରତିଶତ ଲକ୍ଷ୍ୟଠାରୁ ବହୁତ ଅଧିକ ହେଉଛି ବୋଲି ବିଶ୍ୱ ବ୍ୟାଙ୍କ କହିଛି। ବିଶ୍ୱରେ ଚରମ ଦାରିଦ୍ର୍ୟତା କମିବାର ଗତି ମନ୍ଥର ହୋଇଛି। ତେଣୁ ୨୦୨୦-୩୦ ଦଶନ୍ଧୀ ମଧ୍ୟରେ ଚରମ ଦାରିଦ୍ର୍ୟ ହ୍ରାସ କରିବାକୁ ସଠିକ୍ ସମୟ ବୋଲି ବିବେଚନା କରାଇଯାଇପାରିବ ନାହିଁ। ବର୍ତ୍ତମାନ ଯେଉଁ ହାରରେ ଅତି ଦାରିଦ୍ର୍ୟତା କମୁଛି ସେହି ହାରରେ ଦେଖିଲେ ଦାରିଦ୍ର୍ୟ ଦୂରିକରଣ ପାଇଁ ଆହୁରି ଏକାଧିକ ଦଶନ୍ଧୀ ଲାଗିଯିବ। ସେହିପରି ଦୈନିକ ୬.୮୫ ଡଲାରରୁ ଅଧିକ ରୋଜଗାର ଶ୍ରେଣୀରେ ଲୋକଙ୍କୁ ନେବା ପାଇଁ ଶତାବ୍ଦୀ ସମୟ ଲାଗିଯାଇପାରେ ବୋଲି ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ଦର୍ଶାଇଛି। ରିପୋର୍ଟରେ ଆହୁରି ଗୁରୁତ୍ୱାରୋପ କରାଯାଇଛି ଯେ ଯଦିଓ ୧୯୯୦ ମସିହାରୁ ୨୦୧୩ ପର୍ଯ୍ୟନ୍ତ ଚରମ ଦାରିଦ୍ୟତା ଗୁରୁତ୍ୱପୂର୍ଣ୍ଣ ହ୍ରାସ ଘଟିଛି, ହେଲେ ସେବେଠାରୁ ପ୍ରଗତିରେ ମଧ୍ୟ ନାଟକୀୟ ଢଙ୍ଗରେ ହ୍ରାସ ଘଟିଛି। ୧୯୯୦ରୁ ୨୦୧୩ ମଧ୍ୟରେ ଚରମ ଦାରିଦ୍ର୍ୟତା ୩୭.୮ ପ୍ରତିଶତରୁ ୧୧.୫ ପ୍ରତିଶତକୁ ଖସି ଆସିଥିବା ବେଳେ ୧.୨ ବିଲିଅନ ଲୋକ ଦାରିଦ୍ର୍ୟ ସୀମା ରେଖା ତଳୁ ବାହାରିଛନ୍ତି। ଏହାପରଠାରୁ ଏମିତିକି କୋଭିଡ୍ ଗ୍ରାସିବା ପୂର୍ବରୁ ଦାରିଦ୍ର୍ୟ ଦୂରିକରଣ ଗତି ମନ୍ଥର ହେବାରେ ଲାଗିଛି। ୨୦୧୩ରୁ ୨୦୧୮ ମଧ୍ୟରେ ଚରମ ଦାରିଦ୍ର୍ୟତା ଦୂରିକରଣ ଗତି ମନ୍ଥର ହୋଇ ମାତ୍ର ୨.୮ ପ୍ରତିଶତ ହ୍ରାସ ପାଇଛି। ତେବେ ୨୦୧୮ ପର ଠାରୁ ଧାରା ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି ବୋଲି ବିଶ୍ୱ ବ୍ୟାଙ୍କ ତା'ରିପୋର୍ଟରେ ଉଲ୍ଲେଖ କରିଛି।

DSPL-156




## ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଭାରତ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ପୂର୍ବରୁ କେବଳ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ବି.ସି.ଜି. ଟୀକା ଦିଆଯାଉଥିବା ବେଳେ ଏବେ ବୟସ୍କ ଲୋକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଟୀକାକରଣ ଶିବିରରେ ଏହି ଟୀକା ଦିଆଯାଉଅଛି। ଯେଉଁମାନେ ଏହି ଟୀକା ନେବାକୁ ଯୋଗ୍ୟ ସେମାନେ ହେଲେ –

- ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି
- ୧୮ ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ବ୍ୟକ୍ତି ଯିଏକି –
  - ବିଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀ ଭାବେ ଚିହ୍ନଟ ଓ ଚିକିତ୍ସିତ ହୋଇଥିବେ,
  - ବିଗତ ୩ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀର ସଂସ୍ପର୍ଶରେ ଆସିଥିବେ,
  - ମଧୁମେହ ରୋଗୀ ହୋଇଥିବେ,
  - ଧୂମପାନ କରୁଥିବେ କିମ୍ବା
  - କୁପୋଷଣର ଶିକାର ହୋଇଥିବେ

ଏହି କାର୍ଯ୍ୟକ୍ରମ ପାଇଁ ଆମ ରାଜ୍ୟର ୧୫ଟି ଜିଲ୍ଲା (ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ରାୟଗଡା ଓ ସୁନ୍ଦରଗଡ) ଚିହ୍ନଟ ହୋଇଛି।

କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ।

**ଆସନ୍ତୁ ସମସ୍ତେ ମିଶି ଏହାକୁ ସଫଳ କରିବା, ଦେଶକୁ ଯକ୍ଷ୍ମାମୁକ୍ତ କରିବା**

OIPR-10003/13/0085/2425

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/